୬ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କଲେ ପୂରନ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୩୩ ● ୧୧ ଜୁନ୍ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-133 ●11 th June 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27







### ବର୍ଷପୂର୍ତ୍ତି ଶାସନର ଅବ୍ୟବହିତ ପୂର୍ବରୁ ରିପୋର୍ଟ କାର୍ଡ ଦେଲେ ମୁଖ୍ୟମନ୍ତ୍ରୀ

# ଗରିବ କଲ୍ୟାଣ ପାଇଁ ସମର୍ପିତ ସେବା ଓ ସୁଶାସନରେ ଓଡ଼ିଶା ଦେଶରେ ରୋଲ ମଡେଲ

ଭୁବନେଶ୍ୱର, ୧୦।୬

ନ୍ୟୁଜ୍ ବ୍ୟୁରୋ

ଗରିବ କଲ୍ୟାଣ ପାଇଁ ସମର୍ପିତ ସେବା ଓ ସୁଶାସନରେ ଓଡ଼ିଶା ସମଗ୍ର ଦେଶରେ ରୋଲ ମଡେଲ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ୧୧ବର୍ଷ ପୂର୍ତ୍ତି ପାଳନ ସହ ଏବଂ ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ମଧ୍ୟାହ୍ନରେ ଗୀତଗୋବିନ୍ଦ ସଦନଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆହୂତ ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବର୍ଷ ପୂର୍ତ୍ତି ଶାସନର ଅନୁଭୂତି, କାର୍ଯ୍ୟାନ୍ୱୟନ, ଉପଲବ୍ଧି ଏବଂ ସାଧାରଣ ଲୋକଙ୍କ ପାଇଁ ସମର୍ପିତ ସେବା ଓ ଗରିବ କଲ୍ୟାଣ ଯୋଜନାର ସଫଳତା ଏବଂ ସରକାରଙ୍କ ଦୃଢ ଇଚ୍ଛାଶକ୍ତି ବଳରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସମୃଦ୍ଧ ପଥରେ ଆଗେଇଛି ଏବଂ ବିକଶିତ ଭାରତ ପାଇଁ ପଥ ପ୍ରଦର୍ଶକ ସାଜିଥିବା ନେଇ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଥିଲେ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜୁନ ୯, ୨୦୨୪ ସ୍ୱାଧୀନ ଭାରତର ରାଜନୈତିକ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଦିନ ଥିଲା । ଏହି ଦିନ, ଦେଶର ସବୁଠାରୁ ଲୋକପ୍ରିୟ ଜନନାୟକ ନରେନ୍ଦ୍ର ମୋଦୀ ଲଗାତାର ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ଏବଂ ସୋମବାର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସଫଳତାର ସହିତ ୧୧ ବର୍ଷ ପୂରା କରିବା ସହିତ ତୃତୀୟ ପାଳିର ପ୍ରଥମ ବାର୍ଷିକୀ ପୂରଣ କରିଛି।

୨୬, ମେ' ୨୦୧୪ରେ ପ୍ରଥମ ଥର ପାଇଁ ଶପଥ ନେଇଥିବା ମୋଦୀ ସରକାରଙ୍କ ସଫଳତା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ରଚିତ ହୋଇରହିବ। ଏକ ଦୁର୍ନୀତିଗ୍ରସ୍ତ, ଅପାରଗ ଏବଂ ସାରା ଦେଶରେ ଖେଳିଯାଇଥିବା ନକରାତ୍ମକ ଭାବନା ବଦଳରେ ଆଶାର ଆଲୋକ ଖେଳିଯାଇଥିଲା। ଲୋକଙ୍କ ଆଶା ଭରସାକୁ ମୋଦୀ ସରକାର ଅତୁଟ ରଖିବାରେ ସମର୍ଥ ହୋଇଥିଲେ, ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ପ୍ରଧାନମନ୍ତ୍ରୀ ସମର୍ଥ ହୋଇଥିଲେ।

ଏହି ୧୧ ବର୍ଷର ସଫଳତାର ତାଲିକା ଅନେକ। କିନ୍ତୁ, ସଂକ୍ଷେପରେ କହିଲେ ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଥିଲା, ଦେଶ ପାଇଁ ତଥା ବ୍ୟକ୍ତିଗତ ସ୍ତରରେ। ଆମ ପାଇଁ ଦେଶ ହେଉଛି ସର୍ବୋପରି। ତେଣୁ ଦେଶ କଥା କହିଲେ ମୋଦୀ-ସରକାରଙ୍କ ସବୁଠାରୁ ବଡ ଉଲ୍ଲେଖନୀୟ ସଫଳତା ହେଉଛି, ସମ୍ବିଧାନର ଅନୁଚ୍ଛେଦ ୩୭୦ର ଉଚ୍ଛେଦ କରି ଜମ୍ମୁ ଓ କଶ୍ମୀରକୁ ଦେଶ ସହିତ ସଂପୂର୍ଣ୍ଣ ଭାବରେ (ପୃଷ୍ଠା ୭ରେ)

# ରାତି ପାହିଲେ ସ୍ନାନ ପୂର୍ଣ୍ଣିମା

# ଶ୍ରୀକ୍ଷେତ୍ର ପାଲଟିଲା ଜନସମୁଦ୍ର

ପୁରୀ, ୧୦।୬

ନ୍ୟୁଜ୍ ବ୍ୟୁରୋ

ରାତି ପାହିଲେ ସ୍ନାନ ପୂର୍ଣ୍ଣିମା। ମଙ୍ଗଳବାର ସନ୍ଧ୍ୟାରୁ ଶ୍ରୀକ୍ଷେତ୍ର ପୁରୀରେ ଟ୍ରାଫିକ ଜାମ ଆରମ୍ଭ ହୋଇଯାଇଛି। ଫଳରେ ରାସ୍ତାରେ ଶହ ଶହ ଗାଡ଼ି ଅଟକି ଯାଇଥିଲା। ଏନେଇ ପୁରୀ ବାସିନ୍ଦା ଓ ଶ୍ରଦ୍ଧାଳୁଙ୍କ ଯାତାୟାତରେ ସମସ୍ୟା ହେଉଥିବା ଦେଖିବାକୁ ମିଳିଛି। ଏପରିକି ପାଦରେ ଚାଲିକି ଯିବା ବି ସମ୍ଭବ ହୋଇନଥିଲା।

ଏପଟେ ରାତି ପାହିଲେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ପୁରୀ ଶ୍ରୀମନ୍ଦିର ରତ୍ନ ବେଦୀ ଛାଡ଼ି ସ୍ନାନବେଦୀକୁ ବିଜେ କରିବେ ମହାପ୍ରଭୁ। ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବେ ଚତୁର୍ଦ୍ଧାମୂର୍ତ୍ତି । ବୁଧବାର ଅପରାହ୍ନ ୪ଟାରେ ଦୁର୍ଲଭ ହାତୀ ବେଶରେ ମହାପ୍ରଭୁ ଦର୍ଶନ ଦେବେ। ଏଥିପାଇଁ ଏବେଠୁ ପୁରୀରେ ବଢ଼ିଲାଣି ଗହଳିଚହଳି। ମହାପ୍ରଭୁଙ୍କ ପହଣ୍ଡି, ଜଳ ଲାଗି ଓ ହାତୀ ବେଶ ଆଦି ନୀତିକୁ ଶୃଙ୍ଖଳିତ କରିବା ଲାଗି ସେବାୟତ ଓ ପ୍ରଶାସନ ସମସ୍ତେ ପ୍ରସ୍ତୁତ।

ମଙ୍ଗଳବାର ମହାପ୍ରଭୁଙ୍କ ପହଣ୍ଡି ଲାଗି



ପ୍ରଥମେ କୋଠ ସୁଆସିଆମାନେ ସିଂହାସନରେ ଚାରମାଳ ବାନ୍ଧିବା ପରେ ଦଇତାପତିମାନେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ସେନାପଟା ଲାଗି କରିଛନ୍ତି । ସ୍ନାନ ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ପାଇଁ ୭୦ ପ୍ଲାଟୁନ ପୋଲିସ ଓ ଗୋଟିଏ ସେକ୍ସନ ଫୋର୍ସ ମୁତୟନ ହେବେ । ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ କଟକଣା ଜାରି କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି, ପୁରୀ ଏସପି ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି । ପୁରୀ ବଡ଼ଦାଣ୍ଡ ଓ ସମ୍ପୂର୍ଣ୍ଣ ସହର ସିସିଟିଭି ନଜରରେ ରହିବ। ତାତି ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣର ପାଣିର ବ୍ୟବସ୍ଥା ହୋଇଛି ।

## ପ୍ରକାଶ ପାଇଲା ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷା ଫଳ



ଭୁବନେଶ୍ୱର, ୧୦।୬

ନ୍ୟୁଜ୍ ବ୍ୟୁରୋ

ଓଡିଶା ମିଳିତ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓଜେଇଇ-୨୦୨୫ ଫଳାଫଳ ଘୋଷଣା କରିବା ସହିତ ଫଳାଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି । ୱେବସାଇଟରେ ପରୀକ୍ଷା ଫଳ ଉପଲବ୍ଧ ହେଉଛି। ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ୧୭ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ପରୀକ୍ଷା ହୋଇଥିଲା। ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ (ପୃଷ୍ଠା ୭ରେ)

### ଆରକ୍ଷୀ ଉପାୟୁକ୍ତଙ୍କ ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟିତ

## କମିଶନରେଟ ପୋଲିସ ପାଇଁ ୪୨୫ଟି ଦୁଇ ଚକିଆ ଯାନ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୬

ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଅର୍ବାନ ପୋଲିସ ଆରକ୍ଷୀ ଉପାୟୁକ୍ତଙ୍କ ନବନିର୍ମିତ କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ୨୨୭୨ ବର୍ଗମିଟର ଅଞ୍ଚଳରେ ୭ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ଚାରିମହଲା ବିଶିଷ୍ଟ ଏହି ନୂତନ କାର୍ଯ୍ୟାଳୟ ସୌଧଟି ନିର୍ମାଣ ହୋଇଛି। ଉଦ୍‌ଘାଟନୀ ଅବସରରେ (ପୃଷ୍ଠା ୭ରେ)



# ଅଣସେବାୟତ ରଥ ଉପରକୁ ଗଲେ ପୁଲିସକୁ ଦିଆଯିବ

ଭୁବନେଶ୍ୱର, ୧୦।୬

ନ୍ୟୁଜ୍ ବ୍ୟୁରୋ

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀରେ ଜୋରଦାର ପ୍ରସ୍ତୁତି ଚାଲିଛି। ବୁଧବାର ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମାର ଅୟୋଜନ ପାଇଁ ପ୍ରସ୍ତୁତି ଜୋର ଧରିଛି । ଜୁନ ୨୭ ତାରିଖ ମହାପ୍ରଭୁଙ୍କ ରଥଯାତ୍ରା ହେବ । ଏଥି ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପୁରୀରେ ରୀତିନୀତି ଦୃଷ୍ଟିରୁ ସବୁ ଠିକଠାକ ଚାଲିଛି । ମହାପ୍ରଭୁଙ୍କର ପହଣ୍ଡିବିଜେ ଠିକ ସମୟରେ ସରିବ। ସମୟ ନିର୍ଘଣ୍ଟ ଅନୁଯାୟୀ ଏହା ଶେଷ ହେବ। ରଥ ଉପରକୁ ମୋବାଇଲ ଯାଇପାରିବ ନାହିଁ। ଅଣସେବାୟତ ରଥ ଉପରକୁ ଗଲେ ପୁଲିସକୁ ଦିଆଯିବ।



ରଥଯାତ୍ରା ଏକ ଆଧ୍ୟାତ୍ମିକ ଯାତ୍ରା। ଏହା ମହାପ୍ରଭୁଙ୍କ ପାଇଁ ସମର୍ପିତ ମନୋଭାବ ରଖାଯିବା ଉଚିତ । କିନ୍ତୁ କିଛି ଲୋକ ନୀତି ନିୟମକୁ ଅଣଦେଖା କରୁଛନ୍ତି, ଯାହା ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରୁଛି । ସେହିପରି ଜଗନ୍ନାଥପ୍ରେମୀଙ୍କ ମନରେ କଷ୍ଟ ଆଣୁଛି ।

ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଥିଲେ ଘୋଷଯାତ୍ରା ବେଳେ ଅଣସେବାୟତ ରଥ ଉପରକୁ ଚଢ଼ି ପାରିବେ ନାହିଁ । କୌଣସି ପ୍ରକାର ଅନଧିକୃତ କାର୍ଯ୍ୟ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। (ପୃଷ୍ଠା ୭ରେ)

## ଦେଶରେ କରୋନା ସଂକ୍ରମଣ ସଂଖ୍ୟା ୭ ହଜାର

ନୂଆଦିଲ୍ଲୀ, ୧୦।୬

ଦେଶରେ କରୋନାର ସକ୍ରିୟ ମାମଲା ୭ ହଜାର ନିକଟତର ହୋଇଛି । ଗତ ୨୪ ଘଣ୍ଟାରେ କରୋନାର ୩୨୪ ନୂଆ ମାମଲା ରିପୋର୍ଟ ହୋଇଛି। ଏହି ସମୟ ଅବଧିରେ କରୋନା ସଂକ୍ରମଣ ହେବାରୁ ତିନିଜଣ ଲୋକଙ୍କ ମୃତ୍ୟୁ ଘଟିଛି। ଏହି ମୃତ୍ୟୁଗୁଡ଼ିକ କେରଳ, ଦିଲ୍ଲୀ ଓ ଝାଡ଼ଖଣ୍ଡର ବୋଲି ସୂଚନା ମିଳିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି (ପୃଷ୍ଠା ୭ରେ)

### ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୫୬

ଭୁବନେଶ୍ୱର, ୧୦।୬

ନ୍ୟୁଜ୍ ବ୍ୟୁରୋ

କୋଭିଡ-୧୯ ଧୀରେ ଧୀରେ ସଂପ୍ରସାରିତ ହେଉଛି। ରାଜ୍ୟର ୧୨ ଜିଲ୍ଲାକୁ କରୋନା ମାଡ଼ିସାରିଛି । ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ବି କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି । ମଙ୍ଗଳବାର ସୁଦ୍ଧା ରାଜ୍ୟରୁ (ପୃଷ୍ଠା ୭ରେ)

# ପାକିସ୍ତାନ ହେଉଛି ଆତଙ୍କବାଦର ନର୍ସରୀ

ନୂଆଦିଲ୍ଲୀ, ୧୦।୬

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଙ୍ଗଳବାର ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଏହି ଅବସରରେ ସେ ପାକିସ୍ତାନକୁ କଡ଼ା ଟାର୍ଗେଟ କରି କହିଛନ୍ତି, ପ୍ରଥମଥର ପାଇଁ ଯଦି କିଏ ପାକିସ୍ତାନର ବାହାବଲପୁର ସ୍ଥିତ ଜୈସର



ମୁଖ୍ୟାଳୟ ଉପରେ ଆକ୍ରମଣ କରିଛି କୁହାଯିବ, ପ୍ରଥମ ନାମ ଆମର ଆସିବ। ପହଲଗାମରେ ଆତଙ୍କବାଦୀମାନେ ଧର୍ମ ପଚାରି ହତ୍ୟା କରିଥିଲେ, କିନ୍ତୁ ଆମେ ସେମାନଙ୍କୁ ଧର୍ମ ନୁହେଁ ବରଂ କାର୍ଯ୍ୟ ପଚାରି ହତ୍ୟା କରିଥିଲୁ।

ଆମେ ଆତଙ୍କବାଦ ବିରୋଧରେ ସବୁଠାରୁ ବଡ଼ ଆକ୍ରମଣ (ପୃଷ୍ଠା ୭ରେ)

## 'ନିଷ୍ଠାର ସହିତ ଦାୟିତ୍ୱ ପାଳନ କରିବି'

ଭୁବନେଶ୍ୱର, ୧୦।୬

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ଉତ୍କଳ ରଞ୍ଜନ ସାହୁଙ୍କୁ ରାଜସ୍ଥାନରେ ବଡ଼ ଦାୟିତ୍ୱ ମିଳିଛି । ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀ ଶ୍ରୀ ସାହୁଙ୍କୁ ରାଜସ୍ଥାନ ସରକାର ରାଜ୍ୟର ଲୋକ ସେବା ଆୟୋଗର ନୂଆ ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ଦେଇଛନ୍ତି । ଏହି ପଦବୀରେ ନିଯୁକ୍ତ ହେଲା ପରେ ୧୯୮୮ (ପୃଷ୍ଠା ୭ରେ)

## ଏକାଳ ପଖାଳ



ସ୍ନାନ ମଣ୍ଡପେ ତିନି ଠାକୁର
ଦେଖି ଧନ୍ୟ ମନ ପ୍ରାଣ
ଜିଅନ୍ତା ଠାକୁର ଲୀଳା କରୁଥାନ୍ତି
ଜଗତର ଆର୍ତ୍ତତ୍ରାଣ
ଏଇ କଥା ଭକ୍ତ ଜାଣ
ଦେଉଳୁ ବାହାରି ଆସନ୍ତି ସାଆନ୍ତେ
ସେ ଭାବରେ ବନ୍ଧା ଯେ ଶୁଣ।

# ୨୦୨୫ ସୁଦ୍ଧା ଦେଶର ଜନସଂଖ୍ୟା ଛୁଇଁବ ୧୪୬ କୋଟି



ନୂଆଦିଲ୍ଲୀ, ୧୦।୬

ଭାରତର ଜନସଂଖ୍ୟାରେ ଏକ ବଡ଼ ପରିବର୍ତ୍ତନ ଘଟୁଛି । ଜାତିସଂଘର ସଦ୍ୟତମ 'ଷ୍ଟେଟ ଅଫ ଦି ୱାର୍ଲ୍ଡ ପପୁଲେସନ ରିପୋର୍ଟ ୨୦୨୫' ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରିଛି । ଏହି ରିପୋର୍ଟ ଅନୁଯାୟୀ, ୨୦୨୫ ଶେଷ ସୁଦ୍ଧା ଭାରତର ଜନସଂଖ୍ୟା ୧୪୬ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । କିନ୍ତୁ ଚିନ୍ତାର କାରଣ ହେଉଛି ଭାରତର ମୋଟ ପ୍ରଜନନ ହାର ଏବେ 'ପ୍ରତିସ୍ଥାପନ ସ୍ତର' ତଳେ ପହଞ୍ଚିଛି । ଏହାର ଅର୍ଥ ହେଉଛି ଯେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ନୂତନ ଜନ୍ମଗ୍ରହଣ କରୁଥିବା ଲୋକଙ୍କ ସଂଖ୍ୟା ଠାରୁ ଅଧିକ ରହିଛି ।

କିନ୍ତୁ ଚିନ୍ତାର କଥା ହେଉଛି ଦେଶର ମୋଟ ପ୍ରଜନନ ହାର ଏବେ ୧.୯କୁ ହ୍ରାସ ପାଇଛି, ଯେତେବେଳେ ଏକ ସ୍ଥିର ଜନସଂଖ୍ୟା ପାଇଁ ଏହା ଅତି କମରେ ୨.୧ ହେବା ଉଚିତ। ଏହା ସ୍ପଷ୍ଟ ଯେ ଭାରତରେ ବର୍ତ୍ତମାନ ମହିଳାମାନେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଜନସଂଖ୍ୟା ସ୍ଥିର ରଖିବା ପାଇଁ ଆବଶ୍ୟକତାଠାରୁ କମ ସନ୍ତାନ ଜନ୍ମ ଦେଉଛନ୍ତି।

କିନ୍ତୁ ଚିନ୍ତାର କଥା ହେଉଛି ଦେଶର ମୋଟ ପ୍ରଜନନ ହାର ଏବେ ୧.୯କୁ ହ୍ରାସ ପାଇଛି। (ପୃଷ୍ଠା ୭ରେ)

# ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ୧୪ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୧୦।୬

ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ ପୂର୍ବ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୋମବାର ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ଘନୀଭୂତ ହୋଇ ଆସନ୍ତା ୧୪ରୁ ୧୬ ତାରିଖ ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପର ରୂପ ନେବା ସମ୍ଭାବନା ରହିଛି । ତେଣୁ ୧୨ ତାରିଖ ପରଠାରୁ ରାଜ୍ୟର ପାଗରେ ପରିବର୍ତ୍ତନ ହେବା ସହିତ ୧୪ ତାରିଖଠାରୁ ଧୀରେ ଧୀରେ ବର୍ଷାର ବିସ୍ତୃତି ବଢ଼ିପାରେ। ଏଥିସହ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୧୩ ପର୍ଯ୍ୟନ୍ତ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ନେଇ



ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କ୍ରମଶଃ ଘନୀଭୂତ ହେବ ଫଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟ ଭିତରକୁ ପ୍ରବାହିତ (ପୃଷ୍ଠା ୭ରେ)





### ତୁଳସୀକ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସ୍ୱାଗତ

# ତ୍ରିରଙ୍ଗା ଶୋଭାଯାତ୍ରା ଓ ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କଲେ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ଅପରେସନ ସିନ୍ଦୁର ଅଧୀନରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ହେଲିକପ୍ଟର ଯୋଗେ ଅବତାରଣ ପରେ ବଡଦାଣ୍ଡକୁ ସଡ଼କ ମାର୍ଗରେ ଗସ୍ତ କରି ମାଉସୀମା ମନ୍ଦିର ଠାରୁ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରାରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଗୀତାଞ୍ଜଳୀ ସେଠୀ, କିଶୋର କୁମାର ପଣ୍ଡା, ଅମିତାଭ ସୁଆର, ଉପୀନ ରାଉତ ସମେତ ଦଳୀୟ କର୍ମୀ, ପ୍ରଶାସନ ଅଧିକାରୀ, କର୍ମଚାରୀ, ସମେତ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ । ରାଲିରେ ଦର୍ଶନ ପରେ ମୁଖ୍ୟମନ୍ତ୍ରୀ ବଳଦେବ ଜୀଉଙ୍କୁ ଦର୍ଶନ କରିଥିଲେ । ସିଂହଦ୍ୱାର ନିକଟରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ବଡପଣ୍ଡା ସଂଜୟ କୁମାର ପତ୍ରୀଙ୍କ ନେତୃତ୍ୱରେ ପଣ୍ଡିତ ହୃଷିକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ, ଧିରେନ କୁମାର ସାହୁ, ପ୍ରମୁଖ ଟ୍ରଷ୍ଟେବାର୍ଡ ସଦସ୍ୟ ମାନେ ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବଳଭଦ୍ର ପତ୍ରୀ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କୁ ମନ୍ଦିର ମଧ୍ୟକୁ ପାଛୋଟି ନେଇଥିଲେ । ସେଠାରେ ଶ୍ରୀଜୀଉ ମାନଙ୍କ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦର୍ଶନ ପରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ସେବା ରଥକୁ ପତାକା ଦେଖେଇ ଶୁଭାରମ୍ଭ କରିଥିଲେ । ପରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ପ୍ରଦକ୍ଷଣ ଭବନ (ସର୍କିଟ୍ ହାଉସ୍ ଠାରେ) ପ୍ରଶାସନ ତରଫରୁ ଆୟୋଜିତ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶ୍ରୀ ଲିଳିତା ଦାସ, କେନ୍ଦ୍ରାପଡ଼ା ପୌର ପରିଷଦ ଅଧ୍ୟକ୍ଷ ସରିତା ସାହୁ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କୋଠାରୀୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ବିଭାଗ ତରଫରୁ ପ୍ରସ୍ତୁତ କରାଯାଇଥିଲା ପ୍ରେଜେଣ୍ଟ ଷ୍ଟେସନ୍ ମାଧ୍ୟମରେ ବିଭାଗ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ ବିଭାଗର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ସହିତ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା, ଜଳ ସେଚନ, ଆୟୁଷ୍ମାନ କାର୍ଡ, ସୁଭଦ୍ରା, ବନ ବିଭାଗ, ଜିଲ୍ଲାର ଆଇନ୍ ଶୃଙ୍ଖଳା, ବିକଶିତ ଗାଁ ବିକଶିତ ଓଡ଼ିଶା, ଭତ୍ତା, ଧାନ ସଂଗ୍ରହ, ଗ୍ରାମ୍ୟ ଉନ୍ନୟନ, ସାମାଜିକ ସୁରକ୍ଷା ଯୋଜନା ଇତ୍ୟାଦି ରହିଥିଲା । ଜିଲ୍ଲାକୁ ଏକ ନମ୍ବର କରିବା ହେଲେ ଆପଣମାନଙ୍କ କର୍ତ୍ତବ୍ୟ ନିଷ୍ଠା କାର୍ଯ୍ୟ ନିଶ୍ଚିତ ଭାବେ ସହାୟକ ହେବ ଏବଂ ଜନସାଧାରଣଙ୍କୁ ଉତ୍ତମ ସେବା ଦେବା ନିମନ୍ତେ ଅଧିକାରୀମାନେ ସର୍ବଦା ଚେଷ୍ଟିତ ହେବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଜାତିଆଣ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣରେ ଯୁବକ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସୋମବାର ଦିନ ୯ଟା ସମୟରେ ବୌଦ୍ଧ ଥାନା କୁତକୁର ଗ୍ରାମରେ ଜାତିଆଣ ବିବାଦକୁ ନେଇ ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଛି । ଫଳରେ ଗୁରୁତର ଅବସ୍ଥାରେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କୁତୁକୁର ଗ୍ରାମ ପ୍ରଧାନ ସାହିର ବିମ୍ବାଧର ପ୍ରଧାନଙ୍କ କୌଣସି ଏକ ଜାତିଆଣ ବିବାଦକୁ ନେଇ ସମାଜର ଏକ ବୈଠକ କୁତୁକୁର ଗ୍ରାମରେ ଅନୁଷ୍ଠିତ ହୋଇ ମାମଲାର ଆପୋଷ ସମାଧାନ ହୋଇଥିଲା । ରବିବାର ରାତି ପ୍ରାୟ ୧୧ଟା ସମୟରେ ବିମ୍ବାଧରଙ୍କୁ ଏକ ବାଇକ୍‌ରେ ଘରକୁ ଛାଡି ଆଣିବା ବାହାନାରେ କୁତୁକୁରା ଗ୍ରାମର ପ୍ରଭାତ ପ୍ରଧାନ ଓ ଝାଙ୍କରପଡା ଗ୍ରାମର ବିନୋଦ ଝାଙ୍କର ବାଟରେ ଅଟକାଇ ଆକ୍ରମଣ କରିଥିବା ବିମ୍ବାଧର ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବଘିଆପଡା ଫାଣ୍ଡି ପୋଲିସ ଅବଗତ ଥିବାବେଳେ ଥାନାରେ ଲିଖିତ ଅଭିଯୋଗ ହୋଇନଥିବା ସୂଚନା ମିଳିଛି ।

# ୪ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ୪ ଡକାୟତ ଗିରଫ



**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ପୋଲିସ ୪ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଚାରି ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଡି. ରାହୁଲ, ଜି ରାହୁଲ, ଏମ୍ ଶ୍ରୀକାନ୍ତ, କିଶୋର, ପି.ଶିବ ଏବଂ କରଣ ନେତାମ ଭାବରେ ଚିହ୍ନଟ ହୋଇଛନ୍ତି । ଯେଉଁମାନେ ଜୁନ୍ ୮, ୨୦୨୫ ସନ୍ଧ୍ୟା ୭:୩୦ ସମୟରେ ପାଟଣାଗଡ଼-ଖପ୍ରାଖୋଲ ରାସ୍ତାରୁ ଗିରଫ ହୋଇଥିଲେ । ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତମାନେ ଓଡ଼ିଶା ଏବଂ ଭାରତର ବିଭିନ୍ନ ସ୍ଥାନରେ ସକ୍ରିୟ ସଂଗଠିତ ଅପରାଧ ଗ୍ୟାଙ୍ଗର ସଦସ୍ୟ ଏବଂ ସେମାନଙ୍କ ବିରୁଦ୍ଧରେ ଅନେକ ଅପରାଧିକ ମାମଲା ଏବଂ ଜେଲ୍‌ଦଣ୍ଡର ଇତିହାସ ରହିଛି । ସେମାନେ ବଲାଙ୍ଗିର ଜିଲ୍ଲାରେ ଅନେକ ମାମଲାରେ ଜଡିତ, ପାଟଣାଗଡ଼ ଥାନାରେ ଦୁଇଟି ମାମଲା ଏବଂ ଟିଟିଲାଗଡ଼ ଥାନାରେ ତିନୋଟି ମାମଲା ରହିଛି । ତଦନ୍ତ ସମୟରେ, ପାଟନାଗଡ଼ ସହରରେ ସ୍ଥାପିତ ଏଆଇ-ସକ୍ଷମ କ୍ୟାମେରାରୁ ସିସିଟିଭି ଫୁଟେଜ୍ ବିଶ୍ଳେଷଣ କରାଯାଇଥିଲା ଏବଂ ANPR କ୍ୟାମେରା ବ୍ୟବହାର କରି କ୍ୟାମେ ଅଭିଯୁକ୍ତମାନଙ୍କୁ ଟ୍ରାକ୍ କରାଯାଇଥିଲା । ପୋଲିସ ଅଭିଯୁକ୍ତ ମାନଙ୍କ ଠାରୁ ୩ ଲକ୍ଷ ୧୫ ହଜାର ଟଙ୍କା ନଗଦ, ନକଲି ନମ୍ବର ଥିବା ଦୁଇଟି ଚୋରି ବାଇକ୍, ତିନୋଟି ମୋବାଇଲ୍ ଫୋନ୍ ଏବଂ ଏକ ଡିକି ଭାଙ୍ଗିବା ଡିଭାଇସ୍ ଜବତ କରିଛି । ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟର ବିଭିନ୍ନ ଥାନାରେ ଅନେକ ମାମଲା ରହିଛି । ଅନ୍ୟ ଅପରାଧରେ ସେମାନଙ୍କ ସମ୍ପୃକ୍ତି ତଦନ୍ତ କରିବା ପାଇଁ ପୋଲିସ ଅନ୍ୟ ରାଜ୍ୟରୁ ମାମଲା ରେଫରେନ୍ସକୁ ଅପେକ୍ଷା କରିଛି । ସେମାନଙ୍କର ଅପରାଧିକ କାର୍ଯ୍ୟକଳାପର ସମ୍ପୂର୍ଣ୍ଣ ବିବରଣୀ ଉନ୍ମୋଚନ କରିବା ପାଇଁ ଅଧିକ ତଦନ୍ତ ଚାଲିଥିବା ପାଟଣାଗଡ଼ ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି ।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଦୁର୍ଗାପୁର ନିକଟରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ଘର ରାଜକନିକା ଅଞ୍ଚଳର ଅନିରୁଦ୍ଧ ବେହେରା ବୋଲି ଜଣାପଡିଛି । ଖବରପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଅଟୋ ଦୁର୍ଘଟଣା:ଗୁରୁତର ବୃଦ୍ଧଙ୍କୁ ଛାଡ଼ି ଚାଳକ ଫେରାର

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ଥାନା ଦେଇ ଯାଇଥିବା ୫୯ନଂ ଜାତୀୟ ରାଜପଥର ଡାବୁଲୁମାହା ଘାଟିର ବୁଲାଣି ରାସ୍ତାରେ ଏକ ଅଜଣା ଅଟୋ ଦୁର୍ଘଟଣାଗ୍ରସ୍ତରେ ଜଣେ ଷାଠିଏ ବର୍ଷର ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି । ଆହତ ବୃଦ୍ଧ ହେଲେ ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ଗ୍ରାମ ବାଲେଶ୍ୱର କହଁର ବୋଲି ଜଣାପଡିଛି । ପ୍ରକାଶ ଯେ, ବୃଦ୍ଧଙ୍କ ସ୍ୱାସ୍ଥ୍ୟ ଖରାପ ରହିଥିବାରୁ ସେ ପବିଙ୍ଗିଆରୁ ଏକ ଅଟୋକୁ ଭଡାସୂତ୍ରରେ ଦାରିଙ୍ଗବାଡି କୌଣସି ଗାଁ ବୈଦ୍ୟ ନିକଟକୁ ଚିକିତ୍ସା ପାଇଁ ଆସିଥିଲେ । ସେଠାରେ ନିଜର ଚିକିତ୍ସା କରାଇ ପୁଣି ନିଜ ଗାଁକୁ ଉକ୍ତ ଅଟୋରେ ଫେରୁଥିଲେ । ତେବେ ଅଟୋଟି ଦ୍ରୁତ ଗତିରେ ଯାଉଥିବାବେଳେ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା । ତେବେ ରାଜପଥରେ ଯାତାୟାତ କରୁଥିବା ଯାତ୍ରୀମାନେ ଅଟୋକୁ ଉଠାଇ ଠିଆ କରିବା ସହ ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ହେଲେ ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚିଲା ବେଳେ ଅଟୋଟି ଗୁରୁତର ରୋଗୀଙ୍କୁ ଛାଡି ଫେରାର୍ ହୋଇଗଲା । ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ଓ ପୋଲିସ ପହଞ୍ଚି ଗୁରୁତର ବାଲେଶ୍ୱରଙ୍କୁ ପ୍ରଥମେ ସିମନବାଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିକ ଚିକିତ୍ସା ପାଇଁ ନିଆଯାଇଛି ।

## ଗ୍ୟାସ୍ ଲିକ୍ ହୋଇ ଚାଟ୍ ଦୋକାନ ଜଳିଗଲା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭୟାବହ ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତିଗଲେ । ଚାନ୍ଦବାଲି କାଳୀମନ୍ଦିର ସମ୍ମୁଖରେ ଥିବା ମୀନବଜାରର ଶହ ଶହ ଦୋକାନୀଙ୍କ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ଅଳ୍ପକେ ବର୍ତି ଯାଇଛି । ମିଳିଥିବା ସୂଚନା ଅନୁସାରେ ଚାନ୍ଦବାଲି ଭଦ୍ରକ ରାସ୍ତା କାଳୀ ମନ୍ଦିର ପଡିଆ ନିକଟରେ ଥିବା ଚାଟ୍ ଦୋକାନ ନିଜ ଚାଟ୍ ଦୋକାନରେ ଗ୍ୟାସ୍ ଚୁଲାରେ ଚାଟ୍ ତିଆରି କରୁଥିବା ବେଳେ ଜଳନ୍ତା ଚୁଲା ଛାଡି କେଉଁ ଆଡେ ଯାଇଥିଲା । ଚାଟ୍ ଦୋକାନୀ ଦିଗମ୍ବର ଦାସ ଅସାବଧାନତା ପାଇଁ ଗ୍ୟାସ୍ ପାଇପ୍ ଲିକ୍ ହୋଇଯାଇଥିଲା । ଫଳରେ ଗ୍ୟାସ୍ ଲିକ୍ ହୋଇ ଭାୟା ବହ ଅଗ୍ନିକାଣ୍ଡ ବିପଦ ସୃଷ୍ଟି କରିଥିଲା । ନିଆଁ ଲିଭାଇବାକୁ କିମ୍ବା ଗ୍ୟାସ୍ ବନ୍ଦ କରିବାକୁ କେହି ସାହସ ଜୁଟାଇ ପାରିନଥିଲେ । ଚାଟ୍ ଦୋକାନ ପାଖକୁ ଲାଗିରହିଥିବା ମୀନବଜାର ଦୋକାନୀ ଗୁଡିକ ନିଜ ସାମଗ୍ରୀ କେମିତି ବଞ୍ଚାଇବେ ଚିନ୍ତାରେ ପଡିଯାଇଥିଲେ । ହଠାତ୍ ନିକଟରେ ଜଣେ ଚାଟ୍ ଦୋକାନୀ ଗ୍ୟାସ୍ ଟାଙ୍କିରୁ ରେଗୁଲେଟର ବନ୍ଦ କରିଦେବାରୁ ବିପଦ ଟଳିଥିଲା । ସମସ୍ତେ ଅଳ୍ପକେ ବର୍ତିଯାଇଥିଲେ ।

# ଜଗତସିଂହପୁର ଜିଲ୍ଲାର ବିକାଶ କାର୍ଯ୍ୟ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କେଭି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ତଥା ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଏବଂ କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦିନିକିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହ ଠାରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ, ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଗରିବ କଲ୍ୟାଣ ଯୋଜନା, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ । ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ସୁଫଳ ଲୋକମାନଙ୍କ ପାଖେ ପହଞ୍ଚାଇବା ପାଇଁ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଜଗତସିଂହପୁର ବିଧାୟକ, ଅମରେନ୍ଦ୍ର ଦାସ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହ ଜିଲ୍ଲାର ସୁବିଧା ଅସୁବିଧା ସଂପର୍କରେ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଭାସି ମାଧ୍ୟମରେ ଜିଲ୍ଲାପାଳ ଜେ ସୋନାଲ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଉପ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ଉପମୁଖ୍ୟମନ୍ତ୍ରୀ ନିଜ ବିଭାଗ ବା କୃଷି ବିଭାଗ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । କୃଷକ ବିଭାଗ ପାଇଁ ଟୋଲ୍ ଫ୍ରି ନମ୍ବର ଚାଷୀମାନଙ୍କୁ ଜଣାଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ଧାନ ଚାଷ, ଆଖୁ, ପାନ, ବାଦାମ, ଚିଙ୍ଗୁଡ଼ି ଚାଷ ଆଦିର ଉପଯୁକ୍ତ ବିହନ ଯୋଗାଣ, ସଚେତନତା କାର୍ଯ୍ୟକ୍ରମ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଜିଲ୍ଲାରେ ହାଇବ୍ରିଡ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ମାର୍ଗଦର୍ଶନ କରିଥିଲେ । ଅଦିନିଆ ବର୍ଷାରେ ନଷ୍ଟ ହୋଇଥିବା ଫସଲ ପାଇଁ ଚାଷୀମାନଙ୍କୁ କ୍ଷତି ପୂରଣ ପ୍ରଦାନ ବାବଦରେ ଆଲୋଚନା କରିଥିଲେ । ଦୁଗ୍ଧ ଉତ୍ପାଦନ, ଗୋପାଳନ, ମତ୍ସ୍ୟ ଚାଷ ଉପରେ ଆଲୋକପାତ କରିଥିଲେ । ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ବୟୋବନ୍ଦନ ଯୋଜନାରେ ହିତାଧିକାରୀଙ୍କ କାର୍ଡ ବଣ୍ଟନ କ୍ଷେତ୍ରରେ ଜିଲ୍ଲାର ସଫଳତା ଉପରେ ଖୁସି ବ୍ୟକ୍ତ କରିଥିଲେ । ଅନ୍ତୋଦୟ ଗୃହ ଯୋଜନାରେ ଘର ଯୋଗାଇଦେବା ସହ ଏହାର ହିତାଧିକାରୀ ଚୟନ ନିମନ୍ତେ ସଠିକ୍ ଉପାୟରେ ଭେରିଫିକେଶନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଲକ୍ଷପତି ଦିଦି ସୃଷ୍ଟିରେ ଜିଲ୍ଲାର ସଫଳତା ସହ ଜିଲ୍ଲାର ସଫଳ ମହିଳା ଉଦ୍ୟୋଗୀ ମାନଙ୍କ ନିମନ୍ତେ ସ୍ୱରୋଜଗାର ଯୋଗାଇବା ନେଇ ଆଲୋଚନା ହୋଇଥିଲା । ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରି ଲୋକମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଜିଲ୍ଲାର ୬୧ଟି ସ୍କୁଲ୍‌କୁ ଅନ୍ତର୍ଭୁକ୍ତ କରାଯାଇ ଗୁଣାତ୍ମକ ଶିକ୍ଷା ସହ ମଡେଲ ସ୍କୁଲରେ ପରିଣତ କରାଯିବା ନେଇ ଆଲୋଚନା ହୋଇଥିଲା । ବିଧାୟକ ଶ୍ରୀ ଦାସ ଜିଲ୍ଲାରେ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ପରାମର୍ଶ ଦେଇଥିଲେ । ବୈଠକରେ ପି.ଏମ ଶ୍ରୀ, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP), ଗ୍ରାମାଞ୍ଚଳ ବିଦ୍ୟୁତକରଣ, କ୍ରୀଡା ଭିତ୍ତିଭୂମି, ଦକ୍ଷତା ବିକାଶ ଏବଂ ଡିଜିଟାଲ୍ ସଶକ୍ତିକରଣ ସମ୍ପର୍କରେ ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ନୂତନ ରାସନ୍ କାର୍ଡ ବଣ୍ଟନ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଉପ ମୁଖ୍ୟମନ୍ତ୍ରୀ ଉପଦେଶ ଦେଇଥିଲେ । ସେହିପରି ସମସ୍ତ ବ୍ୟାଙ୍କରେ ହିତାଧିକାରୀ ମାନଙ୍କୁ ସହଜରେ ଋଣ ଯୋଗାଇବା ପାଇଁ ଏଲଡିଏମଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଟିପିସିଓଡିଏଲ୍‌କୁ ମଧ୍ୟ ବିଭିନ୍ନ ଦିଗ ଉପରେ ଉପଦେଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ । ମନ୍ଦିର ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ଉଠାଇବା, ଟ୍ରାନ୍ସଫରମରର ଅପ ଗ୍ରେଡେଶନ ଉପରେ ଆଲୋଚନା ହେବା ସହ ଡିଉଜନ ଦେଇଥିଲେ ହିତାଧିକାରୀଙ୍କ ଲାଇନ୍ ନକାଟି ବରଂ ଯଥାଶୀଘ୍ର ଏହାକୁ ଅସୁଲ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ସେହିପରି ସମସ୍ତ ସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ ଆଦିକୁ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଉପଦେଶ ଦେଇଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମୀକ୍ଷା ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ରାଧାକାନ୍ତ ତ୍ରିପାଠୀଙ୍କ ପରଲୋକ

**କେନ୍ଦୁଝର, ନ୍ୟୁଜ୍**

ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଓକିଲ, ମାନବିକ ଅଧିକାର କର୍ମୀ ତଥା ସାମାଜିକ କାର୍ଯ୍ୟକର୍ତ୍ତା ରାଧାକାନ୍ତ ତ୍ରିପାଠୀଙ୍କ ବିୟୋଗରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ନାୟକ ତାଙ୍କର ଶୋକ ବାର୍ତାରେ କହିଛନ୍ତି ଯେ, ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ତଥା ସାମାଜିକ କାର୍ଯ୍ୟକର୍ତ୍ତା ରାଧାକାନ୍ତ ତ୍ରିପାଠୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ । ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗର ସଦସ୍ୟ ଭାବେ ମୁଁ କାର୍ଯ୍ୟ କରୁଥିବା ବେଳେ ସେ ଆୟୋଗର ଆଇନ୍ ପରାମର୍ଶଦାତା ଥିଲେ । ସେ ଜଣେ ଅମାୟିକ ବ୍ୟକ୍ତି ଥିଲେ ତଥା ନିଷ୍ପେଷିତ ଲୋକମାନଙ୍କ ପାଇଁ ନିରନ୍ତର କାର୍ଯ୍ୟ କରୁଥିଲେ । ମା' ତାରିଣୀଙ୍କ ନିକଟରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି । ଉଲ୍ଲେଖନୀୟ ଯେ, ମାନବାଧିକାର କର୍ମୀ ତଥା ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ରାଧାକାନ୍ତ ତ୍ରିପାଠୀ (୫୧)ଙ୍କର ରବିବାର ସକାଳେ ନୂଆଦିଲ୍ଲୀରେ ପରଲୋକ ଘଟିଥିଲା । ପେସାରେ ଆଇନଜୀବୀ ଭାବେ ସେ ନିଷ୍ପେଷିତ, ଅସହାୟ ଓ ପୀଡ଼ିତଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିଲେ । ପୀଡିତଙ୍କ ନ୍ୟାୟ ପାଇଁ ସେ ଜାତୀୟ ମାନବାଧିକାର ଆୟୋଗଙ୍କ ଠାରେ ୧୫ ହଜାରରୁ ଅଧିକ ପିଟିସନ୍ ଦାୟର କରି 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍' ଓ 'ଲିମକା ବୁକ୍ ଅଫ୍ ରେକର୍ଡସ'ରେ ନିଜ ନାମ ଦରଜ କରିଥିଲେ । ହୀରାକୁଦ ପ୍ରକଳ୍ପ, କାନପୁର ଜଳ ପ୍ରକଳ୍ପ, ଇନ୍ଦ୍ରାବତୀ ପ୍ରକଳ୍ପ, ସୁକତେଲ ପ୍ରକଳ୍ପ ଆଦି ଜଳସେଚନ ପ୍ରକଳ୍ପରେ ବିସ୍ଥାପିତଙ୍କ ସମସ୍ୟା, ଭଦ୍ରକର ସାଳନ୍ଦୀ ଓ ରେବ-କପାଳୀ ନଦୀ ସଂସ୍କାର ଯୋଜନାର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ମାନବାଧାର ଆୟୋଗରେ ଲଢେଇ କରି ସଫଳ ହୋଇଥିଲେ ସେ । ଏହାବାଦ ଜାତୀୟ ମହିଳା ଆୟୋଗ, ଜାତୀୟ ଅନୁସୂଚିତ ଜାତି ଆୟୋଗ, ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଜାତୀୟ ଶିଶୁ ସୁରକ୍ଷା ଓ ଅଧିକାର ଆୟୋଗ ଭଳି ସଂସ୍ଥାରେ ମାନବାଧିକାର ଉଲ୍ଲଂଘନ ନେଇ ବହୁ ମାମଲା ଦାୟର କରିଥିଲେ ।

## ଦାଦନ ଖଟିବାକୁ ଯାଇ କେରଳରେ ୧୧ ଓଡ଼ିଆ ଶ୍ରମିକ ଅଟକ



**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ଲାମତାପୁଟ ବ୍ଲକ ନନ୍ଦପୁର ଥାନା ଅଧିନ ବନମାଳି ପୁଟ ପଞ୍ଚାୟତ ଅନ୍ତର୍ଗତ ମାଳି କଟକାର ଓ ବଡ଼ କଟକାର ଗ୍ରାମର ୧୧ଜଣ ଶ୍ରମିକ ଦାଦନ ଖଟିବାକୁ କେରଳ ରାଜ୍ୟକୁ ଯାଇ ଆଜି ସୁଦ୍ଧା ଫେରିନଥିବାରୁ ସେମାନଙ୍କ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟ ବିଜେପି କାଉନସିଲର ଭାଗବାନ ମୁଦୁଲିଙ୍କ ଜରିଆରେ ଏକ ସ୍ମାରକ ପତ୍ର ଦିଆଯାଇଛି । ଉକ୍ତ ଗ୍ରାମରୁ ୧୧ଜଣ ଗତ ୨୨/୪/୨୫ ତାରିଖରେ କେରଳ ରାଜ୍ୟର କଶରଗଡ ଜିଲ୍ଲା, ବେକାଲ ଥାନା ଅଧୀନ ଏନ୍‌ଏଲ୍‌ଟି କମ୍ପାନୀରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ । ସେମାନଙ୍କ ମଧ୍ୟରୁ ଡମୁ ଭୋଇ ଗତ ୧୬/୬/୨୫ ତାରିଖରେ ସେଠାରେ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଶରୀରକୁ ତା ନିଜ ଗାଁକୁ ପଠାଇବା ବ୍ୟବସ୍ଥା ମଧ୍ୟ ସଂପୃକ୍ତ କମ୍ପାନୀ କଲାନାହିଁ । ସଂପୃକ୍ତ କମ୍ପାନୀ ଏହି ଶ୍ରମିକ ମାନଙ୍କୁ ଠିକ୍‌ରେ ପାରିଶ୍ରମିକ ନଦେବା ସହ ସେମାନଙ୍କ ପାଖରୁ ମୋବାଇଲ ଛଡାଇ ନେଇ ଏହି ଶ୍ରମିକ ମାନଙ୍କୁ ନିର୍ଯାତନା ଦେବା ସହ ନିଜ ଗାଁକୁ ଫେରିବାକୁ ଦେଉନଥିବା ଉକ୍ତ ପତ୍ରରେ ଅଭିଯୋଗ ହୋଇଛି । ଏ ବିଷୟରେ ଶ୍ରମିକମାନଙ୍କ ପରିବାରବର୍ଗଙ୍କୁ ଖବର ଦେବାପରେ ଏବେ ପରିବାର ଲୋକେ ସରକାରଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## ଫଳ ଦୋକାନ ଉପରେ ମାଡ଼ିଗଲା ଟ୍ରାକ୍ଟର:ଦୋକାନୀ ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ଷ୍ଟେସନ ବଜାରରେ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ସେଠାରେ ଜଣେ ଫଳ ଦୋକାନୀର ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଉର୍ଦ୍ଧ୍ୱ ସାଇକେଲ ଭାଙ୍ଗି ଚୁରମାର୍ ହୋଇଯାଇଛି । ସୋମବାର ଦିନ ବଜୁରୀ ବୋଝେଇ ଟ୍ରାକ୍ଟରଟି ଦୃତ ଗତିରେ ଆସି ଫଳ ଦୋକାନ ଉପରେ ମାଡିଯାଇଥିଲା । ଫଳରେ ଚାପିହୋଇ ରହିଥିବା ଫଳ ଦୋକାନୀକୁ ସ୍ଥାନୀୟ ଲୋକେ ବାହାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମୃତ ଫଳ ଦୋକାନୀ ପ୍ରଭାତ ବରାଳ (୪୫)ଙ୍କ ଘର ଜେନାପୁର ଗ୍ରାମରେ । ଫଳ ଦୋକାନ ନିକଟରେ ଥିବା ସାଇକେଲ ଷ୍ଟାଣ୍ଡର ୨୦ଟି ସାଇକେଲ ନଷ୍ଟ ହୋଇଛି । ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଜେନାପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଚାଳକ ସମେତ ଟ୍ରାକ୍ଟରକୁ ଜବତ କରି ଘଟଣାର ତଦନ୍ତ କରୁଛି ।



## ଯୋଗ୍ୟ ବିବେଚିତ ୧୧୦ ବାଳିକା ଉଚ୍ଚ ବିଦ୍ୟାଳୟକୁ ସରକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବିଗତ ୧୯୯୨ ମସିହାରୁ ରାଜ୍ୟର ଯୋଗ୍ୟ ବିବେଚିତ ବହୁ ପୁରାତନ ୧୧୦ ବାଳିକା ଉଚ୍ଚ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ସଂଗଠନ ଦାବିପତ୍ର ପ୍ରଦାନ କରିଛି । ରାଜ୍ୟରେ ନାରୀ ଶିକ୍ଷାର ଉନ୍ନତି ଓ ନାରୀ ଶଶକ୍ତି କରଣର କଥା କହୁଥିବା ସରକାର ପାଇଁ ଏହା ଏକ ଆହ୍ୱାନ । ନାରୀ ଶିକ୍ଷାର ବିକାଶ ପାଇଁ ୧୯୮୭ ମସିହାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରତିଷ୍ଠା କରାଯାଇଥିଲା ୧୧୦ ବାଳିକା ବିଦ୍ୟାଳୟ । ଯେଉଁ ବିଦ୍ୟାଳୟ ଗୁଡିକ କି ୧୯୯୨ ମସିହାରୁ ପୂର୍ଣ୍ଣ ଅନୁଦାନ ପାଇବା ପାଇଁ ଯୋଗ୍ୟ କିନ୍ତୁ ସେମାନେ ଆଜି ପର୍ଯ୍ୟନ୍ତ ଅବହେଳିତ ରହିଛନ୍ତି । ଏ ସମସ୍ତ ବିଦ୍ୟାଳୟର ଶିକ୍ଷକ ଜୁନିଅର ଟିଚର୍ ଠାରୁ ମଧ୍ୟ କମ୍ ବେତନ ପାଉଛନ୍ତି । ଆହୁରି ଦୁଃଖ ଓ ପରିତାପର ବିଷୟ ଯେ ଏହି କର୍ମଚାରୀମାନେ ୩୩ ବର୍ଷ କାଳ କାର୍ଯ୍ୟ କରି ଅବସର ନେଲାପରେ ଟଙ୍କାଟିଏ ମଧ୍ୟ ପାଉଣା ପାଉନାହାନ୍ତି । ଯାହାଫଳରେ କି ସାମାଜିକ, ଆର୍ଥିକ ଓ ମାନସିକ ସ୍ତରରେ ଏମାନେ ପ୍ରତାରଣାର ଶିକାର ହେଉଛନ୍ତି । ସେଥିପାଇଁ ଲୋକଙ୍କ ମୁଖ୍ୟମନ୍ତ୍ରୀ ଗତ ୭ ତାରିଖ ସୁବର୍ଣ୍ଣପୁର ଗସ୍ତ ସମୟରେ ୧୧୦ ବାଳିକା ଉଚ୍ଚ ବିଦ୍ୟାଳୟର ଆବାହକ କେଶବ ପୂଜାହାରୀ, ସୁନିଲ କୁମାର ହୋତା ଓ ସଂଗଠନର ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଏବଂ ୧୧୦ ବାଳିକା ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ସରକାରୀରୁ ବଞ୍ଚିତ ହୋଇଥିବା ୮୦ ବାଳିକା ବିଦ୍ୟାଳୟକୁ ତୁରନ୍ତ ସରକାରୀ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୧।୬।୨୦୨୫, ଜ୍ୟୈଷ୍ଠ ଦ୨୮ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୦୭।୨୮** **ଚନ୍ଦ୍ରୋଦୟ- ସଂଘ ୬।୪୧।୧୨**

**ପୂର୍ଣ୍ଣିମା-** ଦିଘ ୧।୧୪ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର-** ରାଘ ୮।୧୦ ପର୍ଯ୍ୟନ୍ତ ।**ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୮।୧୦ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୮।୧୦ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୧।୧୪ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୪୯ ଗତେ ଘ ୮।୨୯ ମଧ୍ୟେ । ଦିଘ ୧।୫୮ ଗତେ ଘ ୫।୨୯ ମଧ୍ୟେ । **ପର୍ବୋତ୍ସବ-** ଦେବସ୍ନାନ ପୂର୍ଣ୍ଣିମା, ସନ୍ଥ କବିର ଜୟନ୍ତୀ, ଶ୍ରୀଜୀଉଙ୍କ ଗଜାନନ ବେଶ ।

**ମେଷ:** ବ୍ୟବସାୟ ମଧ୍ୟମ ଧରଣର ହେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଶାରୀରିକ କଷ୍ଟ ଦେଖାଦେଇପାରେ । ପାରିବାରିକ ଅସହଯୋଗ ଦେଖାଦେବ । ସାଧାନରେ ସିଦ୍ଧି ଲାଭ କରିବେ ।

**ବୃଷ:** ଆଜି ଆପଣଙ୍କର ଭ୍ରମଣ ଯୋଗ ରହିଛି । ବ୍ୟବସାୟ ଲାଭବାନ୍ ହେବ । ଶୁଭ ଖବର ପାଇପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।

**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ଆଜି ଆପଣଙ୍କର ଧୈର୍ଯ୍ୟ ହାନୀ ମଧ୍ୟ ଘଟିପାରେ । ବହୁ ସମୟ ଅନ୍ୟମନସ୍କ ରହିବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବାର ସୂଚନା ।

**କର୍କଟ:** ଆଲୋଚନା ମାଧ୍ୟମରେ ସବୁ ପ୍ରକାର ସମସ୍ୟାର ସମାଧାନ ଘଟିବ । ଆର୍ଥିକ ସ୍ଥିତି ମାନ୍ଦା ହେବ । ଅଧିକ ପରିଶ୍ରମ କରିବେ । ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ଜାତ ହେବାର ସୂଚନା ।

**ସିଂହ:** ଆଜି ଆପଣଙ୍କର ଦ୍ରବ୍ୟ ନଷ୍ଟ ହୋଇପାରେ । ଶତ୍ରୁଙ୍କ ଠାରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ କ୍ଷତି ଘଟିପାରେ । ଖର୍ଚ୍ଚର ପରିମାଣ ବଢ଼ିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

**କନ୍ୟା:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ସଫଳ ହେବ । ନୂତନ କର୍ମାରମ୍ଭ କରିବେ । ମନ ପ୍ରସନ୍ନ ରହିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଓ ସନ୍ତୋଷଜନକ ହେବାର ସୂଚନା ।

**ତୁଳା:** ଚାକିରୀ କ୍ଷେତ୍ରରେ ଉତ୍ସାହ ସହକାରେ ସମସ୍ତ କାର୍ଯ୍ୟ କରିଚାଲିବେ । ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ । ରୋଜଗାରର ପରିମାଣ ଭଲ ହେବ । ଦେହ ଭଲ ରହିବ ।

**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ । ବନ୍ଧୁଙ୍କ ଆଚରଣରେ ମନରେ ସନ୍ଦେହ ଜାତ କରିବେ । ଶତ୍ରୁ ଅଧିକ ହେବ । ଧନବାନ ହୋଇପାରନ୍ତି । ଦେହ ଓ ମନ ଭଲ ରହିବ ।

**ଧନୁ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ । ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ଜାତ କରିବ । ଶତ୍ରୁ ଅଧିକ ହେବ । ଧନବାନ ହୋଇପାରନ୍ତି । ଉନ୍ନତି ଦେଖାଦେବାର ସୂଚନା ମଧ୍ୟ ।

**ମକର:** ନୂତନଦ୍ରବ୍ୟ କ୍ରୟ କରିପାରନ୍ତି । ପରିବାରରେ ସମସ୍ୟା ଅକ୍ଲେଶରେ ସମାଧାନ ହୋଇଯିବ । ନୂତନ କର୍ମାରମ୍ଭ ହୋଇପାରେ । ଆୟରେ ଉନ୍ନତି ଦେଖାଦେବାର ସୂଚନା । ଦେହ ଭଲ ରହିବ ।

**କୁମ୍ଭ:** ଐଶ୍ୱର୍ଯ୍ୟ ପ୍ରାପ୍ତି ହେବ । ଯଶ ସମ୍ମାନ ବଢ଼ିବ । କର୍ମକ୍ଷେତ୍ରରେ ବିଜୟ ଲାଭ କରିବେ । ଧନ ଲାଭ କରିବେ । ମୂଲ୍ୟବାନ ଦ୍ରବ୍ୟ ଲାଭ ଯୋଗ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।

**ମୀନ:** ଦାନ ଧର୍ମ କରି ପୂଣ୍ୟ ଅର୍ଜନ କରିବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୨।୬।୨୦୨୫, ଜ୍ୟୈଷ୍ଠ ଦ୨୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୦୭।୩୩** **ଚନ୍ଦ୍ରୋଦୟ- ରାଘ ୭।୩୫।୧୩**

**ପ୍ରତିପଦ-** ଦିଘ ୨।୨୮ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ରାଘ ୯।୫୬ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୨।୨୮ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୧ ଗତେ ଘ ୬।୦୪ ମଧ୍ୟେ । ଦିଘ ୯।୩୫ ଗତେ ଘ ୧୧।୨୦ ମଧ୍ୟେ । **ପର୍ବୋତ୍ସବ-** ବ୍ରହ୍ମଗିରିରେ ଅଲାରନାଥ ଦର୍ଶନ ଆରମ୍ଭ ।

31 YEARS
ସମ୍ବାଦ କଳିକା

# ୨୦୩୦ ସୁଦ୍ଧା ହେବ କୁଷ୍ଠ ମୁକ୍ତ ଓଡିଶା

ଓଡ଼ିଶାକୁ ଘାରିଛି କୁଷ୍ଠ ଭୟ । ଗତ ୬ବର୍ଷରେ ରାଜ୍ୟରେ ମୋଟ ୪୩ହଜାର ୭୧୧ ନୂଆ କୁଷ୍ଠ ରୋଗୀ ଚିହ୍ନଟ ହୋଇଛନ୍ତି। କେବଳ ସୁସ୍ଥ ବ୍ୟକ୍ତି ନୁହେଁ, ଭିନ୍ନକ୍ଷମ ଓ ଶିଶୁଙ୍କୁ ମଧ୍ୟ କୁଷ୍ଠ ଆକ୍ରାନ୍ତ କରୁଛି । କରୋନା ପରେ ପରେ ଏହି ସଂଖ୍ୟା ବଢୁଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହାକୁ ନେଇ ଚିନ୍ତା ପ୍ରକଟ କରିଛି।

ସ୍ୱାସ୍ଥ୍ୟ ବିଭାଗର ତଥ୍ୟ କହୁଛି, ୨୦୧୯-୨୦ରେ ରାଜ୍ୟରେ ୧୦ ହଜାର ୭୭ ଜଣ ରୋଗୀ ଚିହ୍ନଟ ହୋଇଥିଲେ । ୨୦୨୦-୨୧ରେ ୬୮୮୪, ୨୦୨୧-୨୨ରେ ୫୭୨୯, ୨୦୨୨-୨୩ରେ ୭୧୯୭, ୨୦୨୩-୨୪ରେ ୮୩୯୬ ରୋଗୀ ଚିହ୍ନଟ ହୋଇଥିଲେ। ତେବେ ୨୦୨୪- ୨୫ ସୁଦ୍ଧା ୬୧୯୪ ନୂଆ କୁଷ୍ଠ ରୋଗୀ ଚିହ୍ନଟ ହୋଇଛନ୍ତି । ଯଦି ଭିନ୍ନକ୍ଷମ ବ୍ୟକ୍ତିଙ୍କ ଉପରେ ନଜର ଦେବା, ୧୯- ୨୦ରେ ୨୦୦ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ଚିହ୍ନଟ କରିଥିଲା । ୨୦-୨୧ରେ ୧୭୮, ୨୧-୨୨ରେ ୧୬୪, ୨୨-୨୩ରେ ୧୯୫, ୨୩-୨୪ରେ ୧୪୯ଜଣ ଓ ୨୪- ୨୫ରେ ୯୫ଜଣ ଭିନ୍ନକ୍ଷମ କୁଷ୍ଠରେ ଆକ୍ରାନ୍ତ ହୋଇଛନ୍ତି । ଆଶ୍ଚର୍ଯ୍ୟର ବିଷୟ, ରାଜ୍ୟ ସରକାର କୁଷ୍ଠ ରୋଗର ଚିକିତ୍ସାକୁ ଗୁରୁତ୍ୱ ଦେଇଛନ୍ତି। ରାଷ୍ଟ୍ରୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅନୁସାରେ ରୋଗୀ ଓ ରୋଗୀଙ୍କ ସହ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଔଷଧ ଖାଇବାକୁ ଦିଆଯାଉଛି। ତଥାପି ରୋଗୀ ସଂଖ୍ୟା ବଢ଼ିଚାଲିଛି । ବର୍ତ୍ତମାନ ୧୪ଟି ଜିଲ୍ଲାରେ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। ତଥାପି ବଲାଙ୍ଗିର, ବୌଦ୍ଧ, ନୂଆପଡା ଭଳି ଜିଲ୍ଲାରେ ଅଧିକ କୁଷ୍ଠ ରୋଗୀ ରହିଛନ୍ତି। ଯେହେତୁ କୁଷ୍ଠ ଏକ ସଂକ୍ରମଣଜନିତ ରୋଗ ହୋଇଥିବାରୁ ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଡିପିଏମଆର କ୍ଲିନିକ୍ ରହିଛି । ଏହାପୂର୍ବରୁ ଗତ ୨୦୦୬-୦୭ରେ ରାଜ୍ୟକୁ କୁଷ୍ଠ ମୁକ୍ତ ଘୋଷଣା କରାଯାଇଥିଲେ ହେଁ ପ୍ରତିବର୍ଷ ରୋଗୀ ଚିହ୍ନଟ ହେଉଥିବା ବେଳେ ସରକାରଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏବେ ଶିଶୁଙ୍କୁ ଏହି ରୋଗ ବ୍ୟାପୁଛି । ତଥ୍ୟ ଦେଖିଲେ, ୨୦୧୯-୨୦ରେ ୬୮୧ଜଣ ଶିଶୁ କୁଷ୍ଠରେ ପୀଡିତ ହୋଇଥିଲେ । ୨୦-୨୧ରେ ୪୨୨, ୨୧- ୨୨ରେ ୩୯୨, ୨୨-୨୩ରେ ୩୮୨, ୨୩-୨୪ରେ ୫୧୩ ଓ ୨୪-୨୫ରେ ୩୪୭ ଜଣ ଶିଶୁ କୁଷ୍ଠରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ତେବେ ରାଜ୍ୟରେ କୁଷ୍ଠ ମୂଳପ୍ରାଟନ କରିବା ପାଇଁ ଚଳିତବର୍ଷ ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସହ ଆଲୋଚନା କରିଛନ୍ତି। ଯେଉଁ ବ୍ୟକ୍ତି ରୋଗୀଙ୍କ ସଂସ୍ପର୍ଶରେ ଆସିବେ ସେମାନଙ୍କୁ ମାଗଣାରେ ଟୀକା ଦିଆଯିବ ବୋଲି କହିଛନ୍ତି । ଆଇସିଏମ୍ଆର ଏହା ନୋଡାଲ ଏଜେନ୍ସି ରହିବ । ହେଲେ ଏହାର କିଛି ଅଗ୍ରଗତି ଏପର୍ଯ୍ୟନ୍ତ ହୋଇପାରିନି। ସେହିପରି କୁଷ୍ଠ ରୋଗୀଙ୍କୁ ଥଇଥାନ ପାଇଁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୬ଟି କୁଷ୍ଠ କଲୋନୀ, ଚିକିତ୍ସା ପାଇଁ ୧୪ଟି କୁଷ୍ଠ ଚିକିତ୍ସାଳୟ ଓ ୪ଟି କୁଷ୍ଠାଶ୍ରମ ଅଛି । ଏହି କଲୋନୀରେ ୨୦୦୭ରୁ କୁଷ୍ଠ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି । ଯେଉଁମାନେ ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ସେବା ସହ ସଚେତନ କରିବେ। ହେଲେ ଗତ କିଛିବର୍ଷ ହେବ ବିଭିନ୍ନ କୁଷ୍ଠ କଲୋନୀରେ ୩୫୯ଟି କୁଷ୍ଠ କର୍ମୀ ପଦବୀ ଖାଲିପଡିଛି । ଯାହାକୁ ନେଇ ଗତବର୍ଷ ରାଜ୍ୟ କୁଷ୍ଠ ସଙ୍ଗଠନ କ୍ଷୋଭ ପ୍ରକାଶ କରି ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଫେରାଦ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ କିଛି ସମାଧାନ ହୋଇପାରିନି ବୋଲି ସଙ୍ଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି ।

# ଧର୍ମାନ୍ତରୀକରଣ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

କିଛି ଦିନ ତଳେ ମୋ ଗ୍ରାମର କେତେକ ଯୁବକ ମୋତେ ଖବର ଦେଲେ ଯେ ଭୁବନେଶ୍ୱରରୁ କେତେଜଣ ଖ୍ରୀଷ୍ଟିଆନ ପାଦ୍ରୀ ଗାଁର ହରିଜନ ସାହିରେ ପଶି ସେମାନଙ୍କ ମଧ୍ୟରେ ଧର୍ମ ପ୍ରଚାର କରୁଛନ୍ତି। ଅଳ୍ପ ବୟସର କେତେକ ଯୁବକ ଏଥିରେ ବି ପ୍ରଭାବିତ ହେଉଛନ୍ତି। ଗାଁ ପାଖ ଇତିହାସ ପ୍ରସିଦ୍ଧ ଭେଟର ବିସ୍ତୃତ ଘଞ୍ଚ ପଳାଶ ଓ ନିମ୍ବ ବଣରେ ସେମାନଙ୍କର ସଭା ବସୁଛି। ଖବରଟି ଯେତିକି ସ୍ପର୍ଶକାତର ସେତିକି ବି ଦୁଃଖଦାୟକ ଥିଲା। ମୋ ଗାଁ ଭୁବନେଶ୍ୱରର ଅତି ନିକଟରେ ରହିଛି। ପ୍ରତି ସପ୍ତାହରେ ଥରେ ବା ଦୁଇଥର ମୋର ନିଶ୍ଚିତ ଭାବେ ଗାଁକୁ ଯିବାର କଥା। ଗାଁର ଗହଳ ସବୁଜିମା ଓ ସେଠାରେ କଟାଇଥିବା ଅତୀତ ସ୍ମୃତି ମୋତେ ବହୁ ଆକୃଷ୍ଟ କରିଥାଏ। ମାତ୍ର ବର୍ତ୍ତମାନ ସେପରି ସବୁଜିମା ଆଉ ଦେଖିବାକୁ ମିଳେନାହିଁ। ବିଲମାଳର ଜମି ସବୁ ଚଢ଼ା ଦରରେ ବାହାରୁ ଆସୁଥିବା ଲୋକେ କିଣି ନେଉଛନ୍ତି। ତଥାପି ଗାଁକୁ ଆସି ଅତୀତର ସ୍ମୃତି ପଖାଳିବାରେ ଯେଉଁ ଆନନ୍ଦ ମିଳିଥାଏ ତାହା କହିବାକୁ ମୋର ଭାଷା ନାହିଁ। ଗାଁ ଚାଟଶାଳୀର ପାଠପଢ଼ା, ଆମ୍ବ ତୋଟାରେ ବୁଲି ଗଛରୁ ଖସି ପଡୁଥିବା ପାଚିଲା ଆମ୍ବ ଗୋଟାଇବା, ଗୋରୁମାନଙ୍କ ମେଳରେ ଘଞ୍ଚ ପଳାଶ ବଣ ଭିତରେ ବୁଲିବା ସହ ଝାଟି କଣ୍ଟାବଣରୁ କାଙ୍କଡ଼, ମଟକା ଆଉ ବହୁ କିସମର କୋଳି ତୋଳିବାରେ ଭରି ଯାଉଥିଲା ଅପୂର୍ବ ଆନନ୍ଦ। ଗୁଂଜରପୋକ, ନାଳି ଗୁଲୁ ଗୁଲୁ ସାଧବ ବୋହୂ, ବଣି, ଗୋବରା ଚଢ଼େଇ ଶୁଆ ଓ ମୟୂର ଧରିବାର ନିଶା ଏବେ ବି ମୋ ମନରୁ ଲିଭିଯାଇ ନାହିଁ। ଗାଁକୁ ଗଲେ ବସିଯାଏ ଭେଟ ଜଙ୍ଗଲକୁ ଲାଗିଥିବା 'ରାହାମୁଣ୍ଡି'ର ଉନ୍ମୁକ୍ତ ଖୋଲା ପ୍ରାନ୍ତରରେ। ସେଠାରେ ଖେଳିଯାଉଥିବା ମୃଦୁମଳୟ ହିଲ୍ଲୋଳର ସ୍ପର୍ଶରେ ମନରେ ଆସେ ଅଶେଷ ଉନ୍ମାଦନା। ଅପରୂପ ପ୍ରକୃତିର ସୌନ୍ଦର୍ଯ୍ୟରେ ମନ ଭରିଯାଏ। ହଜିଯାଉଥିବା ଅତୀତକୁ ପୁଣି ସାଉଣ୍ଟି ଆଣିବାକୁ ପଡ଼େ। ଆଜି ଆଉ ସେ ଦିନ ନାହିଁ ପୁଣି କେବେ ବି ଆଉ ଜୀବନରେ ଆସିବ ନାହିଁ। ଜୀବନ ଯାତ୍ରାରେ ଦିନେ ହିଁ ତ ବାଟ ହୁଡ଼ିବାକୁ ପଡ଼ିବ। ମନେ ପଡ଼ିଯାଏ କବି ମନର ବ୍ୟଥାର ଗାଥା।

ବେଳ ରତରତ ହେଲାଣିତ ଆସି
କୁଞ୍ଜେ ଚାଲ କୁଞ୍ଜରାଣୀ
ଚଉରାଶୀ କ୍ରୋଶ ବ୍ରଜେ ତୋତେ ଆଉ
ସଖି କେହି ଦେଖିବେନି ଲୋ।
ବେଳ ରତରତ ଆସି ହେଲାଣି।
କେତେବେଳେ ଅନ୍ଧାର ଆସିଯିବ। ହେ
ସଖି ! ତୋତେ କୁଞ୍ଜକୁ ଯିବାକୁ ହିଁ
ହେବ। ଚଉରାଶୀ ଅଙ୍ଗୁଳ ପରିମିତ ଏହି
ଦେହ ରୂପୀ ବ୍ରଜରେ କୁଞ୍ଜରାଣୀ
ଜୀବନକୁ ଆଉ ଦେଖିବାକୁ ମିଳିବ
ନାହିଁ। ଯାହାକି ଚିରନ୍ତନ ସତ୍ୟ।

ତେବେ ଯେଉଁମାନେ ପାଦ୍ରୀମାନଙ୍କ ସହ ସହଯୋଗ କରୁଥିଲେ ସେମାନଙ୍କୁ ଡକାଇଲି। ମାତ୍ର ସେମାନେ ଏପରି ଅଭିଯୋଗକୁ ସ୍ୱୀକାର କଲେ ନାହିଁ। ପଳାଶବଣରେ ଯେଉଁ ସ୍ଥାନରେ ସେମାନଙ୍କ ସଭା ଓ ଖାଇବାର ଆୟୋଜନ କରାଯାଉଥିଲା ତାହା ମଧ୍ୟ ମୋତେ ଅଭିଯୋଗକାରୀମାନେ ଦେଖାଇଥିଲେ। ଗ୍ରାମଟିରେ ଗୋଟିଏ ଧର୍ମକୁ ନେଇ ବିଭିନ୍ନ ଜାତିର ଲୋକ ପୁରୁଷାନୁକ୍ରମେ ଚଳି ଆସୁଥିବା ମୁଁ ମୋ ପିଲାବେଳୁ ଦେଖି ଆସିଛି। ବିଭିନ୍ନ ଜାତି ହେଲେ ମଧ୍ୟ ସେମାନଙ୍କ ମଧ୍ୟରେ ଯେଉଁ ପ୍ରକାରର ସହଯୋଗ ଥିଲା ତାହା ଅନୁଭବୀ ବିନା ଅନ୍ୟକୁ ଜଣାନାହିଁ। ଗାଁର ଦୋଳ ଉତ୍ସବ, ଦଶହରା ପାର୍ବଣ, ବିବାହ, ବ୍ରତ ଓ ଶୁଦ୍ଧଘର ପ୍ରଭୃତି ସାମାଜିକ ଉତ୍ସବରେ ପ୍ରତ୍ୟେକର ପ୍ରତ୍ୟେକଙ୍କ ପ୍ରତି ସହଯୋଗ ଥିଲା। ଯଦି କୌଣସି ଗଣ୍ଡଗୋଳ ନିଜ ଭିତରେ ହେଉଥିଲା ଗାଁ ସଭା ବସି ସେସବୁର ଆପୋଷ ନିଷ୍ପତ୍ତି ନେଉଥିଲେ। କିଏ ଯଦି ବେମାର ପଡ଼ିଲା ସମସ୍ତେ ମିଶିଯାଇ ତାକୁ ଡାକ୍ତରଖାନା ନେଇ ଯାଉଥିଲେ। ଅର୍ଥର ଆବଶ୍ୟକତା ହେଲେ ନିଜ ଭିତରେ ଚାନ୍ଦା ଆଦାୟ କରି ତାହାର କାମ ଚଳାଇ ଦେଉଥିଲେ ଇତ୍ୟାଦି। ଆଜି ସେପରି ଦୃଶ୍ୟ ଆଉ ନାହିଁ। ଆଉ ପୁଣି ସେଠାରେ ଧର୍ମପ୍ରଚାର ଆରମ୍ଭ ହେବାକୁ ବସିଲାଣି। ଏପରି ହେଲେ ଦୋଳ ବା ଦଶହରା ପାର୍ବଣ ଆସିଲେ ତ କେହି ଆଉ ଏକାଠି ହେବେ ନାହିଁ କି ପୂର୍ବର ପରସ୍ପର ସହଯୋଗ ରହିବ ନାହିଁ। ଏତେ ସୁନ୍ଦର ପରିବେଶକୁ ଧର୍ମ ପ୍ରଚାର କରି ନଷ୍ଟ କରିଦେବାଟା କେତେଦୂର ଯୁକ୍ତିଯୁକ୍ତ ? କେଉଁମାନେ ଏପରି ବିଦ୍ୱେଷ ଭାବନା ସୃଷ୍ଟି କରୁଛନ୍ତି ? ଧର୍ମ ବଦଳିଲେ ସଂସ୍କୃତି ବି ବଦଳିଯିବ। ଆଉ ପରସ୍ପର ମଧ୍ୟରେ ବିଭେଦ ବି ସୃଷ୍ଟି ହେବ। ଯେଉଁମାନେ ଏହି ସବୁ କାର୍ଯ୍ୟ ସହ ଜଡ଼ିତ ହେଉଛନ୍ତି ସେମାନେ କ'ଣ କରୁଛନ୍ତି ତାହା ଜାଣି ପାରୁନାହାନ୍ତି। ଗ୍ରାମର ସମସ୍ତଙ୍କୁ ଏକାଠି କରି ଏହି ସନ୍ଦେଶ ଦେଇ ସେମାନଙ୍କୁ ଚେତାଇ ବି ଦେଲି। ଅବଶ୍ୟ ଏହାପରେ ଆଉ କେହି ସେହି ଗାଁକୁ ଧର୍ମ ପ୍ରଚାର ନିମନ୍ତେ ଯିବା ମୋ ଦୃଷ୍ଟିକୁ ଆସିନାହିଁ।

ପାଶ୍ଚାତ୍ୟ ଦେଶରୁ ଭାରତକୁ ଆସିଥିବା ଫ୍ରାଙ୍କଇସ୍ ଗୋଟିୟର ହେଉଛନ୍ତି ଜଣେ କ୍ୟାଥଲିକ୍ ଖ୍ରୀଷ୍ଟିଆନ ପାଦ୍ରୀ। ହିନ୍ଦୁମାନଙ୍କ ମଧ୍ୟରେ ଖ୍ରୀଷ୍ଟିଆନ ଧର୍ମ ପ୍ରଚାର କରିବା ନିମନ୍ତେ ତାଙ୍କୁ ଭାରତ ପଠାଯାଇଥିଲା। ମୁଖ୍ୟତଃ ତାଙ୍କ କର୍ମକ୍ଷେତ୍ର ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ନିର୍ଦ୍ଦିଷ୍ଟ ଥିଲା। ସାଧାରଣ ଗରିବ ଲୋକମାନଙ୍କ ମଧ୍ୟରେ ଧର୍ମ ପ୍ରଚାର ନିମନ୍ତେ ସେମାନେ ଚଳଚଞ୍ଚଳ ହୋଇଉଠୁଥିଲେ। ଗରୀବ ହରିଜନ ବସ୍ତି, ସହରର ବସ୍ତି ଅଞ୍ଚଳ, ବସ୍ ଷ୍ଟାଣ୍ଡ, ରେଲୱେ ଷ୍ଟେସନ ମୁଖ୍ୟତଃ ତାଙ୍କ ଧର୍ମ ପ୍ରଚାରର କର୍ମସ୍ଥଳୀ ଥିଲା। ଧର୍ମାନ୍ତରୀକରଣ ନିମନ୍ତେ ପ୍ରଥମ କିସ୍ତିରେ ପ୍ରତ୍ୟେକଙ୍କୁ ୨୫୦୦ ଟଙ୍କା ଦିଆଯାଇଥାଏ। ପରବର୍ତ୍ତୀ କିସ୍ତିରେ ଦିଆଯାଏ ୩୦୦୦ ଟଙ୍କା। ତାପରେ ଯେତେବେଳେ ସେ ପୂର୍ଣ୍ଣତଃ ହିନ୍ଦୁଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବାକୁ ପ୍ରସ୍ତୁତ ହୁଅନ୍ତି ତାକୁ ଦିଆଯାଏ ୧୦,୦୦୦ ଟଙ୍କା। ଏହାପରେ ତାର ନାମ ପରିବର୍ତ୍ତନ। ହିନ୍ଦୁର ସମସ୍ତ ପ୍ରକାର ଆଚରିତ ସଂସ୍କୃତିରୁ ତାଙ୍କୁ ବିଚ୍ୟୁତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଏ। ହିନ୍ଦୁ ଦେବଦେବୀଙ୍କ ସଂପର୍କରେ ବହୁ ଅକଥା କୁହାଯାଇ ସେମାନଙ୍କୁ ପ୍ରଭାବିତ କରାଯାଏ। ଆମେରିକା, ଇଂଲଣ୍ଡ, ଜର୍ମାନୀ ଓ ଇଉରୋପର ବହୁ ଚର୍ଚ୍ଚରୁ ଅଜସ୍ର ଅର୍ଥ ଧର୍ମାନ୍ତରୀକରଣ କରିବା ନିମନ୍ତେ ଏସିଆରେ ଥିବା ବିଭିନ୍ନ ଚର୍ଚ୍ଚମାନଙ୍କୁ ଦିଆଯାଇଥାଏ।

ଜଣେ ପାଶ୍ଚାତ୍ୟ ଧର୍ମପ୍ରଚାରକ ପାଦ୍ରୀ ହୋଇ ମଧ୍ୟ ଫ୍ରାଙ୍କଇସ୍ ଗୋଟିୟରଙ୍କ ବ୍ୟଥିତ ହୃଦୟରେ ଖ୍ରୀଷ୍ଟ ଧର୍ମ ପ୍ରଚାରର ଏପରି ମାର୍ମିକ ବ୍ୟଥା ତା ୧୦.୦୬.୨୦୦୮ର ଦୈନିକ The Indian Expressରେ ପ୍ରକାଶିତ ହୋଇଛି। କର୍ଣ୍ଣାଟକର ହିନ୍ଦୁମାନେ ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କ ଉପରେ ସେତେବେଳେ ଯେଉଁ ଆକ୍ରମଣ କରିଥିଲେ ତାହାର କେତେକ ତଥ୍ୟ ସେ ମଧ୍ୟ ସେହି ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି। ତେବେ ସେ ନିଶ୍ଚିତ ଧନ୍ୟବାଦର ପାତ୍ର କାରଣ ନିଜେ ଜଣେ ଖ୍ରୀଷ୍ଟିଆନ ଧର୍ମପ୍ରଚାରକ ପାଦ୍ରୀ ହୋଇ ମଧ୍ୟ ସତ କହିବାକୁ ଆଦୌ ପଛେଇଯାଇନାହାନ୍ତି।

ଏପରି ଧର୍ମପ୍ରଚାର କରି ଧର୍ମ ପରିବର୍ତ୍ତନର ଉଦ୍ୟମ ହେଉଛି କାହିଁକି ? ଧର୍ମ ପରିବର୍ତ୍ତନରେ ସାମାଜର ଆର୍ଥିକ ସ୍ଥିତି କଣ କିଛି ବଦଳି ଯିବ ? ଗୋଟିଏ ଧର୍ମ ନିରପେକ୍ଷ ରାଷ୍ଟ୍ରରେ ଅର୍ଥ ଲାଳସା ଦେଖାଇ ନିରକ୍ଷର ଦରିଦ୍ରମାନଙ୍କୁ ଧର୍ମାନ୍ତରିତ କରିବାର ପୌରଷତା କ'ଣ ? ବିବେକାନୁମୋଦିତ କର୍ତ୍ତବ୍ୟ ହିଁ ପ୍ରକୃତ ମାନବ ଧର୍ମ। ସମସ୍ତ ଜାଣି ମଧ୍ୟ ଅର୍ଥ ବଦଳରେ ଏପରି ଯେଉଁମାନେ କରୁଛନ୍ତି ବା କରାଉଛନ୍ତି ସେମାନେ ଦେଶରେ ଅସ୍ଥିରତା ସୃଷ୍ଟି କରିବା ସହ ସମାଜରେ ପରସ୍ପର ମଧ୍ୟରେ ତିକ୍ତତା ସୃଷ୍ଟି କରାଉନାହାନ୍ତି କି ?

ଭୁବନେଶ୍ୱରରେ ମୋ ରହିବା ଘରକୁ ଲାଗି ରହୁଥିଲେ ଗୋଟିଏ ଖ୍ରୀଷ୍ଟିଆନ ପରିବାର। ସେହି ପରିବାରର ଝିଅକୁ ଟିଉସନ କରିବାକୁ ଆସୁଥିଲେ ଜଣେ ହିନ୍ଦୁ ଶିକ୍ଷକ। ଝିଅଟିର ରୂପରେ ଆକୃଷ୍ଟ ହୋଇ ଶିକ୍ଷକଟି ତାକୁ ବିବାହ କଲେ ଓ ପରବର୍ତ୍ତୀ କାଳରେ ଉକ୍ତ ଶିକ୍ଷକଙ୍କର ସମସ୍ତ ପରିବାର ଖ୍ରୀଷ୍ଟିଆନ ଧର୍ମରେ ଦୀକ୍ଷିତ ହୋଇଗଲେ। ଅବଶ୍ୟ ତାଙ୍କ ବାପା ଖ୍ରୀଷ୍ଟିଆନ ନ ହୋଇ ମରିଗଲେ। ପୁରୀର ସ୍ୱର୍ଗଦ୍ୱାରରେ ତାଙ୍କ ଶବ ସତ୍କାର ବେଳେ ପୁଅ ମୁଖାଗ୍ନି ଦେଇପାରିଲା ନାହିଁ କି ସେଠାରେ ପରିବାରର କେହି ଉପସ୍ଥିତ ନଥିଲେ। ଏପରି କଥାକୁ ଟିକିଏ ଚିନ୍ତା କଲେ ମନରେ ଭରିଦିଏ ଅଶେଷ ବ୍ୟଥା ଆଉ ତିକ୍ତତା। ଏପରି ଧର୍ମ ନାମରେ ସାମାଜିକ ପରିସ୍ଥିତି କିଭଳି ଭିନ୍ନ ଦିଗକୁ ଟାଣି ହୋଇଯାଉଛି ତାହା ସହଜେ ଅନୁମେୟ।

ବ୍ରିଟିଶ୍ ରାଜତ୍ୱ ସମୟରେ ଯେଉଁ ଅଳ୍ପ କେତେକ ବ୍ୟକ୍ତି ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିଲେ ସେମାନଙ୍କ ମଧ୍ୟରେ ଥିଲେ ପ୍ରାତଃ ସ୍ମରଣୀୟ କୁଳବୃଦ୍ଧ ମଧୁସୂଦନ ଦାସ। ଧର୍ମପରିବର୍ତ୍ତନ ପାଇଁ ତାଙ୍କ ପରିବାର ପକ୍ଷରୁ ତାଙ୍କୁ ଲାଂଛିତ ହେବାକୁ ପଡିଥିଲା। ମାତ୍ର ଓଡ଼ିଆ ସଂସ୍କୃତି ପ୍ରତି ତାଙ୍କର ମହନୀୟ ଅବଦାନ ଇତିହାସରେ ଚିର ଜାଜ୍ୱଲ୍ୟମାନ ହୋଇ ରହିଥିବ। ସେ ନଥିଲେ ଆଜି ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଓ ଗଜପତି ବଂଶର ଅବସ୍ଥା କ'ଣ ହୋଇଥାନ୍ତା ତାହା ସହଜେ ଅନୁମେୟ। ଆଜି ପୁରୀରେ ଗଜପତିଙ୍କ ଶ୍ରୀନଅର ବୋଲି ଯାହା ଓଡ଼ିଆମାନଙ୍କୁ ଆକୃଷ୍ଟ କରିପାରୁଛି ତାହା ଥିଲା କୁଳବୃଦ୍ଧଙ୍କ ଶ୍ରୀ ଜଗନ୍ନାଥଙ୍କୁ ଦାନ। ଜଗନ୍ନାଥ ମନ୍ଦିର ଓ ଗଜପତି ବଂଶକୁ ନେଇ ସେ ଯେଉଁ ମକଦ୍ଦମା କରି ବ୍ରିଟିଶ୍ ଶାସନ ସହ ଲଢ଼ିଥିଲେ ସେଥିରେ ତାଙ୍କ ସିନିଅର ଓକିଲ ଥିଲେ ଜଣେ ସାହେବ। ବିରକ୍ତ ହୋଇ ସେ ତାଙ୍କୁ ଗାଳି ଦେଇ କହିଥିଲେ "You are a lunatic" ଅର୍ଥାତ୍ ତୁମେ ଜଣେ ବଦ୍ଧ ପାଗଳ। କାରଣ ଥିଲା ସେ ଖ୍ରୀଷ୍ଟିଆନ ହୋଇ ହିନ୍ଦୁ ମନ୍ଦିର ପାଇଁ କାହିଁକି ଲଢୁଥିଲେ ? ମାତ୍ର ସ୍ମିତ ହାସ୍ୟରେ କୁଳବୃଦ୍ଧ ଉତ୍ତର ଦେଇଥିଲେ ଯେ ସେ ପ୍ରଥମେ ଓଡ଼ିଆ ତା ପରେ ଖ୍ରୀଷ୍ଟିଆନ। ଏଥିରୁ ଜଣାପଡ଼େ ଯେ ସେ କିଭଳି ଥିଲେ ଓଡ଼ିଆ ସଂସ୍କୃତିର ପ୍ରଚଣ୍ଡ ସ୍ୱାଭିମାନୀ ଓ ରକ୍ଷକ। ଆଜି କେତେଜଣ ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ଏପରି ଭାବନା ଦେଖିବାକୁ ମିଳୁଛି ? କେତେ ବର୍ଷ ତଳେ କେତେଜଣ ବୟସ୍କ ଖ୍ରୀଷ୍ଟିଆନବନ୍ଧୁମାନଙ୍କ ସହ କୌଣସି ବ୍ୟକ୍ତିଗତ କାର୍ଯ୍ୟରେ ପୁରୀ ଯିବାକୁ ପଡ଼ିଥିଲା। ବଡ଼ଦାଣ୍ଡ ବାଟେ ଗଲାବେଳେ ଅରୁଣଖମ୍ବ ପାଖରେ ମୁଁ ଗାଡ଼ିରୁ ଓହ୍ଲାଇ ଶ୍ରୀ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିଲି। ମୋ ସହିତ ସେମାନେ ବି ମୁଣ୍ଡିଆ ମାରିଲେ। ମୁଁ ତାଙ୍କୁ ପଚାରିଲି ଆପଣମାନେ ପରା ଖ୍ରୀଷ୍ଟିଆନ ? ତତ୍କ୍ଷଣାତ ସେମାନଙ୍କ ଭିତରୁ ଉତ୍ତର ମିଳିଲା କେବଳ ତୁମର କ'ଣ ଏହି ଜଗନ୍ନାଥ ମନ୍ଦିର ? ଆମ ପୂର୍ବପୁରୁଷମାନଙ୍କର ଏଥିରେ କ'ଣ କିଛି ଅବଦାନ ନାହିଁ ? ଏପରି ଉତ୍ତରରେ ମୁଁ ସ୍ତମ୍ଭୀଭୂତ ହୋଇଗଲି। ମୁହଁରୁ କଥା ବାହାରିଲା ନାହିଁ। କଣ ବା ଅଧିକ କହିବି। ସେମାନଙ୍କ ପ୍ରତି ମଥା ଅବନତ ହୋଇଗଲା। ଭାବିଲି ଏମାନେ ପ୍ରକୃତ ଓଡ଼ିଆ ଓ ଓଡ଼ିଶାର ସଚେତନ ବନ୍ଦନୀୟ ବ୍ୟକ୍ତିତ୍ୱ। ଆଜି ଏପରି ଭାବନା କେତେ ଜଣ ଧର୍ମାନ୍ତରିତଙ୍କ ପାଖରେ ରହିଛି ?

# ଜନ୍ମବାସର ଯାତ୍ରା-ଦେବାଭିଷେକ ଲୀଳା



କୁନଲତା ତ୍ରିପାଠୀ
କଟକ,
ଫୋନ- ୮୩୩୯୦୫୧୧୭୩

ଶାସ୍ତ୍ର ଅନୁସାରେ 'ଗଙ୍ଗାୟାମ ଚ ଜଳେ ମୁକ୍ତି ବରଣାସ୍ୟାମ ଜଳେ ସ୍ଥଳେ, ଜଳେ ସ୍ଥଳେ ଚାନ୍ତରିକ୍ଷେ ମୁକ୍ତି ଶ୍ରୀପୁରୁଷୋତ୍ତମେ' । ମାତା ପତିତପାବନି ଗଙ୍ଗାଦେବୀଙ୍କ ଜଳ ଜୀବକୁ ମୁକ୍ତି ପ୍ରଦାନ କରୁଥିବା ବେଳେ, ବାରଣାସୀ ତୀର୍ଥର ଜଳଭାଗ ଏବଂ ସ୍ଥଳଭାଗ ମୁକ୍ତି ପ୍ରଦାନ କରୁଥିବା ବେଳେ ଅନନ୍ୟ ଅବର୍ଣ୍ଣନୀୟ ଏ ପୁରୁଷୋତ୍ତମ କ୍ଷେତ୍ରର ଜଳଭାଗ, ସ୍ଥଳଭାଗ ତଥା ଗଗନ ମାର୍ଗ ମଧ୍ୟ ମୁକ୍ତିପ୍ରଦ ଅଟେ। ପରମ କାରୁଣିକ ପ୍ରଭୁ ଜୀବକୁ ମୁକ୍ତି ପ୍ରଦାନ କରିବା ପାଇଁ ବିଭିନ୍ନ ଲୀଳାରେ ଆକୃଷ୍ଟ କରି ମୁକ୍ତିର ମାର୍ଗ ସୁଗମ କରିଥାନ୍ତି । ଅନନ୍ତ ଲୀଳାର ଲୀଳାମୟ ପୁରୁଷ ଶ୍ରୀପୁରୁଷୋତ୍ତମ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ । ଅବର୍ଣ୍ଣନୀୟ ତାଙ୍କର ଲୀଳା –ଖେଳା । ବେଦାନ୍ତବେଦ୍ୟ ପରଂବ୍ରହ୍ମ, ଯିଏ ଅନ୍ୟ ରୂପରେ ସମଗ୍ର ବିଶ୍ୱରୂପ ଏବଂ ବ୍ୟତିରେକ ରୂପେ ପ୍ରତି ଅଣୁ ପରମାଣୁରେ ବିଦ୍ୟମାନ, ସେହି ଅରୂପ ଏକୈକ ଶକ୍ତି ସ୍ୱରୂପ ସ୍ୱୟଂ ପ୍ରକାଶପୂର୍ବକ ଦାରୁ କଳେବରଧାରଣକରି ଦାରୁବ୍ରହ୍ମ ଚତୁର୍ଦ୍ଧା ମୂର୍ତ୍ତିରୂପେ ନିତ୍ୟଧାମ ଶ୍ରୀନୀଳାଚଳରେ ବିରାଜିତ । 'ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ, ଦେବାଃ ନଜାନାନ୍ତି କୁତୋ ମନୁଷ୍ୟା-" କ୍ଷେତ୍ରବର ଶ୍ରୀପୁରୁଷୋତ୍ତମ ଏବଂ କ୍ଷେତ୍ରାଧିଶ ଶ୍ରୀପୁରୁଷୋତ୍ତମଙ୍କ ରହସ୍ୟ ଯେଉଁଠି ଦେବତାମାନଙ୍କୁ ଆଗୋଚର, ତାହା ମନୁଷ୍ୟମାନଙ୍କୁ ଗୋଚର ହେବ ବା କିପରି ? ସ୍କନ୍ଦପୁରାଣ ବର୍ଣ୍ଣନା ଅନୁସାରେ, ଯେଉଁ ନୀଳସୁନ୍ଦର ପର୍ବତର ଅଗମ୍ୟ ଶୀର୍ଷଦେଶରେ ନୀଳକାନ୍ତମଣିମୟ ବିଗ୍ରହ 'ଶ୍ରୀନୀଳମାଧବ' ଦେବତାମାନଙ୍କର ଆରାଧ ଥିଲେ, ସେହି ଇଚ୍ଛାମୟ, ଶବରରାଜ ବିଶ୍ୱାବସୁଙ୍କୁ ଏକାନ୍ତଭାବେ ତାଙ୍କର ସେବାକରିବାର ସୁଯୋଗଟିଏ ପ୍ରଦାନକରିଥିଲେ । ସେହି ଇଚ୍ଛାମୟ ନୀଳମାଧବ ନିଜକୁ ପାତାଳୀକରାଇ ଲୋକାଭିମୁଖୀହୋଇ ବିଭିନ୍ନ ଲୀଳାପ୍ରବୃତ୍ତ ଇଚ୍ଛାରେ ମନ୍ୱନ୍ତରରେ ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ସେବା ପୂଜା ପ୍ରାପ୍ତହେବା ପାଇଁ ଦାରୁବ୍ରହ୍ମ ରୂପେ ପ୍ରକଟିତ ହେଲେ । ଇନ୍ଦ୍ରଦ୍ୟୁମ୍ନଙ୍କୁ ବରଦାନପୂର୍ବକ ସ୍ୱୟଂ ବିଭିନ୍ନ ସେବା ନିର୍ଦ୍ଦେଶଦେଲେ । ମୁଖ୍ୟତଃ ଦ୍ୱାଦଶ ଯାତ୍ରା'ର ଲୀଳା ତନ୍ମଧ୍ୟରେ ଅନ୍ୟତମ । ପ୍ରସିଦ୍ଧ ଶ୍ଳୋକଟି ହେଲା –

'ମଞ୍ଚାସ୍ନାନଂ ରଥୋବରଗତିଃ ଶାୟନଂ ଚାୟନେ ଦ୍ୱେ
ପାର୍ଶ୍ୱବୃତ୍ତି ଶୟନନିବୃତ୍ତିଃ ପ୍ରାବରଣମ ପୁଷ୍ୟପୂଜା
ଦୋଳଯାତ୍ରା ଦମନକମୋହଃ ଚାକ୍ଷପୂର୍ଣ୍ଣ ତୃତୀୟା
ଏଷା ଯାତ୍ରା ଭୁବନ ବିଦିତା ଦ୍ୱାଦଶଶୈତା ନରେନ୍ଦ୍ର' ।

ଅର୍ଥାତ -୧-ସ୍ନାନ ଯାତ୍ରା, ୨-ରଥ ଯାତ୍ରା ୩-ଶୟନ ଉତ୍ସବ, ୪-ଦକ୍ଷିଣାୟନ,୫- ପାର୍ଶ୍ୱ ପରିବର୍ତ୍ତନ, ୭-ଉତ୍ଥାପନ ଏକାଦଶୀ, ୮-ପ୍ରାବରଣ ଷଷ୍ଠୀ( ଓଢଣ ଷଷ୍ଠୀ), ୯-ପୁଷ୍ୟାଭିଷେକ,୧୦-ଦୋଳଯାତ୍ରା, ୧୧-ଦମନକ ଚତୁର୍ଦ୍ଦଶୀ ଏବଂ ୧୨- ଅକ୍ଷୟ ତୃତୀୟା।

କୋଟି କୈବଲ୍ୟନାଥ ପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି ଦାରୁବ୍ରହ୍ମଙ୍କର ଏହି ଯାତ୍ରାଗୁଡିକୁ ଅବଲୋକନ କରି ମନନ ଓ ଚିନ୍ତନ କଲେ ଏହା



ଅନୁଭବହେବ ଯେ ପ୍ରତିଟି ଉତ୍ସବ ମାନବୀୟ ଲୀଳା'ର ଅନ୍ତର୍ଭୁକ୍ତ । ଅନନ୍ତ ମାନବୀୟ ଲୀଳାର ନାୟକହୋଇଥିବାରୁ ପ୍ରଭୁ ନାମଟି ବହିଛନ୍ତି –'ଶ୍ରୀପୁରୁଷୋତ୍ତମ' । ଏହି ଶ୍ରେଷ୍ଠ ନୀଳାଚଳ ଧାମରେ ଶ୍ରୀମନ୍ଦିରର ଗର୍ଭ ଗୃହରେ ରତ୍ନସିଂହାସନରେ ଆସୀନ ହୋଇ ମହାପ୍ରଭୁ, ମହାବାହୁ ବିସ୍ତାରକରି ଆଲିଙ୍ଗନ ମୁଦ୍ରାରେ ଭକ୍ତମାନଙ୍କ ସହିତ ଲୀଳା-ଖେଳାକରିବା ପାଇଁ ଯେମିତି ପ୍ରତିଟି ବିଧି ବିଧାନର ପରମ୍ପରା ସୃଷ୍ଟି କରିଛନ୍ତି ।

ଆଦ୍ୟ ସ୍ନାନଯାତ୍ରାରେ ସ୍ନାନ ମଣ୍ଡପରେ ପ୍ରଭୁ ମନୁଷ୍ୟଭଳି ସ୍ନାନ କରୁଛନ୍ତି । ବର୍ଷର ଅନ୍ୟଦିନମାନଙ୍କରେ ପ୍ରଭୁଙ୍କର ମନ୍ତ୍ରସ୍ନାନ ଅର୍ଥାତ ବିମ୍ବସ୍ନାନ କରାଯାଉଥିବା ବେଳେ, ସ୍ନାନ ଯାତ୍ରାରେ ରତ୍ନ ସିଂହାସନରୁ ପ୍ରଭୁଙ୍କୁ ସ୍ନାନ ମଣ୍ଡପକୁ ଆଣି ତାଙ୍କର ପ୍ରତ୍ୟକ୍ଷ ସ୍ନାନକରାଯାଏ । ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ ଏହା ଅନୁଷ୍ଠିତ ହୁଏ । ତେଣୁ ଜ୍ୟେଷ୍ଠ ପୂର୍ଣ୍ଣମୀକୁ ସ୍ନାନ ପୂର୍ଣ୍ଣମୀ ବା ଦେବ ସ୍ନାନ ପୂର୍ଣ୍ଣମା କୁହାଯାଏ । ଦାରୁବ୍ରହ୍ମ ରୂପେ ଆବିର୍ଭାବ ହେବାବେଳେ ପ୍ରଥମେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ମଙ୍ଗଳମୟ ମୁହୂର୍ତ୍ତରେ ଏହି ମଞ୍ଚ ସ୍ନାନ ଲୀଳା ଆରମ୍ଭ କରିଥିଲେ । ତେଣୁ ଏହି ଯାତ୍ରା ବା ମହୋତ୍ସବଟିକୁ ଶ୍ରୀଜୀଉମାନଙ୍କର ଜନ୍ମବାସର ଯାତ୍ରାବୋଲି କୁହାଯାଏ । ଯାତ୍ରା ଭାଗବତ କୁହନ୍ତି –

'ଜ୍ୟେଷ୍ଠେ ମାସି ସିତେ ପକ୍ଷେ ପୂର୍ଣ୍ଣମ୍ୟାମ ଜଗଦୀଶ୍ୱରମ
ସ୍ନାପୟେତ ତୀର୍ଥତୋୟେନ ସର୍ବ ମଙ୍ଗଳ ସିଦ୍ଧୟେ ' ।

ବର୍ଷର ସବୁ ସମୟରେ ବନ୍ଦ ଥିବା ଦେବୀ ଶୀତଳା ମନ୍ଦିର ସଂଲଗ୍ନ ସୁନାକୂଅ ଯାହାକି ମାତା ଶୀତଳା ଓ ତାଙ୍କ ବାହାନ ସିଂହ ମଧ୍ୟରେ ଅବସ୍ଥିତ, ସେଥିରୁ ଶାସ୍ତ୍ରୀୟ ମତରେ ୧୦୮ କୁମ୍ଭ (ସୁନା କଳସ) ଜଳ ଅଣାଯାଇ ସେଥିରେ ଚନ୍ଦନ, କର୍ପୂର ଓ କେଶର ପ୍ରଭୃତି ସୁଗନ୍ଧିତ ଦ୍ରବ୍ୟ ଓ ଅଷ୍ଟବନ୍ଧ, କୃଷ୍ଣ ଅଗୁରୁ, ଉସୀର, ଗୋରଚନା, ଦେବଦାରୁ, ମୁଥା,ହରିତାଳ, ବାହାଡା, ଆମଳକୀ, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୁଷ୍ଠା ଇତ୍ୟାଦି ମିଶ୍ରିତ କରି ଅଧିବାସ କରାଯାଏ । ସେହି ଅଭିମନ୍ତ୍ରିତ ଅଷ୍ଟୋତ୍ତର ଜଳ କୁମ୍ଭ ମଧ୍ୟରୁ ୩୫ କୁମ୍ଭରେ ଶ୍ରୀଜଗନ୍ନାଥଙ୍କୁ, ୩୩ କୁମ୍ଭରେ ଶ୍ରୀବଳଭଦ୍ରଙ୍କୁ, ୨୨ କୁମ୍ଭ ଜଳରେ ଦେବୀ ସୁଭଦ୍ରାଙ୍କୁ ଓ ୧୮ କୁମ୍ଭ ଜଳରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ସ୍ନାନ କରାଯାଏ ।

ଚତୁଃ ପଂକ୍ତିତୟ ରକ୍ଷେତ ପଞ୍ଚତ୍ରିଂଶତଘଟାମସ୍ତଥା
ଜଗନ୍ନାଥ ନିମିତ୍ତଞ୍ଚ ତ୍ରୟତ୍ରିଂଶତ ପଟାମ ପ୍ରିୟେ
ବଳଦେବାୟ ଭଦ୍ରାର୍ଥମ ଘଟାନ ଦ୍ୱାବିଂଶତି ତଥା
ଅଷ୍ଟାଦେଶସ୍ୟୁଶ୍ଚକ୍ରସ୍ୟ କ୍ରମତସ୍ତୁ ସୁରକ୍ଷୟେତ ।

ଏହି ପୁଣ୍ୟତିଥିରେ ସ୍ନାନ ମଣ୍ଡପରେ ପ୍ରଭୁ ଗଜବେଶ ବା ଗଣପତି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇ କୃତାର୍ଥ କରନ୍ତି । ଗଣପତି ବେଶହେବା ପଛରେ ପ୍ରଭୁ କେତେ ଲୀଳାମୟ ତାର କାରଣ ସମସ୍ତଙ୍କୁ ଜଣା । ସୁଦୂର ମହାରାଷ୍ଟ୍ରରୁ ଆସିଥିବା ଭକ୍ତ ଗଣପତି ଭଟ୍ଟଙ୍କ ଇଷ୍ଟଦେବ ଥିଲେ ଅଗ୍ରପୂଜ୍ୟ ଶ୍ରୀଗଜାନନ । ଭକ୍ତର ମନୋବାଞ୍ଛା ପୂରଣକରିବା ପାଇଁ ମହାପ୍ରଭୁ ଗଣପତି ବେଶରେ ତାଙ୍କୁ ଦର୍ଶନ ଦେଇଥିଲେ । ଦିନେ ଗୋସ୍ୱାମୀ ତୁଳସୀ ଦାସଙ୍କୁ ରତ୍ନ ସିଂହାସନରେ ' ପ୍ରଭୁ ତାଙ୍କର ଇଷ୍ଟ ଶ୍ରୀରାମ ଚନ୍ଦ୍ର ରୂପେ ଦର୍ଶନ ଦେଇ ତାଙ୍କ ମନୋଭିଳାଷ ପୂର୍ଣ୍ଣ କରିଥିଲେ। ଏକୈକ ଶକ୍ତି ପରମେଶ୍ୱର ଦାରୁବ୍ରହ୍ମ ପ୍ରମାଣିତ କରିଦିଅନ୍ତି – ' ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାମ ତଥୈବ ଭଜାମ୍ୟହମ' । ' ଯାହାର ଯେଉଁ ଭାବ ଦେଖି, ନାବ ମୁଁ ଦିଅଇ ସଳଖି' । ସତରେ ସେ ଅନାଦି – ଅନନ୍ତ, ଅସୀମ ସତ୍ତାଙ୍କୁ ସୀମିତ ଚିନ୍ତା ଚେତନା ଯୁକ୍ତ ଏ ମନୁଷ୍ୟ କେମିତି ବା କଳନା କରିପାରିବ ? 'ବେଦାନ୍ତ ସାର ବ୍ରହ୍ମ ଏହି । ବେଦ ଯା ବର୍ଣ୍ଣିନପାରାଇ' । ଆଚମ୍ବିତ ଲାଗେ, ସେ ପ୍ରଭୁ ପୁଣି 'ଯଥା ଦେହେ ତଥା ଦେବେ' ହୋଇଯାନ୍ତି । ସ୍ନାନ ପରେ ତାଙ୍କୁ ଜ୍ୱର ଆକ୍ରାନ୍ତ କରେ । ଯେ ପରମ ବୈଦ୍ୟ ସେ ରୋଗାଗ୍ରସ୍ତ ମନୁଷ୍ୟଟିଏ ପରି ବ୍ୟାଧିମୁକ୍ତ ହେବା ପାଇଁ ଚିକିତ୍ସା ଲୋଡି ଅଣସର ଘରେ ସ୍ନାନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରହି ବିଶ୍ରାମ ନିଅନ୍ତି । ତାଙ୍କ ଶରୀରରେ ଫୁଲୁରି ତେଲ ମାଲିସ କରାଯାଏ । ସେ ସୁସ୍ଥହେବା ପାଇଁ ଜଡି-ବୁଟି ଓ ରାଜ ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ମୋଦକ ସେବନ କରନ୍ତି । ଏହି ସମୟରେ ରତ୍ନ ସିଂହାସନରେ ପଟ୍ଟି ଦିଅଁଙ୍କୁ ବ୍ରହ୍ମ ଜ୍ଞାନରେ ଭକ୍ତ ଦର୍ଶନକରେ । ଅଣସର ସମୟରେ ବ୍ରହ୍ମଗିରିର ପ୍ରସିଦ୍ଧ ପ୍ରଭୁ ଆଲ୍ଲାରନାଥଙ୍କୁ ଦର୍ଶନକଲେ ଭକ୍ତ ଜଗନ୍ନାଥ ଦର୍ଶନର ଫଳ ପ୍ରାପ୍ତି ହୁଏ । ସତରେ ଏ ମହାପ୍ରଭୁଙ୍କର ବିଚିତ୍ର ଭାବ ।

କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ଲେଖନୀରେ –
ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର
ପତିତପାବନ ଅର୍ଥେ ପ୍ରାସାଦୁ ବାହାର ।

ଏହି ସ୍ନାନକୁ ପତିତପାବନ ଲୀଳା ମଧ୍ୟ କୁହାଯାଏ । ସମଭାବାପନ୍ନ, ସର୍ବ ଧର୍ମନ୍ୱୟର ପ୍ରତୀକ ପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନ ମହୋତ୍ସବର ଶୁଭ ଅବସରରେ ସର୍ବ କଲ୍ୟାଣପ୍ରଦ ହୁଅନ୍ତୁ । ସାମ୍ପ୍ରତିକ ପରିସ୍ଥିତିରେ ଯୁଦ୍ଧ ଘନଘଟାର ଅବସାନ ଘଟାଇ ଏ ଧରିତ୍ରୀ ମାତା ସମ୍ମୁଖୀନ ହେବାକୁ ଯାଉଥିବା ଶଙ୍କଟ ମୋଚନ କରି ତାର ଧାରଣ କରିବାର ଶକ୍ତିକୁ ଉଦ୍‌ଜୀବିତ କରାଇ ମାତାକୁ ସ୍ୱର୍ଣ୍ଣପ୍ରସୂ କରାନ୍ତୁ, ଏହାହିଁ କାମନା ।

# ଦେବସ୍ନାନ ପୂର୍ଣ୍ଣିମା ବା ଶ୍ରୀଜଗନ୍ନାଥାଦିଙ୍କ ଜନ୍ମୋତ୍ସବ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

ସ୍ନାନମଣ୍ଡପରେ ଦକ୍ଷିଣାଭିମୁଖୀ ଶ୍ରୀଜଗନ୍ନାଥାଦିଙ୍କୁ ଯେଉଁମାନେ ଦର୍ଶନ କରନ୍ତି ବା ଆରତୀକୁ ଭକ୍ତି ସହକାରେ ଦର୍ଶନ କରନ୍ତି ସେମାନେ ଅଶ୍ୱମେଧ ଯଜ୍ଞର ଫଳଲାଭ କରନ୍ତି। ସେମାନଙ୍କର ସକଳ ମନୋରଥ ପୂରଣ ହୋଇଥାଏ। ଅନ୍ତ କାଳରେ ସେମାନେ ବୈକୁଣ୍ଠ ପୁରକୁ ଗମନ କରନ୍ତି। ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ବା ମଞ୍ଚସ୍ନାନ ଏକ ଶାସ୍ତ୍ରୀୟ ଭିତ୍ତ ଭୂମିର ଲୀଳା । ଏହାହିଁ ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନଯାତ୍ରା, ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଶ୍ରୀକ୍ଷେତ୍ରରେ ପାଳନ କରାଯାଏ । ଏହି ଦିନ ଶ୍ରୀମନ୍ଦିରର ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ କଳସୀ ଜଳରେ ସ୍ନାନ କରାଯାଏ । ଏହା ପରେ ଦିଅଁମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ । ସାଧାରଣତଃ ବର୍ଷରେ ଥରୁଟିଏ ଶ୍ରୀ ଜଗନ୍ନାଥ ଭାଇଭଉଣୀଙ୍କ ସହିତ ଜଳସ୍ନାନ କରନ୍ତି, ଅନ୍ୟ ସମୟରେ ତାଙ୍କୁ ମନ୍ତ୍ରସ୍ନାନ କରାଯାଏ । ଏହି ଦିନକୁ ଜଗନ୍ନାଥଙ୍କର ଜନ୍ମଦିନ ରୂପରେ ମଧ୍ୟ ପାଳନ କରାଯାଇଥାଏ । ଏହା ରଥଯାତ୍ରା ଆଗରୁ ପାଳିତ ହେଉଥିବା ଏକ ପୂଜା ବିଧି ।

ଦାରୁବ୍ରହ୍ମଙ୍କ ଲୀଳାକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ବା ମଞ୍ଚସ୍ନାନ ଏକ ଶାସ୍ତ୍ରୀୟ ଭିତ୍ତ ଭୂମିର ଲୀଳା । ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବରୁ ଶ୍ରୀଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ । ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନଲୀଳା କରାଇଥିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନ । ସେତେବେଳେ ସ୍ନାନମଣ୍ଡପ ନଥିବାରୁ ଏକ କାଠର ମଞ୍ଚ ନିର୍ମାଣ କରାଯାଇ ତାହା ଉପରେ ସ୍ନାନବିଧି ସମାପନ ହୋଇଥିଲା । ସେଥିପାଇଁ ଅନେକ ଶାସ୍ତ୍ରରେ ଏହା ମଞ୍ଚସ୍ନାନ ବୋଲି ଉଲ୍ଲେଖ ହୋଇଛି । ଶାସ୍ତ୍ରମତରେ ୧୦୮ ସୁନା କଳସରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁବ୍ରହ୍ମଙ୍କ ଆଦ୍ୟ ସ୍ନାନଲୀଳା ସମାପନ ହୋଇଥିଲା। ସେହି ଶାସ୍ତ୍ରୀୟ ମତକୁ ଅନୁସରଣ କରି ଆଜି ବି ସେହିପରି ସ୍ନାନଯାତ୍ରା ଅନୁଷ୍ଠିତ ହେଉଅଛି । ସୂଚନାଯୋଗ୍ୟ, ଶାସ୍ତ୍ର ମତରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିବସରେ ମହାପ୍ରଭୁଙ୍କ ଆବିର୍ଭାବ ହୋଇଥିଲା । ଜ୍ୟେଷ୍ଠମାସ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ପ୍ରଥମ ସ୍ନାନଲୀଳା ଜାତି, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଦର୍ଶନ କରିଥିବାରୁ ଏହି ଲୀଳାକୁ ପତିତପାବନ ଲୀଳା କୁହାଯାଏ । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଇତାମାନେ ପହଣ୍ଡି କରାଉଥିବା ବେଳେ ମଦନମୋହନଙ୍କୁ କେବଳ ମହାଜନ ସେବକମାନେ ବିଜେ କରାଇଥାନ୍ତି । ପହଣ୍ଡି ବିଜେ ସମୟରେ ସାତ ପାହଚ ଉପରେ ଠାକୁରମାନେ ଚୂଳ ଓ ଟାହିଆ ଲାଗି ହୁଅନ୍ତି । ଏହି ସାତପାହଚ ଉପରେ ଟାହ୍ୟାଲାଗି ହେବାପରେ ଦ୍ୱିତୀୟ ମଙ୍ଗଳାର୍ପଣ ହୁଏ। ତା ପରେ ବନ୍ଦାପନା ଓ ପରେ ପରେ ରାଘବଦାସ ମଠରୁ ଆସିଥିବା ଘଷା ଲାଗି କରାଯାଏ । ତା ପରେ ପନ୍ତି ଖାଇ ଖାଇ ଠାକୁରମାନେ ସ୍ନାନବେଦିକୁ ଯାଇ ନିଜର ଆସ୍ଥାନ ଉପରେ ଅବସ୍ଥାନ କରନ୍ତି। ସୁଆର ବଡୁ ଅମୃଣିଆ ପାଣି ଛିଞ୍ଚନ୍ତି । ଗରାବଡୁ ସୁବର୍ଣ୍ଣକଳସ ଧରି ଶିତଳାଦେବୀଙ୍କ ସମ୍ମୁଖସ୍ଥ ଓ ବର୍ଷତମାମ ଅପବ୍ୟବହୃତ ହୋଇ ରହିଥିବା ସ୍ୱର୍ଣ୍ଣକୂପରୁ ଜଳ ଆଣନ୍ତି । ଦେବସ୍ଥାନ ପୂର୍ଣ୍ଣିମାର ପୂର୍ବ ଦିନ ମହାପ୍ରଭୁଙ୍କ ପାଇଁ ଶ୍ରୀମନ୍ଦିରର ଦେବଯାନ ମାର୍ଗରେ ଅବୋ ସୁନା କୂଅରୁ ୧୦୮ କଳସ ଜଳ ସଂଗ୍ରହ କରାଯାଏ। ଏହି ସୁନା କୂଅଟି ଶୀତଳା ଠାକୁରାଣୀ ଓ ତାଙ୍କ ବାହନ ସିଂହଙ୍କ ମଧ୍ୟରେ ଅବସ୍ଥିତ । ପରେ ଯେପରି ଏହି କୂଅକୁ ବର୍ଷସାରା ସିଂହ ହିଁ ସୁରକ୍ଷିତ ରଖିଥାଏ । କୂଅର ବ୍ୟବହାର ବର୍ଷସାରା ନଥବାରୁ ଜନପଦୀୟ ତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ ଅଣତୁଠ ପାଣି ବୋଲି ଗ୍ରହଣ କରାଯାଏ । ସ୍ନାନଲୀଳାରେ ବୈଦିକ ବିଧିରେ ସ୍ନାନ ଜଳ ଅଭିମନ୍ତ୍ରିତ ହେଉଥବା ବେଳେ ସ୍ଥାନ କାଳରେ ତାନ୍ତ୍ରିକ ବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ । ଯଜ୍ଞ ପରମ୍ପରାରେ ଏହି କୂଅକୁ 'ପ୍ରଣୀତାକୂପ' ବୋଲି କୁହାଯାଏ । ପ୍ରାଚୀନ କାଳରେ ମଧ୍ୟ ଓଡ଼ିଶାରେ ଛୁଆଟିଏ ଜନ୍ମ ହେଲେ ତାହାକୁ ଅଣତୁଠ ପାଣି ମିଶ୍ରଣ କରାଯାଇ ସ୍ନାନ କରିବାର ପରମ୍ପରା ରହିଥିଲା। ଏହାଦ୍ୱାରା ଦୁଷ୍ଟ ଶକ୍ତିଙ୍କ ପ୍ରଭାବ କଅଁଳା ପିଲାଙ୍କ ଉପରେ ପଡ଼େନାହିଁ । ଅଭିମନ୍ତ୍ରିତ ହୋଇଥିବା ଜଳରେ ୧୦୮ କଳସରେ ଅଷ୍ଟବନ୍ଧ, କୃଷ୍ଣ-ଅଗୁରୁ, ଉଶୀର, ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡ଼ା, ଆମଳକୀ, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୋଧା ମିଶ୍ରତ କରାଯାଏ । ଏହି ମହୌଷଧି ମିଶ୍ରଣ କରାଯିବା ପରେ ଜଳକୁ ଅଭିମନ୍ତ୍ରିତ କରାଯାଏ । ସେହି ଗନ୍ଧଯୁକ୍ତ ଅଭିମନ୍ତ୍ରିତ ଜଳରେ ଦାରୁବ୍ରହ୍ମଙ୍କୁ ଶ୍ରୀଜୀଉମାନଙ୍କୁ ୧୦୮ ଗରା ଜଳରେ ସ୍ନାନ କରାଯାଏ। ଏହି ଜଳରୁ ୩୫ ଗରା ଜଗନ୍ନାଥଙ୍କୁ, ୩୩ ଗରା ବଳଭଦ୍ରଙ୍କୁ, ୨୨ ଗରା ସୁଭଦ୍ରାଙ୍କୁ ଓ ୧୮ ଗରା ସୁଦର୍ଶନଙ୍କୁ ସ୍ନାନ କରାଯାଏ ।ଏହାକୁ 'ପ୍ରତ୍ୟେକ୍ଷ ଅବକାଶ' କହନ୍ତି । ପ୍ରଭୁଙ୍କୁ ଏହି ଦିନ ଗଜାନନ ବେଶ କରାଯାଏ । ଏହି ଦିନ ରାଘବଦାସ ମଠ ପକ୍ଷରୁ ଦେବୀ ସୁଭଦ୍ରାଙ୍କୁ ଫୁଲଚୂଳ, ଚନ୍ଦ୍ରିକା ଓ ଛତ୍ରି ଲାଗି କରାଯାଇ ବେଶ କରାଯାଏ । ଗୋପାଳତୀର୍ଥ ମଠଦ୍ୱାରା ପ୍ରଦତ୍ତ ଶ୍ରୀବଳଭଦ୍ରଙ୍କୁ ଗଜାନନ ବେଶ ଓ ଶୁଦର୍ଶନଙ୍କୁ ଚକ୍ର ଲାଗି କରାଯାଏ । ଏହି ଦିନ ତିନି ଧୂପ ବଦଳରେ ଗୋଟିଏ ଧୂପ ଦିଆଯାଏ। ତାପରେ ଠାକୁରମାନେ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ଫେରନ୍ତି। ଭିତର କାଠପାଖ ଅଣସର ପିଣ୍ଡିରେ ଠାକୁରମାନେ ବିଜେ କରିବାପରେ ତାଟି ବନ୍ଧାଯାଏ ଓ ପଟିମୂର୍ତ୍ତି ସ୍ଥାପନା କରାଯାଏ। ତାପରେ ଏହି ଚତୁର୍ଧାମୂର୍ତ୍ତି ସ୍ନାନପୂର୍ଣ୍ଣିମା ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଦିର୍ଘ ୧୫ ଦିନ ଧରି ଜ୍ୱରରେ ପଡ଼ନ୍ତି । ଏହାକୁ ଅଣସର କୁହାଯାଏ । ଏହି ୧୫ ଦିନ ଭକ୍ତମାନେ ଜିଉମାନଙ୍କର ଦର୍ଶନ ପାଆନ୍ତି ନାହିଁ । ଏହି ସମୟରେ ଭକ୍ତମାନେ ନିକଟସ୍ଥ ବ୍ରହ୍ମଗିରିରେ ପୂଜିତ ହେଉଥିବା ଅଲାରନାଥଙ୍କୁ ଦର୍ଶନ କରନ୍ତି।

ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତି, ସ୍ନାନ ପରେ ଗଜବେଶରେ ସଜ୍ଜିତ ହୁଅନ୍ତି । ଏହା ପଛରେ ଏକ କିମ୍ବଦନ୍ତୀ ନିହିତ । ମହାରାଷ୍ଟ୍ରର ଏକ ବ୍ରାହ୍ମଣ ଗଣପତି ଭଟ୍ଟ ଥରେ ଶ୍ରୀ କ୍ଷେତ୍ରର ମହିମା ବିଷୟରେ ଶୁଣି, ମହାପ୍ରଭୁଙ୍କ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଲେ। ସେ ଭଗବାନ ଗଣେଶଙ୍କର ଭକ୍ତ ଥିଲେ । ତେଣୁ ଦାରୁ ବିଗ୍ରହଙ୍କ ଦର୍ଶନ କରି, ଗଜ ରୂପ ନଦେଖି ସେ ତାଙ୍କୁ ପରମବ୍ରହ୍ମ ବୋଲି ମାନିବାକୁ ଅସ୍ୱୀକାର କଲେ ଏବଂ କ୍ଷୁବ୍ଧ ହୋଇ ମନ୍ଦିର ତ୍ୟାଗ କଲେ । ପରଦିନ ଦେବସ୍ନାନ ପୂର୍ଣ୍ଣିମା ଥିଲା । ମହାପ୍ରଭୁଙ୍କ ଆଦେଶରେ ବଡ଼ପଣ୍ଡା ଗଣପତି ଭଟ୍ଟଙ୍କୁ ସ୍ନାନ ଯାତ୍ରା ଦେଖିବା ପାଇଁ ଆମନ୍ତ୍ରଣ କଲେ । ତାଙ୍କ ଦୃଷ୍ଟି ସମ୍ମୁଖରେ ଦାରୁ ବିଗ୍ରହ ଶ୍ରୀ ଜଗନ୍ନାଥଙ୍କ ରୂପ ପରିବର୍ତ୍ତନ ହୋଇ ଗଣପତି ରୂପ ହୋଇଗଲା। ଏ ଅଲୌକିକ ଘଟଣା ଦେଖି ତାଙ୍କର ଜ୍ଞାନୋଦୟ ହେଲା ଏବଂ ସେ ନିଜର ଭୁଲ ବୁଝିପାରିଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ବର ପ୍ରଦାନ କଲେ ଯେ, ପ୍ରତିବର୍ଷ ଏହି ଦିନରେ ସେ ଗଜବେଶ ଧାରଣ କରିବେ। ଏହି ଘଟଣା ପରଠାରୁ ପ୍ରତିବର୍ଷ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ ପୂର୍ଣ୍ଣିମାରେ ଗଜବେଶ ଧାରଣ କରନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ହାତୀ ବେଶ ବା ଗଜାନନ ବେଶ ସମ୍ପର୍କରେ ରହିଥିବା କିମ୍ବଦନ୍ତୀ ଅନୁଯାୟୀ ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗାଣପତ୍ୟ ସମ୍ପ୍ରଦାୟର ଶ୍ରୀ ଗଣପତି ଭଟ୍ଟ ନାମକ ଜୈନିକ ବିଶିଷ୍ଟ ବ୍ରାହ୍ମଣ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ । ସେ ପ୍ରଭୁ ଗଣେଶଙ୍କ ବଡ଼ ଭକ୍ତ ଥିଲେ । ସ୍ନାନ ପୂର୍ଣ୍ଣମୀ ଦିନ ଶ୍ରୀମନ୍ଦିରରୁ ପ୍ରବେଶ କରି ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରି ଗଣପତି ଭଟ୍ଟ ସନ୍ତୋଷ ଲାଭ କଲେ ନାହିଁ । ତେଣୁ ନିରାଶ ମନରେ ଶ୍ରୀକ୍ଷେତ୍ରରୁ କିଛି ବାଟ ଯିବା ପରେ ମୁକ୍ତେଶ୍ୱର ଠାରେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିଆସି ଦେଖନ୍ତି ଯେ, ଠାକୁରମାନେ ତାଙ୍କର ଇଷ୍ଟ ଗଣପତି ରୂପ ଧାରଣ କରି ଧବଳ ରୂପରେ ବଳଭଦ୍ର ଓ କଳା ରୂପରେ ଜଗନ୍ନାଥ ଶୋଭା ପାଉଛନ୍ତି । ଗଣପତି ଭଟ୍ଟ ଏହି ଦୃଶ୍ୟ ଦେଖି ଭକ୍ତି ବିଭୋର ହୋଇପଡ଼ିଲେ ଓ ତତ୍କ୍ଷଣାତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣାବିନ୍ଦରେ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ପ୍ରାର୍ଥନା କରିଥିଲେ । ଗଣପତି ଭଟ୍ଟଙ୍କ ଗଣପତି ବେଶ ଦର୍ଶନର ସ୍ମାରକୀ ସ୍ୱରୂପ ଏହି ବେଶ ହୋଇ ଆସୁଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଜୁନ୍ ୨୦୨୫ ବୁଧବାର

# ଆଭା

## ବୈଜ୍ଞାନିକଙ୍କୁ ବଡ଼ ସଫଳତା: ଏହି ଉପାୟରେ ୧୦ ବର୍ଷ କମିଲା ବୃଦ୍ଧଙ୍କ ବୟସ

ମଣିଷ ନିଜ ବୟସ ତୁଳନାରେ କମ୍ ବୟସର ଦେଖାଯିବା ପାଇଁ ଅନେକ ପନ୍ଥା ଅପଣାନ୍ତି। କିଏ ଜିମ୍ ଯାଇ ସୁସ୍ଥ ରହିବାକୁ ଚେଷ୍ଟା କରନ୍ତି ତ ଆଉ କେହି ଉପଯୁକ୍ତ ଡାଏଟ ଏବଂ ଆଣ୍ଟି ଏଜିଂ କ୍ରିମ ଭଳି ପ୍ରସାଧନ ସାମଗ୍ରୀ ବ୍ୟବହାର କରନ୍ତି। କିନ୍ତୁ ଏ କ୍ଷେତ୍ରରେ ବୈଜ୍ଞାନିକମାନଙ୍କୁ ଏକ ବଡ଼ ସଫଳତା ମିଳିଛି। ମଣିଷ ନିଜର ବୟସ କମାଇପାରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଜଣେ ବ୍ୟକ୍ତିଙ୍କଠାରେ ପରୀକ୍ଷଣ ପରେ ବୈଜ୍ଞାନିକମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ୩ମାସର ପରୀକ୍ଷଣ ପରେ ଜଣେ ବ୍ୟକ୍ତିଙ୍କ ବୟସ ୧୦ ବର୍ଷ ହ୍ରାସ କରିବାରେ ବୈଜ୍ଞାନିକମାନେ ସଫଳ ହୋଇଛନ୍ତି। ପରୀକ୍ଷଣ ପାଇଁ ବୈଜ୍ଞାନିକମାନେ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ଯୋଶେଫ ଡିଟୁରିଙ୍କୁ ନିଜ ଟିମରେ ସାମିଲ କରିଥିଲେ। ତାଙ୍କୁ ଆଟଲାଣ୍ଟିକ ମହାସାଗରରେ ୩ ମାସ ପର୍ଯ୍ୟନ୍ତ ଗଭୀର ଜଳରେ ଏକ କମ୍ପାକ୍ଟ ପଡ୍ ଭିତରେ ରଖାଯାଇଥିଲା। ୯୩ ଦିନ ପରେ ଯେତେବେଳେ ଯୋଶେଫ ପାଣିରୁ ବାହାରିଥିଲେ ତାଙ୍କର ପରୀକ୍ଷାନିରୀକ୍ଷା କରାଯାଇଥିଲା, ଯାହାର ରିପୋର୍ଟ ଦେଖି ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ ଯୋଶେଫଙ୍କ ବୟସ ୧୦ ବର୍ଷ ହ୍ରାସ ପାଇଥିବା ବୈଜ୍ଞାନିକମାନେ ଜାଣିବାକୁ ପାଇଥିଲେ। ପାଣି ଭିତରେ ଅଧିକ ଚାପ ରହୁଥିବା ପରିବେଶରେ ଦୀର୍ଘ ସମୟ ରହିଲେ ଶରୀର ଉପରେ ତାହାର କି ପ୍ରଭାବ ପଡ଼େ ସେନେଇ ବୈଜ୍ଞାନିକମାନେ ଏହି ପରୀକ୍ଷା କରାଇଥିଲେ। ପରୀକ୍ଷାରୁ ଜଣାପଡ଼ିଥିଲା ଯେ, ଯୋଶେଫଙ୍କ ଶରୀରର କ୍ରୋମୋଜମ ଶେଷଭାଗରେ ଥିବା ଡିଏନଏ କ୍ୟାପ୍(ଟେଲୋମିୟର) ପୂର୍ବ ତୁଳନାରେ ୨୦ ପ୍ରତିଶତ ବୃଦ୍ଧି ପାଇଥିଲା। ମଣିଷର ବୟସ ବଢ଼ିଲେ ଏହି ଟେଲୋମିୟର ଧୀରେ ଧୀରେ ସଙ୍କୁଚିତ ହୋଇଯାଇଥାଏ। କିନ୍ତୁ ସେ ୩ ମାସ ଆଟଲାଣ୍ଟିକର ଗଭୀର ଜଳରେ ଅଧିକ ଚାପ ଥିବା ପରିବେଶରେ ରହିବା ପରେ ତାଙ୍କ ଶରୀରର ଟେଲୋମିୟର ଆକାର ବୃଦ୍ଧି ପାଇଥିଲା, ଯାହା ତାଙ୍କ ବୟସ ହ୍ରାସର ପ୍ରମାଣ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି। ଏହା ବ୍ୟତୀତ ଶରୀରର ଷ୍ଟେମ ସେଲ୍‌ଫ ସଂଖ୍ୟା ବୃଦ୍ଧି ପାଇଥିଲା। ମୋଟାମୋଟି ଭାବେ ତାଙ୍କ ଶରୀରରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ତାଙ୍କ ନିଦ୍ରା ସମସ୍ୟା ଦୂର ହୋଇଯାଇଥଲା। ଶରୀରରେ କୋଲେଷ୍ଟେରଲ ସ୍ତର ୭୨ ପଏଣ୍ଟ ହ୍ରାସ ପାଇଥିଲା। ପୂର୍ବରୁ ତାଙ୍କ ଶରୀରରେ ଯେଉଁ ଜ୍ୱଳନ ହେଉଥିଲା ତାହା ମଧ୍ୟ ୫୦ ପ୍ରତିଶତ କମିଯାଇଥିଲା। ପାଚନଶକ୍ତି ବୃଦ୍ଧି ପାଇଥିଲା। ଗଭୀର ଜଳ ଭିତରେ ଯେଉଁ ଚାପମୟ ପରିବେଶ ରହିଥାଏ ତାହା ଯୋଗୁ ଶରୀରରେ ଏହି ପରିବର୍ତ୍ତନ ଘଟିଥିବା ଡାକ୍ତରମାନେ କହିଛନ୍ତି। ଯୋଶେଫ ପୂର୍ବରୁ ମଧ୍ୟ ଅନୁରୂପ ଭାବେ ଏହି ପରୀକ୍ଷଣରେ ସାମିଲ ହୋଇଥିଲେ। ପୂର୍ବଥର ସେ ୭୩ ଦିନ ଧରି ପାଣି ଭିତରେ ରହିଥିଲେ। ପାଣି ଭିତରେ ରହିବାର ଅନୁଭୂତି ଅତ୍ୟନ୍ତ ନିଆରା ଏବଂ ଏହା ଶରୀର ପାଇଁ ବେଶ୍ ହିତକର ବୋଲି ଯୋଶେଫ ବ୍ରିଟିଶ ଖବରକାଗଜ ଡେଲି ମିରରକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି।

## ପୂଜା ପୂର୍ବରୁ ଘଣ୍ଟି ବଜାଇବା ସକରାତ୍ମକ ଶକ୍ତି ପ୍ରଦାନ ଓ ନକାରାତ୍ମକ ଶକ୍ତି ଦୂର କରିଥାଏ

ହିନ୍ଦୁ ଧର୍ମରେ ଲୋକମାନେ ପୂଜାପାଠ କରିବାକୁ ମନ୍ଦିରକୁ ଯାଆନ୍ତି, ମନ୍ଦିରର ମୁଖ୍ୟ ଦ୍ୱାରରେ ଘଣ୍ଟି ବନ୍ଧା ହୋଇଛି, ଯାହାକୁ ଲୋକମାନେ ମନ୍ଦିର ଭିତରକୁ ଯିବା ପୂର୍ବରୁ ବଜାନ୍ତି, ଯାହା ପରେ ସେମାନେ ପୂଜା କରନ୍ତି ଏବଂ ଭଗବାନଙ୍କ ଦର୍ଶନ କରନ୍ତି। ମନ୍ଦିର ବାହାରେ ଏବଂ ଭିତରେ ଘଣ୍ଟି ବାନ୍ଧିବାର ପରମ୍ପରା ଶତାବ୍ଦୀ ଧରି ଚାଲିଆସୁଛି। ହିନ୍ଦୁ ଧର୍ମ ଅନୁଯାୟୀ, ପୂଜା ପୂର୍ବରୁ ଘଣ୍ଟି ବଜାଇବା ସକରାତ୍ମକ ଶକ୍ତି ପ୍ରଦାନ କରିଥାଏ ଏବଂ ଆଖପାଖର ପରିବେଶକୁ ଶୁଦ୍ଧ କରିଥାଏ। ଏକ ଧାର୍ମିକ ବିଶ୍ୱାସ ଅଛି ଯେ, ଘରେ କିମ୍ବା ମନ୍ଦିରରେ ପୂଜା କରିବା ସମୟରେ ଘଣ୍ଟି ବଜାଇବା ପରିବେଶରେ ଥିବା ମାଇକ୍ରୋ ଅଣୁଜୀବ ଏବଂ ଜୀବାଣୁ ନଷ୍ଟ କରିଥାଏ ଏବଂ ନକାରାତ୍ମକ ଶକ୍ତି ମଧ୍ୟ ଦୂର କରିଥାଏ। ଏକ ଧାର୍ମିକ ବିଶ୍ୱାସ ଅଛି ଯେ, ଘରେ କିମ୍ବା ମନ୍ଦିରରେ ପୂଜା କରିବା ସମୟରେ ଘଣ୍ଟି ବଜାଇବା ପରିବେଶରେ ଥିବା ଅଣୁଜୀବ ଏବଂ ଜୀବାଣୁ ନଷ୍ଟ କରିଥାଏ ଓ ନକାରାତ୍ମକ ଶକ୍ତି ମଧ୍ୟ ଦୂର କରିଥାଏ। ମନ୍ଦିରରେ ବିଭିନ୍ନ ପ୍ରକାରର ଘଣ୍ଟି ବ୍ୟବହୃତ ହୁଏ, କିନ୍ତୁ ଏହି ସମସ୍ତ ଘଣ୍ଟି ମଧ୍ୟରେ ଗରୁଡ ଘଣ୍ଟି ସବୁଠାରୁ ଶୁଭ ବୋଲି ବିବେଚନା କରାଯାଏ। ପୌରାଣିକ ବିଶ୍ୱାସ ଅନୁଯାୟୀ, ବ୍ରହ୍ମାଣ୍ଡର ସୃଷ୍ଟିରେ ଧ୍ୱନିର ଏକ ବଡ଼ ଅବଦାନ ରହିଛି। ବିଶ୍ୱାସ କରାଯାଏ ଯେ, ସୃଷ୍ଟି ସମୟରେ ବାହାରିଥିବା ଧ୍ୱନି ହେଉଛି ସମାନ ଧ୍ୱନି। ଯାହା ଗରୁଡ ଘଣ୍ଟି ବଜାଇବା ପରେ ବାହାରକୁ ଆସେ। ବିଶ୍ୱାସ କରାଯାଏ ଯେ, ଗରୁଡ ଘଣ୍ଟିର ଶବ୍ଦ ଦେବତା ଏବଂ ଦେବୀଙ୍କୁ ପ୍ରସନ୍ନ କରେ ଏବଂ ପରିବେଶକୁ ମଧ୍ୟ ଶୁଦ୍ଧ କରିଥାଏ। ହିନ୍ଦୁ ଧର୍ମରେ ବିଶ୍ୱାସ କରାଯାଏ ଯେ, ଆଲୋକ ଧ୍ୱନିରୁ ଏବଂ ଧ୍ୱନି ଆଲୋକର ରୂପରୁ ଉତ୍ପତ୍ତି। ତେଣୁ, ଘଣ୍ଟି ଆକାରରେ ଥିବା ଶବ୍ଦକୁ ମନ୍ଦିର ଏବଂ ପୂଜା ଗୃହରେ ରଖିବା ଉଚିତ ବୋଲି ବିଶ୍ୱାସ କରାଯାଏ। ପୂଜା ପୂର୍ବରୁ ଏବଂ ସମୟରେ ଘଣ୍ଟି ବଜାଇବା ଦ୍ୱାରା ନକାରାତ୍ମକ ଶକ୍ତି ଏବଂ ଅନେକ ପ୍ରକାରର ବାସ୍ତୁ ଦୋଷ ଦୂର ହୋଇଥାଏ, ଘରେ ସୁଖ ଏବଂ ସମୃଦ୍ଧତା ମଧ୍ୟ ବଢିଥାଏ। ଧାର୍ମିକ ଶାସ୍ତ୍ର ଅନୁଯାୟୀ, ଭଗବାନ ଗରୁଡଙ୍କୁ ହିନ୍ଦୁ ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ପକ୍ଷୀ ଭାବରେ ବିବେଚନା କରାଯାଏ । ତାଙ୍କୁ ମଧ୍ୟ ଦେବତା ଭାବରେ ପୂଜା କରାଯାଏ। ଭଗବାନ ଗରୁଡ ଭଗବାନ ବିଷ୍ଣୁଙ୍କ ଯାନ ଭାବରେ ବିବେଚନା କରାଯାଏ। ଭଗବାନ ବିଷ୍ଣୁଙ୍କ ପୂଜାରେ ଗରୁଡ ଘଣ୍ଟି ବଜାଇ ସମସ୍ତ ଇଚ୍ଛା ପୂରଣ ହୁଏ ଏବଂ ଭକ୍ତଙ୍କ ପ୍ରାର୍ଥନା ସିଧାସଳଖ ଭଗବାନଙ୍କ ନିକଟରେ ପହଞ୍ଚେ। ଯଦି କୌଣସି ବ୍ୟକ୍ତି ଭଗବାନ ବିଷ୍ଣୁଙ୍କୁ ପୂଜା କରନ୍ତି ଏବଂ ଗରୁଡ ଘଣ୍ଟି ସହିତ ଆରତୀ କରନ୍ତି, ତେବେ ସେ ଚନ୍ଦ୍ରଙ୍କୁ ଉପବାସ କରିବାର ଗୁଣ ପାଇଥାନ୍ତି ଏବଂ ତାଙ୍କର ପୂର୍ବ ଜନ୍ମର ଅନେକ ପାପ ଦୂର ହୋଇଯାଏ। ପୂଜା ଘଣ୍ଟିରେ ଭଗବାନ ଗରୁଡ ଛବି ପଛର କାରଣ ହେଉଛି, ଗରୁଡ ଘଣ୍ଟି ହେଉଛି ଭଗବାନ ବିଷ୍ଣୁଙ୍କ ଯାନ। ଯାହା ଦ୍ୱାରା ତାଙ୍କ ଭକ୍ତଙ୍କ ବାର୍ତ୍ତା ଶୀଘ୍ର ଭଗବାନ ବିଷ୍ଣୁଙ୍କ ନିକଟରେ ପହଞ୍ଚେ। ବିଶ୍ୱାସ ଅନୁଯାୟୀ, ଗରୁଡ ଘଣ୍ଟି ବିନା ପୂଜା ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଆରତୀ ପରେ, ଲୋକମାନେ ଘଣ୍ଟି ବଜାନ୍ତି ଯାହା ଦ୍ୱାରା ସେମାନଙ୍କର ସମସ୍ତ ଇଚ୍ଛା ଭଗବାନଙ୍କ ନିକଟରେ ପହଞ୍ଚେ। ପୂଜାରେ ଗରୁଡ ଘଣ୍ଟି ବ୍ୟବହାର କରିବା ବିଶେଷ ଲାଭ ଦେଇଥାଏ। ଗରୁଡ ଘଣ୍ଟି ଆକାରରେ ଛୋଟ, ଯାହା ଗୋଟିଏ ହାତରେ ଗଢ଼ାଯାଇପାରେ। ବିଶ୍ୱାସ କରାଯାଏ ଯେ, ପୂଜାରେ ଗରୁଡ ଘଣ୍ଟି ବ୍ୟବହାର କରି ଜଣେ ପରିତ୍ରାଣ ପାଇଥାଏ ଏବଂ ସକରାତ୍ମକ ଶକ୍ତି ସର୍ବଦା ଘରେ ରହିଥାଏ।

## ଶରୀରରୁ ଏହି ଭିଟାମିନ କମିଲେ ହୋଇଯିବେ ଅନ୍ଧ



ଆମ ଶରୀରରେ ଥିବା ପ୍ରତ୍ୟେକ ପୋଷକ ତତ୍ତ୍ୱର ନିଜସ କିଛି ଗୁରୁତ୍ତ ରହିଛି ଯଦି ଆମେ ଆମର ଦୃଷ୍ଟି ଶକ୍ତିକୁ ସୁସ୍ଥ ରବାକୁ ଚାହିଁବା, ତେବେ ଆମକୁ ଭିଟାମିନ ଏ ଖାଦ୍ୟ ଖାଇବାକୁ ପଡିବ, ଯାହାକି ସାଧାରଣତଃ ନାଲି, ହଳଦିଆ ଏବଂ କିଛି ସବୁଜ ଫଳ ଏବଂ ପନିପରିବାରେ ପ୍ରଚୁର ପରିମାଣରେ ମିଳିଥାଏ ଜିଏମ୍‌ଏସ ହସ୍ପିଟାଲ୍, ଗ୍ରେଟର ନୋଏଡାରେ କାର୍ଯ୍ୟ କରୁଥିବା ଜଣେ ପ୍ରସିଦ୍ଧ ଡାଏଟିସିଆନ ଡାକ୍‌ତର ଆୟୁଷୀ ଯାଦବ ସ୍ପଷ୍ଟ କରିଛନ୍ତି ଯେ, ଆମ ଶରୀର ପାଇଁ ଭିଟାମିନ ଏ କାହିଁକି ଗୁରୁତ୍‌ପୂର୍ଣ୍ଣ ଏବଂ କେଉଁ ଖାଦ୍ୟ ମାଧ୍ୟମରେ ଆମେ ଏହି ପୁଷ୍ଟିକର ଖାଦ୍ୟ ପାଇପାରିବା।

ଆମକୁ କେତେ ଭିଟାମିନ ଏ ଆବଶ୍ୟକ? ଭିଟାମିନ ଡି ପରି ଆମକୁ ସୂର୍ଯ୍ୟ କିରଣ ମାଧ୍ୟମରେ ଭିଟାମିନ ଏ ମିଳିନାହିଁ, ଅର୍ଥାତ ଖାଦ୍ୟରୁ ଆମକୁ ଏହି ପୁଷ୍ଟିକର ଖାଦ୍ୟ ଆହସ କରିବା ଆବଶ୍ୟକ ଭିଟାମିନ ଏ ଅଭାବରୁ ରକ୍ଷା ପାଇବା ପାଇଁ ଜଣେ ସୁସ୍ଥ ବୟସ୍କ ବ୍ୟକ୍ତି ପ୍ରତିଦିନ ହାରାହାରି ୭୦୦ ରୁ ୯୦୦ ମାଇକ୍ରୋଗ୍ରାମ (ଏମସିଜି) ଭିଟାମିନ ଏ ଆବଶ୍ୟକ କରିଥାନ୍ତି ଆ ପାଇଁ ଭିଟାମିନ ଏ ଅତ୍ୟନ୍ତ ଜରୁରୀ :- ଏହି ପୋଷକ ତତ୍ତ୍ୱର ଅଭାବ ହେଲେ ବଣିଷ ଦୃଷ୍ଟିହୀନତାର ଶିକାର ହୁଏ ଏହା ଫଳରେ ବ୍ୟକ୍ତିଙ୍କୁ ରାତିରେ କିଛି ଦୃଶ୍ୟ ହୋଇନଥାଏ ବା ଧୁଆଁ ଧୁଆଁ ଦେଖାଯାଏ । ଏହି ଖାଦ୍ୟରୁ ଭିଟାମିନ ଏ ମିଳିବ :- ଡାଏଟିସିଆନ ଡାକ୍ତର ଆୟୁଷୀ ଯାଦବଙ୍କ କହିବାନୁସାରେ, ଆମେ ଏପରି ଖାଦ୍ୟ ଖାଇବା ଉଚିତ ଯାହାଦ୍ୱାରା ଆମର ଦୈନନ୍ଦିନ ଆବଶ୍ୟକତା ଅନୁଯାୟୀ ଭିଟାମିନ ଏ ର ଆବଶ୍ୟକତା ପୂରଣ ହେବ ଆସନ୍ତୁ ଜାଣିବା ସେହି ଖାଦ୍ୟ ବିଷୟରେ ଯଥା : କମଳା ଏବଂ ହଳଦିଆ ପନିପରିବା, ଫୋର୍ଟିଫାଇଡ ଶସ୍ୟ, ସବୁଜ ପନିପରିବା, କୋଡ ଲିଭର ତେଲ, ଅଣ୍ଡା, କ୍ଷୀର, ଗାଜର, ପାଳଙ୍ଗ, କନ୍ଦମୂଳ, ଅମୃତଭଣ୍ଡା ଦହି, ସୋୟାବିନ ଖାଇବା ଉଚିତ୍।

## ଖାଲିପେଟରେ ଖାଇବେନି ଚା, ଦହି,ଟମାଟ, ପିଜୁଳି

ସୁସ୍ଥ ରହିବାକୁ ହେଲେ ଆମକୁ ଅନେକ ପ୍ରକାରର ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଉପଯୁକ୍ତ ଖାଦ୍ୟ, ବ୍ୟାୟାମ, ଭଲ ନିଦ ଏବଂ ଜଙ୍କ୍‌ଫୁଡ୍ ଠାରୁ ଦୂରରେ ରହିବା ବହୁତ ଭଲ। ଠିକ୍ ସମୟରେ ସଠିକ୍ ଖାଦ୍ୟ ଖାଇବା ମଧ୍ୟ ଜରୁରୀ ଅଟେ। ବିଶେଷକରି କିଛି ଖାଦ୍ୟପଦାର୍ଥ ରହିଛି ଯାହାକୁ ଆଦୌ ଖାଲି ପେଟରେ ଖାଇବା ଉଚିତ୍ ନୁହେଁ ବୋଲି ଆୟୁର୍ବେଦ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଜାଣନ୍ତୁ ଏ ସମ୍ପର୍କରେ :-

**ଚା କିମ୍ବା କଫି:**
ପ୍ରାୟତଃ ଲୋକମାନେ ଚା କିମ୍ବା କଫି ସହିତ ସକାଳ ଆରମ୍ଭ କରିବାକୁ ପସନ୍ଦ କରନ୍ତି। କିନ୍ତୁ ଖାଲି ପେଟରେ ଚା କିମ୍ବା ଖଫି ପିଇବା ଦ୍ୱାରା ଏସିଡିଟି ସମସ୍ୟା ଦେଖା ଦେଇଥାଏ। ତେଣୁ ଚା କିମ୍ବା କଫି ପିଇବା ସମୟରେ ସର୍ବଦା ରୁଟି ଏବଂ ବିସ୍କୁଟ ଖାଆନ୍ତୁ, ଏହା ଆପଣଙ୍କ ପେଟକୁ ଠିକ୍ ରଖିବ।

**ମସଲାଯୁକ୍ତ ଖାଦ୍ୟ:**
ଖାଲି ପେଟରେ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟରେ ସମସ୍ୟା ହୋଇପାରେ। ଏଥିଯୋଗୁ ଅମ୍ଳତା କିମ୍ବା ଯନ୍ତ୍ରଣା ଆରମ୍ଭ ହୋଇଥାଏ। ମସଲାଯୁକ୍ତ ଖାଦ୍ୟର ପେଟରେ ଅଦୃଶ୍ୟତା ସମସ୍ୟା ସୃଷ୍ଟି କରିଥାଏ ।

**ଦହି:**
ଖାଲି ପେଟରେ ଦହି ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। କାରଣ ଏହା ପ୍ରବଳ ଥଣ୍ଡା। ତେଣୁ ଖାଲି ପେଟରେ ଦହି ଖାଇବା ମନା।

**ଟମାଟୋ :**
ଟମାଟୋ ଗରମ ତେଣୁ ଗରମ ପାଗ କିମ୍ବା ଖାଲି ପେଟରେ ଟମାଟୋ ଖାଇବା ଦ୍ୱାରା ପେଟ ଏବଂ ଛାତିରେ ଜ୍ୱଳନ ହୋଇଥାଏ।

**ପିଜୁଳି:**
ପିଜୁଳି ପ୍ରାୟ ଲୋକ ଖାଇଥାନ୍ତି। ମାତ୍ର ଧ୍ୟାନ ରଖିବେ ଖାଲିପେଟରେ ପିଜୁଳି ଆଦୌ ଖାଇବା ଉଚିତ୍ ନୁହେଁ। କାରଣ ଏହାକୁ ଖାଲି ପେଟରେ ଖାଇଲେ ପେଟ ଦରଜ ହେବାର ଯଥେଷ୍ଟ ସମ୍ଭାବନା ଥାଏ।

## ଭାରତର ଏହି କୋଣରେ ଅଛି ଯମରାଜଙ୍କ ମନ୍ଦିର: ଯିବାକୁ ଡରନ୍ତି ଲୋକେ

ଭାରତରେ ଅନେକ ଆଶ୍ଚର୍ଯ୍ୟଜନକ ଜିନିଷ ରହିଛି। ଆମ ଦେଶର ହିମାଚଳ ପ୍ରଦେଶରେ ମୃତ୍ୟୁର ଦେବତା ଯମରାଜଙ୍କର ଏକ ଅନନ୍ୟ ମନ୍ଦିର ରହିଛି। ଯେଉଁ ମନ୍ଦିରକୁ ଯିବାକୁ ଲୋକମାନେ ଭୟ କରନ୍ତି। ନିକଟରେ ବିଜେପି ସାଂସଦ ପ୍ରାର୍ଥୀ ତଥା ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ଏହି ମନ୍ଦିରକୁ ଯାଇ ପୂଜା କରି ପ୍ରଣାମ କରିଥିଲେ। ଯମରାଜଙ୍କ ଏହି ମନ୍ଦିର ଅନେକ ରହସ୍ୟ ଘେରରେ ପରିପୂର୍ଣ୍ଣ। କୁହାଯାଏ ଯେ ମୃତ୍ୟୁ ପରେ ଆତ୍ମା ପ୍ରଥମେ ଏହି ମନ୍ଦିରକୁ ଆସେ।



ଏହି ମନ୍ଦିର ହିମାଚଳ ପ୍ରଦେଶର ଚାମ୍ବା ସହର ନିକଟସ୍ଥ ଏକ ଛୋଟ ସହର ଭରମୌରରେ ଅବସ୍ଥିତ। ଯେଉଁଠାରେ ସବୁବେଳେ ବରଫ ଆଚ୍ଛାଦିତ ହୋଇ ରହିଥାଏ। ଦେଖିବାକୁ ବହୁତ ଛୋଟ ଲାଗୁଥିଲେ ବି ମନ୍ଦିରର ମହାତ୍ମ୍ୟ ସାରା ବିଶ୍ୱରେ ବ୍ୟାପିଛି। ଏହି ମନ୍ଦିରକୁ ପ୍ରବେଶ କରିବାକୁ ଅଧିକାଂଶ ଲୋକେ ଭୟ କରନ୍ତି। ଉଚ୍ଚ ପାହାଡ ମଧ୍ୟରେ ଧର୍ମରାଜ ଯମରାଜଙ୍କ ଏହି ମନ୍ଦିର କେବେ, କିଏ ଏବଂ କିପରି ନିର୍ମାଣ କରିଥିଲା ତାହା ସ୍ପଷ୍ଟ ଭାବେ ଜଣାପଡିନାହିଁ। କିନ୍ତୁ ଇତିହାସ କହେ ଯେ ଚାମ୍ବା ରାଜା ଷଷ୍ଠ ଶତାବ୍ଦୀରେ ଏହି ମନ୍ଦିରର ନବୀକରଣ କରିଥିଲେ।

ମନ୍ଦିର ପରିସରରେ ଧର୍ମେଶ୍ୱର ମହାଦେବ ମନ୍ଦିର ରହିଛି। ଯେଉଁଠାରେ ମୃତ୍ୟୁ ପରେ ଆତ୍ମା ଛିଡା ହୁଅନ୍ତି ବୋଲି କୁହାଯାଏ। ନିକଟରେ ଧର୍ମେଶ୍ୱର ମହାଦେବଙ୍କ ମନ୍ଦିର ଅଛି, ଯାହା ବିଭିନ୍ନ ଧାତୁରେ ନିର୍ମିତ ଚାରୋଟି ଅଦୃଶ୍ୟ କବାଟ ଦ୍ୱାରା ସୁରକ୍ଷିତ ବୋଲି କୁହାଯାଏ। ଆତ୍ମାମାନଙ୍କୁ ସେମାନଙ୍କର କାର୍ଯ୍ୟ ଉପରେ ଆଧାର କରି ଏହି ଦ୍ୱାର ଗୁଡିକ ପ୍ରବେଶ କରାନ୍ତି ବୋଲି କୁହାଯାଏ।

ବିଶ୍ୱାସ ରହିଛି ଯେ ଏହି ମନ୍ଦିରଗୁଡିକର ନିର୍ମାଣ ପେଶା ଯାଇଥିବା ଡାଲି ଓ ଲହୁଣିରୁ ନିର୍ମିତ ହୋଇଛି। ନିକଟରେ ଥିବା ଏକ ବନ୍ଦ ଦ୍ୱାର ଗୁପ୍ତ ଗୁମ୍ଫା ଆଡକୁ ଯାଇଥିବା କୁହାଯାଏ। ଅତୀତରେ ଦାବି କରାଯାଉଥିଲା ଯେ ଏହି ଗୁମ୍ଫାକୁ ଯାଉଥିଲେ ସେ ଆଉ ଫେରିନଥିଲେ। ମନ୍ଦିର କର୍ତ୍ତୃପକ୍ଷ ବର୍ତ୍ତମାନ ପ୍ରବେଶ ଦ୍ୱାରକୁ ସବୁବେଳେ ବନ୍ଦ ରଖନ୍ତି। ମଧ୍ୟରାତ୍ରୀରେ ଏହି ମନ୍ଦିର ପରିସରରେ ରହସ୍ୟମୟ ଶବ୍ଦ ଶୁଭୁଥିବା ସ୍ଥାନୀୟ ଲୋକେ ଦାବି କରନ୍ତି।

## କାର୍ ମୂଲ୍ୟଠାରୁ ଅଧିକ ବିଶ୍ୱର ସବୁଠୁ ଦାମୀ ନେଲ୍‌ପଲିସ୍‌ର ମୂଲ୍ୟ

ବ୍ଲାକ୍ ଡାଇମଣ୍ଡ ଭାବେ ସୁପରିଚିତ ବିଶ୍ୱର ସବୁଠୁ ବ୍ୟୟବହୁଳ ନେଲ୍ ପଲିସ୍‌ର ମୂଲ୍ୟ ୩ଟି ମର୍ସିଡିଜ୍ କାର୍‌ର ମୂଲ୍ୟଠାରୁ ଅଧିକ। ଅର୍ଥାତ୍ ୧ କୋଟି ଟଙ୍କାରୁ ବେଶୀ ବୋଲି ଡିଏନ୍‌ଏ ରିପୋର୍ଟରେ ଉଲ୍ଲେଖ ଅଛି । ଲସ୍ ଏଞ୍ଜେଲ୍‌ସ୍‌ର ଡିଜାଇନର୍ ଏଜେଟର୍ ପଗୋସିଆନ୍ ନାମରେ ଜଣେ ଡିଜାଇନର୍‌ଙ୍କଦ୍ୱାରା ପ୍ରସ୍ତୁତ ବିଶ୍ୱର ସବୁଠୁ ବ୍ୟୟବହୁଳ ବୋଲି କୁହାଯାଉଥିବା ଏହି ନେଲ୍ ପଲିସ୍‌ର ନାଁ ହେଉଛି ଏଜେଟର୍। ବିଳାସମୟ ସାମଗ୍ରୀ ପାଇଁ ପଗୋସିଆନ୍ ସମଗ୍ର ବିଶ୍ୱରେ ସୁପରିଚିତ।

ଏଜେଟର୍ କହନ୍ତି, କଳାହୀରା ହେଉଛି ସବୁଠୁ ସୁନ୍ଦର ରତ୍ନ। ଦିନେ ମୁଁ ଭାବିଲି, ଏହାକୁ ନଖରେ ପ୍ରଦର୍ଶନ କରା ନ ଯିବ କାହିଁକି? ତେଣୁ, ଏଥିପ୍ରତି ଧ୍ୟାନ ଦେଇ ମୁଁ ବ୍ଲାକ୍ ଡାଇମଣ୍ଡ ନେଲ୍ ପଲିସ ପ୍ରସ୍ତୁତ କଲି। ଏହା ଠିକ୍ ଗହଣା ପରି ଚମତ୍କାର। ଦୂରରୁ ଏହି ନେଲ୍ ପଲିସ୍ ସାଧାରଣ ନେଲ୍ ପଲିସ ପରି ଦେଖାଯାଉଥିଲେ ବି ପାଖକୁ ଆସି ଦେଖିଲେ ଜଣାପଡ଼ିବ ଏଥିର ଲୁଚି ରହିଛି ୨୬୭ କ୍ୟାରେଟ୍ କଳା ହୀରା। ଯାହାର ମୂଲ୍ୟ ୧,୬୩,୬୬,୦୦୦ ଟଙ୍କା ୧୪.୭ ମିଲିମିଟର୍ ବିଶିଷ୍ଟ। ଏହି ବିଳାସମୟ ନେଲ୍ ପଲିସ୍‌ରେ ମିଶିଛି ଖଣ୍ଡେ କଳାହୀରା। ଗୋଟିଏ ଶିଶି ନେଲ୍ ପଲିସ୍‌ର ମୂଲ୍ୟ ହେଉଛି ୧,୫୯,୮୩,୭୫୦ ଟଙ୍କା। ସୂଚନାଯୋଗ୍ୟ, ଏତିକି ଅର୍ଥ ବିନିମୟରେ ୩ଟି ମର୍ସିଡିଜ୍-ବେଞ୍ଜ୍ ଜିଏଲ୍‌ଏ କାର୍ କିଣାଯାଇ ପାରିବ। ଏହି କାର୍ ଗୋଟିକର ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା।

ପ୍ରାପ୍ତ ସୂଚନା ଅନୁସାରେ, ଏ ପର୍ଯ୍ୟନ୍ତ ମାତ୍ର ୨୫ଜଣ ଲୋକ ଏହି ବ୍ଲାକ୍ ଡାଇମଣ୍ଡ ବା କଳାହୀରା ମିଶ୍ରିତ ନେଲ୍ ପଲିସ୍ କିଣିଛନ୍ତି।

## ମୌସୁମୀ ଋତୁରେ ଡାଳିମ୍ବ ଦୂର କରେ ରକ୍ତହୀନତା

ଅନେକ ଲୋକ ଜୁସ୍ ଦୋକାନକୁ ଗଲେ ମିକ୍ସ ଜୁସ୍ ପିଇବାକୁ ପସନ୍ଦ କରିଥାନ୍ତି। ଆମକୁ ଏପରି ଲାଗିଥାଏ ଯେ ମିକ୍ସ ଜୁସ୍‌ରେ ସବୁ ପ୍ରକାର ଫଳ ମିଶୁଥିବାରୁ ବିଭିନ୍ନ ଭିଟାମିନ୍ ମିଳିଥାଏ।ମାତ୍ର ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ମିକ୍ସ ଜୁସ୍ ଅପେକ୍ଷା କୌଣସି ଗୋଟାଏ ଫଳର ଜୁସ୍ ପିଇବା ଆପଣଙ୍କ ପାଇଁ ବେଶି ଲାଭପ୍ରଦ ପ୍ରମାଣିତ ହୋଇପାରେ। ତେବେ ଚାଲନ୍ତୁ ଜାଣିବା କେଉଁ ଜୁସ୍ ପିଇଲେ କେଉଁ ସବୁ ଲାଭ ମିଳେ। **ସେଓ ରସ:** ଆପଣ ତ ଏକଥା ନିଶ୍ଚୟ ଜାଣିଥିବେ ଯେ ଦୈନିକ ଗୋଟାଏ ସେଓ ଖାଇବା ଦ୍ୱାରା ଡାକ୍ତରଙ୍କ ଠାରୁ ଦୂରେଇ ରହି ହେବ ବୋଲି ଏକ କଥା ରହିଛି। ତେଣୁ ଆପଣ ଯଦି ସେଓ ରସ ପିଇଲେ ତେବେ ନିରୋଗ ରହିବେ।ଏଥିରେ ସନ୍ଦେହ ନାହିଁ। ଏହାଛଡ଼ା ଆପଣ ଏଥିରେ କ୍ଷୀର ମିଶାଇ ଆପେଲ୍ ସେକ୍ ମଧ୍ୟ କରିପାରନ୍ତି। **ମୌସୁମି ରସ:** ମୌସୁମି ଜୁସ୍ ପିଇଲେ ଚେହେରାରେ ବୟସ୍କପଣ ସହଜରେ ଦିଶେନାହିଁ। ଡାଏଟ୍ ଥିବା ଲୋକମାନେ ବିଶେଷ କରି ମୌସୁମି ଜୁସ୍ ପିଇଥାନ୍ତି। ଏହା ଦ୍ୱାରା କେଶ ଝଡ଼ିବା ସମସ୍ୟା ବି ଦୂର ହୋଇଥାଏ। **ଡାଳିମ୍ବ ରସ:** ଯଦି ଆପଣ କୌଣସି ପ୍ରକାରର ରକ୍ତହୀନତା ରୋଗର ଶିକାର ହୋଇଛନ୍ତି ତେବେ ଆପଣଙ୍କ ପାଇଁ ଡାଳିମ୍ବ ରସ ଭଲ। ଦୈନିକ ଗୋଟିଏ ଗ୍ଲାସ ଡାଳିମ୍ବ ରସ ପିଇବା ଦ୍ୱାରା ଆପଣ ନିଜର ସମସ୍ୟା ଦୂରେଇ ଦେଇପାରିବେ। **ସପୁରୀ ରସ:** ସପୁରୀ ରସ ଆଖି ଓ ପୂରା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହୋଇଥାଏ। ଆପଣ ଏହି ଜୁସ୍ ପିଇଲେ ହଜମ ଭଲ ହେବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣର ଭିଟାମିନ୍ ସି ମିଳିଥାଏ।



## ଅମୃତଭଣ୍ଡା ଖାଇଲେ ହୋଇଥାଏ ଭଲ ନିଦ, ରହିନଥାଏ କୌଣସି ମାନସିକ ସମସ୍ୟା

କୋଲାଇନ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ଯାହା ଅମୃତଭଣ୍ଡାରେ ମିଳିଥାଏ । ଯଦିଓ ଏହା ଶରୀର ଭିତରେ ମଧ୍ୟ ଉତ୍ପନ୍ନ ହୁଏ, କିନ୍ତୁ ତୁମେ ଏହା ସହ ଜଡିତ ଜିନିଷ ଖାଇବା ଉଚିତ । ଯାହା ଦ୍ୱାରା ଶରୀରରେ ଏହାର ଅଭାବ ହୋଇନଥାଏ । ଅନେକ ଥର ଲୋକମାନେ ଆବଶ୍ୟକ ଅନୁଯାୟୀ କୋଲାଇନ ଗ୍ରହଣ କରିବାରେ ସକ୍ଷମ ହୁଅନ୍ତି ନାହିଁ। ତେବେ ଆସନ୍ତୁ ଜାଣିବା ଏହି ଜିନିଷ ଆମ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ଏବଂ ଆମେ ଏହାକୁ କିପରି ହାସଲ କରିପାରିବା।

କୋଲାଇନ କାହିଁକି ଗୁରୁତ୍ୱପୂର୍ଣ୍ଣ ?
ଶରୀରର ସାଧାରଣ କାର୍ଯ୍ୟ ପାଇଁ କୋଲାଇନ ଆବଶ୍ୟକ, ଏହା ଆପଣଙ୍କ ଯକୃତରୁ ଅଳ୍ପ ପରିମାଣରେ ମଧ୍ୟ ମୁକ୍ତ ହୋଇଥାଏ । ଏହା ସ୍ନାୟୁ ପ୍ରଣାଳୀ, ମେଟାବୋଲିଜିମ୍, ମସ୍ତିଷ୍କ ବିକାଶ ଏବଂ ମାଂସପେଶୀ ଗତି ପାଇଁ ଗୁରୁତ୍ୱପୂର୍ଣ୍ଣ । କୋଲାଇନ ଆପଣଙ୍କୁ ଭଲ ନିଦ ଦେଇଥାଏ। ଶୋଇବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶୋଇବା ସମୟରେ ଶରୀର ନିଜକୁ ସଜାଡ଼ିଥାଏ, ଏବଂ ମସ୍ତିଷ୍କ ସ୍ମୃତିର ପ୍ରକ୍ରିୟା ଏବଂ ସଂରକ୍ଷଣ ପାଇଁ କାର୍ଯ୍ୟ କରେ । ନିଦ୍ରାର ଅଭାବ କିମ୍ବା ନିଦ୍ରାର ଗୁଣବତ୍ତା ଅନେକ ସମସ୍ୟା ସୃଷ୍ଟି କରିପାରେ, ଯେପରିକି ଲଘୁଚାପ, ଥକାପଣ, ଉତ୍ତେଜନା, କରୋନା ରୋଗ, ହୃଦରୋଗ ଆଶଙ୍କା ବଢିଯାଏ।

**ଶୋଇବା ପାଇଁ କୋଲାଇନ ଯୁକ୍ତ ଖାଦ୍ୟ ଖାଆନ୍ତୁ**

୧.ପାଚିଲା ଅମୃତଭଣ୍ଡା: ଏହା ଏକ ଅତି ସାଧାରଣ ଫଳ ଯାହା ସାଧାରଣତ ଭଲ ହଜମ ପାଇଁ ଆଯାଏ, ଯେଉଁ କାରଣରୁ ପେଟରେ କୌଣସି ସମସ୍ୟା ନଥାଏ ଏହି ଫଳ ଖାଇବା ଦ୍ୱାରା ଶରୀର କୋଲାଇନ ପାଇଥାଏ, ଯାହା ସାହାଯ୍ୟରେ ଆପଣ ଶାନ୍ତିପୂର୍ଣ୍ଣ ନିଦ ପାଇପାରିବେ।

୨. ଅଣ୍ଡା: ଅଣ୍ଡାକୁ କୋଲାଇନ୍‌ର ଏକ ସମୃଦ୍ଧ ଉତ୍ସ ଭାବରେ ବିବେଚନା କରାଯାଏ, ବିଶେଷତ ଯଦି ଆପଣ ହଳଦିଆ ହଳଦିଆ ଖାଆନ୍ତି, ତେବେ ଆପଣ ଏହି ପୁଷ୍ଟିକର ଖାଦ୍ୟର ଅଭାବ ପାଇବେ ନାହିଁ ଏବଂ ଆପଣଙ୍କ ନିଦ ମଧ୍ୟ ଭଲ ରହିବ । ଗୋଟିଏ ବଡ ଅଣ୍ଡାରେ ପ୍ରାୟ ୧୪୭ ମିଗ୍ରା କୋଲାଇନ ଥାଏ।

୩. ଚିକେନ୍: ଚିକେନ ସାଧାରଣତ ପ୍ରୋଟିନ ପାଇବା ପାଇଁ ଶରୀରକୁ ମଜବୁତ କରିଥାଏ, କିନ୍ତୁ ଯଦି ଆପଣ ଏହାକୁ ନିୟମିତ ପରିମାଣରେ ଖାଆନ୍ତି, ତେବେ ଆପଣ କୋଲାଇନ ପାଇବେ ୧୦୦ ଗ୍ରାମ। ରନ୍ଧା ଚିକେନ୍‌ରେ ପ୍ରାୟ ୭୩ ମିଗ୍ରା କୋଲିନ ଥାଏ।

## କ୍ୟାପ୍‌ସିକମ୍ ଓ ସିମ୍‌ଲା ଲଙ୍କା ସ୍ୱାସ୍ଥ୍ୟ ପାଇଁ ଭଲ

ଓଜନ ବୃଦ୍ଧି ଆଜିକାଲି ଏକ ସାଧାରଣ ସମସ୍ୟା । ଅଧିକାଂଶ ଲୋକ ଖାଦ୍ୟକୁ ନିୟନ୍ତ୍ରଣ କରି ନିଜ ଓଜନକୁ ଆୟତ୍ତରେ ରଖିଥାନ୍ତି । କିନ୍ତୁ କିଛି ଲୋକ ଖାଦ୍ୟ ନିୟନ୍ତ୍ରଣ ନକରି କେବଳ ବିକଳ୍ପ ଖାଦ୍ୟ ଖୋଜିଥାନ୍ତି ତାହା ବି କିଛି ମାତ୍ରାରେ ଫଳପ୍ରଦ ହୋଇଥାଏ।



ଆପଣ ତ ଜାଣନ୍ତି ଯେ କ୍ୟାପସିକମ୍ ଓ ସିମ୍‌ଲା ଲଙ୍କା ଗୋଟାଏ ଗୋଟାଏ ଲୋକପ୍ରିୟ ପରିବା, ଯାହା ଓଜନ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସବୁଜ, ନାଲି ଏବଂ ହଳଦିଆ ଆଦି ଅନେକ ରଙ୍ଗରେ କ୍ୟାପସିକମ ଉପଲବ୍ଧ। ଏଥିରେ ସମସ୍ତ ପ୍ରକାରର ଭିଟାମିନ ଏବଂ ମିନେରାଲ୍ସ ଭରପୂର ପରିମାଣର ଅଛି। ଯେଉଁମାନଙ୍କର ପେଟ ବଢୁଛି, ସେମାନେ ଏହାକୁ ଖାଇ ଓଜନ ହ୍ରାସ କରିପାରିବେ।

ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ମେଟାବୋଲିକ ସ୍ୱାସ୍ଥ୍ୟ ପାଇଁ କ୍ୟାପସିକମ ଓ ସିମ୍‌ଲା ଲଙ୍କା ଖାଇବା ଭଲ। ବିଶେଷକରି ଯେଉଁମାନଙ୍କ ଓଜନ ବୃଦ୍ଧି ପାଉଛି ସେମାନଙ୍କ ପାଇଁ ଏହି ଦୁଇ ପରିବା ଖୁବ ଉପକାରୀ।

ଓଜନ ହ୍ରାସ କରିବାକୁ ଦିନସାରା କ୍ୟାଲୋରି ହ୍ରାସ କରିବାକୁ ପଡ଼େ। ଯେଉଁଥିପାଇଁ ଏପରି ଖାଦ୍ୟ ଖାଇବା ଉଚିତ। ଯେଉଁଥିରେ ଅଧିକ କ୍ୟାଲୋରି ନାହିଁ । କ୍ୟାପ୍ସିକମ ଓ ସିମ୍‌ଲା ଲଙ୍କାରେ ଖୁବ କମ୍ କ୍ୟାଲୋରି ଥାଏ, ଏହା ଓଜନ ହ୍ରାସ ପାଇଁ ଉତ୍କୃଷ୍ଟ ବିକଳ୍ପ। ଏହାକୁ ଖାଇବା ଦ୍ୱାରା କ୍ୟାଲୋରି ବୃଦ୍ଧିରୁ ମୁକ୍ତିମିଳିଥାଏ।

କ୍ୟାପ୍‌ସିକମ୍ ଓ ସିମ୍‌ଲା ଲଙ୍କା ପୁଷ୍ଟିକର ଫାଇବରରେ ଭରପୂର। ଏହା ଉତ୍ତମ ହଜମ କରିଥାଏ ଏବଂ ପେଟକୁ ଭଲ ରଖେ। ଏହି ଦୁଇ ଖାଦ୍ୟକୁ ଖାଇଲେ ଅତିରିକ୍ତ ଚର୍ବି ଶୀଘ୍ର କ୍ଷୟ ହୋଇଥାଏ। ସେଥିପାଇଁ ଏହି ପନିପରିବା ଓଜନ ହ୍ରାସ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହୋଇପାର।

## ମାତ୍ରାଧିକ କେଶ ଝଡୁଥିଲେ ଖାଆନ୍ତୁ ଏହି ସବୁ ଖାଦ୍ୟ

ଆଜିକାଲି କେଶ ଝଡ଼ିବା ସମସ୍ୟା ପ୍ରାୟ ସମସ୍ତଙ୍କର କେଶ ଝଡ଼ିବାର ଅନେକ କାରଣ ଥାଏ। ଅତ୍ୟଧିକ ପ୍ରଦୂଷଣ, ହର୍‌ମୋନ୍ ପରିବର୍ତ୍ତନ, କିମ୍ବା ଭିଟାମିନ୍ ଅଭାବରୁ କେଶ ଝଡ଼ିଥାଏ। ଶରୀରର ଆଉ କିଛି ସମସ୍ୟା ହେଲେ ଯେତିକି ଚିନ୍ତା ହୋଇନଥାଏ କେଶ ଝଡ଼ିଥିଲେ କିନ୍ତୁ ଗଭୀର ମାତ୍ରାରେ ଦୁଃଖ ଲାଗିଥାଏ। କିପରି ଭାବେ ଏହି ସମସ୍ୟାକୁ ରୋକାଯାଇ ପାରିବ ସେ ବିଷୟରେ ଚିନ୍ତା କରି କରି ବେଳ ସରିଯାଏ। କେଶ ଝଡ଼ିବା ଦୁଃଖରେ ଆସି ଆମେ ଅନେକ ପ୍ରକାରର ଜିନିଷ କେଶରେ ପ୍ରୟୋଗ କରିଥାଉ ମାତ୍ର ମନେ ରଖନ୍ତୁ କେଶ ଝଡ଼ିବା ସମସ୍ୟା ଉପରୁ ନୁହେଁ; ବରଂ ଭିତରୁ ହୋଇଥାଏ। ପ୍ରୋଟିନ୍‌ର ଅଭାବରେ ହିଁ କେଶ ଝଡ଼ିଥାଏ। ତେବେ ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ। ମାତ୍ର ଏପରି କିଛି ଖାଦ୍ୟ ଅଛି, ଯାହାକୁ ଦୈନିକ ଖାଇବା ଦ୍ୱାରା କେଶ ଝଡ଼ିବା ସମସ୍ୟାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରେ। ଦିନକୁ ଅତି କମ୍‌ରେ ଗୋଟିଏ ପାଚିଲା କଦଳୀ ଖାଆନ୍ତୁ କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି।

# ଏବେ ଇଂଲଣ୍ଡ ଟିମ୍‌ରୁ ଖେଳିବେ ଟିମ୍ ଇଣ୍ଡିଆର ଓପନିଂ ବ୍ୟାଟ୍ସମ୍ୟାନ ଋତୁରାଜ ଗାଏକ୍ୱାଡ୍!



**ନୂଆଦିଲ୍ଲୀ**

ଆଇପିଏଲ୍ ଶେଷ ହେବା ପରେ ଟିମ୍ ଇଣ୍ଡିଆ ଏବେ ଇଂଲଣ୍ଡରେ ଅଛି। ଏଠାରେ ଦଳ ଖେଳା ଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଅଭ୍ୟାସ କରୁଛି। ଏହି ଟେଷ୍ଟ ସିରିଜ୍ ମଧ୍ୟରେ ଭାରତୀୟ ଟିମ୍‌ରୁ ଏକ ବଡ଼ ଖବର ଆସିଛି। ଦଳର ଜଣେ ଓପନିଂ ବ୍ୟାଟ୍ସମ୍ୟାନ୍ ଏବେ ଇଂଲଣ୍ଡ ପକ୍ଷରୁ ଖେଳୁଥିବା ନଜର ଆସିବେ। ସେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ଲାଗି ଦଳରେ ସାମିଲ ହୋଇ ନ ଥିଲେ ହେଁ ତାଙ୍କୁ ଇଂଲଣ୍ଡରେ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିବ। କ୍ରିକେଟରଜଣଙ୍କ ହେଲେ ଋତୁରାଜ ଗାଏକ୍ୱାଡ୍। ଋତୁରାଜ କାଉଣ୍ଟିଂ ଚାମ୍ପିଅନସିପ୍ ଡିଭିଜନ ୧ରେ ୟର୍କସାୟାର ଟିମ୍ ପାଇଁ ଖେଳିବାକୁ ଯାଉଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ପୁଣିଥରେ ଜୁନ ୨୨ରୁ ଆରମ୍ଭ ହେଉଛି। ଏହା ଋତୁରାଜଙ୍କ ପ୍ରଥମ କାଉଣ୍ଟିଂ ମ୍ୟାଚ୍ ହୋଇଥିବା ବେଳେ ସେ ଜୁଲାଇରେ ସରେ ବିପକ୍ଷରେ ଖେଳିବା ଲାଗି ଦଳରେ ଯୋଗଦେବେ। ଋତୁରାଜ ଅଗଷ୍ଟ ୫ରୁ ଆରମ୍ଭ ହେଉଥିବା ଓଡିଆଇ କପ୍‌ରେ ୟର୍କସାୟାର ପାଇଁ ଖେଳିବାକୁ ମଧ୍ୟ ଉପଲବ୍ଧ ହେବେ ଏବଂ ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ଖେଳାଯିବ। କାଉଣ୍ଟି ଚାମ୍ପିଅନସିପ ଟୁର୍ଣ୍ଣାମେଣ୍ଟ ବିଷୟରେ କହିବାକୁ ଗଲେ, ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୟର୍କସାୟାରରେ ଯୋଗ ଦେବା ପରେ, ଋତୁରାଜ ଗାୟକ୍ୱାଡ୍ କହିଛନ୍ତି, 'ମୁଁ ବାକି ଥିବା ଇଂଲଣ୍ଡର ଘରୋଇ ସିଜିନରେ ୟର୍କସାୟାରରେ ଯୋଗ ଦେଇ ବହୁତ ଖୁସି। ଏହି ଦେଶରେ କ୍ରିକେଟ ଅଭିଜ୍ଞତା ପାଇବା ମୋର ସ୍ୱପ୍ନ ଥିଲା ଏବଂ ଇଂଲଣ୍ଡରେ ୟର୍କସାୟାର ଠାରୁ ବଡ଼ ଅନ୍ୟ କ୍ଲବ ନାହିଁ। ମୁଁ ଜାଣେ ଯେ ମୁଁ ଗୁରୁତ୍ୱପୂର୍ଣ୍ଣ ସିଜିନ ପାଇଁ ଦଳ ସହିତ ରହିବି। କାଉଣ୍ଟି ଚାମ୍ପିଅନସିପର ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଏବଂ ତା'ପରେ ଓଡିଆଇ କପ୍‌ରେ ଅଂଶଗ୍ରହଣ କରିବା ମୋ ପାଇଁ ଏକ ମହାନ ସୁଯୋଗ। ମୁଁ ୟର୍କସାୟାରର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଚାହେଁ।'

ଋତୁରାଜ ଏଯାବତ ଟିମ୍ ଇଣ୍ଡିଆ ପାଇଁ ଗୋଟିଏ ବି ଟେଷ୍ଟ ମ୍ୟାଚ ଖେଳିନାହାନ୍ତି। ସୀମିତ ଓଭର କ୍ରିକେଟରେ, ସେ ଭାରତ ପାଇଁ ୬ ଦିନିକିଆ ମ୍ୟାଚ୍‌ରେ ୧୯.୧୬ ହାରରେ ୧୧୫ ରନ କରିଛନ୍ତି। କେବଳ ଏତିକି ନୁହେଁ, ସେ ୨୩ଟି ଟି୨୦ ମ୍ୟାଚ୍‌ରେ ୩୯.୫୬ ହାରରେ ୬୩୩ ରନ କରିଛନ୍ତି। ଟି୨୦ କ୍ରିକେଟରେ ଗାଏକ୍ୱାଡ୍‌ଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ହେଉଛି ୧୨୩ ରନ।

# ଆଇପିଏଲ ଜିତିବା ପରେ ଫ୍ରାଞ୍ଚାଇଜ୍ ବିକ୍ରି ପାଇଁ ଯୋଜନା କରୁଛନ୍ତି ଆରସିବି ମାଲିକ!

**ବେଙ୍ଗାଲୁରୁ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ରେ ଐତିହାସିକ ବିଜୟ ହାସଲ କରିବା ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ମାଲିକ କମ୍ପାନୀ ଡିଆଜିଓ ପିଏଲସି ଫ୍ରାଞ୍ଚାଇଜ୍ ବିକ୍ରୟ କରିବାକୁ ଯୋଜନା କରୁଛନ୍ତି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁସାରେ, ବ୍ରିଟିଶ ଡିଷ୍ଟିଲର କମ୍ପାନୀ ଡିଆଜିଓ ତାଙ୍କ ଭାରତୀୟ ଶାଖା ୟୁନାଇଟେଡ୍ ସ୍ପିରିଟ୍ସ ଲିମିଟେଡ୍ ମାଧ୍ୟମରେ ଆରସିବିର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ବିକ୍ରୟ ବିଷୟରେ ବିଚାର କରୁଛନ୍ତି। ଏହି ବିକ୍ରୟ ପାଇଁ ଫ୍ରାଞ୍ଚାଇଜର ମୂଲ୍ୟ ୨ ବିଲିୟନ ଡଲାର (ପ୍ରାୟ ୧୬,୮୩୪ କୋଟି ଟଙ୍କା) ପର୍ଯ୍ୟନ୍ତ ହୋଇପାରେ ବୋଲି ଅନୁମାନ କରାଯାଉଛି।

ଆଇପିଏଲ୍ ୨୦୨୫ରେ ଆରସିବି ପଞ୍ଜାବ କିଙ୍ଗସ୍ (ପିବିକେଏସ୍)କୁ ୬ ରନରେ ହରାଇ ପ୍ରଥମ ଥର ପାଇଁ ଟ୍ରଫି ଜିତିଥିଲା। ୧୮ ବର୍ଷର ଲମ୍ବା ଅପେକ୍ଷା ପରେ ଏହି ବିଜୟ ଟିମ୍ ଓ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଉପଲବ୍ଧି ଥିଲା। ଲିଗ୍ ପର୍ଯ୍ୟାୟରେ ଆରସିବି ୧୪ଟି ମ୍ୟାଚ୍‌ରୁ ୯ଟିରେ ବିଜୟୀ ହୋଇ ୧୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ପ୍ରଥମ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗସ୍‌କୁ ୮ ଉଇକେଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଇଥିବା ରୋମାଞ୍ଚକର ଫାଇନାଲରେ ଆରସିବି ବିଜୟ ହାସଲ କରିଥିଲା।



ଆରସିବିର ବିଜୟ ପରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଜୟ ଉତ୍ସବ ସମୟରେ ଏକ ଦୁଃଖଦ କଳଙ୍କିତ ଘଟଣାରେ ୧୧ ଜଣ ପ୍ରଶଂସକଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଫ୍ରାଞ୍ଚାଇଜ୍ ଅନେକ ସମାଲୋଚନା ଶିକାର ହୋଇଥିଲେ ଏବଂ ଇଭେଣ୍ଟ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଥିଲା। ଏହା ସହିତ ଭାରତୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଇପିଏଲରେ ତମାଖୁ ଓ ମଦ ବ୍ରାଣ୍ଡର ପ୍ରୋତ୍ସାହନ ଉପରେ କଟକଣା ଲଗାଇବାକୁ ଚେଷ୍ଟା କରୁଛି, ଯାହା ଡିଆଜିଓ ଭଳି ଏକ ମଦ କମ୍ପାନୀ ପାଇଁ ଅତିରିକ୍ତ ଚାପ ସୃଷ୍ଟି କରିଛି। ଏହି ସବୁ କାରଣ ବିକ୍ରୟ ନିଷ୍ପତ୍ତିରେ ପ୍ରଭାବ ପକାଇଥାଇପାରେ।

ଆଇପିଏଲ୍ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଲିଗ୍ ଭାବେ ନିଜର ସ୍ଥାନ ସୁଦୃଢ଼ କରିଛି, ଯାହାର ମୂଲ୍ୟ ବୃଦ୍ଧି ଫ୍ରାଞ୍ଚାଇଜ୍ ମାଲିକମାନଙ୍କୁ ଏକ ଲାଭଜନକ ସମ୍ପତ୍ତି ଭାବେ ଆକର୍ଷିତ କରୁଛି। ଆରସିବି ବିଶ୍ୱର ସବୁଠାରୁ ଅଧିକ ପ୍ରଶଂସକ ଥିବା କ୍ରିକେଟ ଟିମ୍ ମଧ୍ୟରୁ ଅନ୍ୟତମ ଏବଂ ସୋସିଆଲ ମିଡିଆରେ ଏହାର ଜନପ୍ରିୟତା ଅତୁଳନୀୟ। ବିରାଟ କୋହଲି ଭଳି ତାରକା ଖେଳାଳି ଏବଂ ଏହାର ବ୍ରାଣ୍ଡ ମୂଲ୍ୟ ଏହାକୁ ବିଶ୍ୱସ୍ତରୀୟ ନିବେଶକ ମାନଙ୍କ ପାଇଁ ଆକର୍ଷଣୀୟ କରିଛି। ୨୦୦୮ରେ ବିଜୟ ମାଲ୍ୟାଙ୍କ ଦ୍ୱାରା ଆରସିବି କିଣାଯାଇ ଥିବା ବେଳେ ତାଙ୍କ ଆର୍ଥିକ ସଙ୍କଟ ପରେ ଡିଆଜିଓ ଏହାର ମାଲିକାନା ଗ୍ରହଣ କରିଥିଲା।

ଡିଆଜିଓ ଏବଂ ୟୁନାଇଟେଡ୍ ସ୍ପିରିଟ୍ସର ପ୍ରତିନିଧି ଏହି ବିକ୍ରୟ ସମ୍ପର୍କରେ କୌଣସି ଅଫିସିଆଲ ମନ୍ତବ୍ୟ ଦେଇନାହାନ୍ତି। ତେବେ ଏହି ଖବର ପ୍ରଶଂସକଙ୍କ ମଧ୍ୟରେ ଏକ ଆଲୋଡ଼ନ ସୃଷ୍ଟି କରିଛି। ବିକ୍ରୟ ନିଷ୍ପତ୍ତି ଚୂଡ଼ାନ୍ତ ହେବ କି ନାହିଁ, ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ। ତେବେ ଏହି ନିଷ୍ପତ୍ତି ଆଇପିଏଲ୍ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ହୋଇପାରେ, ଯାହା ଭବିଷ୍ୟତରେ ଅନ୍ୟ ଫ୍ରାଞ୍ଚାଇଜ ଗୁଡ଼ିକ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିବ।

# ପୁଣି ଥରେ କମେଣ୍ଟ୍ରିକୁ ଫେରିଲେ ଇରଫାନ

**ନୂଆଦିଲ୍ଲୀ**

ଭାରତର ପ୍ରସିଦ୍ଧ କ୍ରିକେଟର ଇରଫାନ ପଠାନ କ୍ରିକେଟରୁ ଅବସର ନେବା ପରେ କମେଣ୍ଟ୍ରି ପ୍ୟାନେଲରେ ତାଙ୍କର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲେ। ପ୍ରଶଂସକମାନେ ମଧ୍ୟ ତାଙ୍କ ଶୈଳୀକୁ ବହୁତ ପସନ୍ଦ କରନ୍ତି। ତଥାପି, ସେ ସଦ୍ୟ ସମାପ୍ତ ଆଇପିଏଲ ୨୦୨୫ରେ କମେଣ୍ଟ୍ରି ପ୍ୟାନେଲର ଅଂଶ ନଥିଲେ।

ରିପୋର୍ଟ ଅନୁଯାୟୀ, କେତେଜଣ ଖେଳାଳିଙ୍କ ବିରୋଧରେ ବ୍ୟକ୍ତିଗତ ଏଜେଣ୍ଡା ଚଳାଇବା ଯୋଗୁ ତାଙ୍କୁ ପ୍ରସାରଣ ଦଳରୁ ବାହାର କରାଯାଇଥିଲା। ଆଗାମୀ ଭାରତ ବନାମ ଇଂଲଣ୍ଡ ସିରିଜରେ, ଏହି ଅଭିଜ୍ଞ ଖେଳାଳି ପୁଣି ଥରେ କମେଣ୍ଟ୍ରିକୁ ଫେରିବାର ଦେଖାଯିବ। ତାଙ୍କ ନାମ ପୁଣି ଥରେ କମେଣ୍ଟ୍ରି ପ୍ୟାନେଲରେ ସାମିଲ କରାଯାଇଛି। ଗତ କିଛି ବର୍ଷ ଧରି କମେଣ୍ଟ୍ରିରେ ନିରନ୍ତର ଏକ ଛାପ ସୃଷ୍ଟି କରୁଥିବା ଇରଫାନ ପଠାନ ୨୦୨୩ ଓଡିଆଇ ଏବଂ ୨୦୨୪ ଟି୨୦ ବିଶ୍ୱକପ ଭଳି ବଡ଼ ଟୁର୍ଣ୍ଣାମେଣ୍ଟକୁ କଭର କରିଥିଲେ। ଏହା ବ୍ୟତୀତ, ସେ ଆଇପିଏଲରେ ମଧ୍ୟ ତାଙ୍କ ସ୍ୱରର ଯାଦୁ ବିସ୍ତାର କରିଛନ୍ତି। କିନ୍ତୁ, ସାମ୍ପ୍ରତିକ ସିଜନରେ, ତାଙ୍କୁ ବିବାଦୀୟ ଭାବରେ କମେଣ୍ଟ୍ରି ପ୍ୟାନେଲରେ ସାମିଲ କରାଯାଇ ନଥିଲା। ବର୍ତ୍ତମାନ ଏହି ୪୦ ବର୍ଷୀୟ କ୍ରିକେଟର ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜରେ ପୁଣି ଏହି ଭୂମିକାରେ ଦେଖିବାକୁ ମିଳିବେ। ଏହି ସିରିଜର ଟିଭି ଅଧିକାର ଥିବା ସୋନି ନେଟୱାର୍କ କମେଣ୍ଟ୍ରି ଦଳ ଘୋଷଣା କରିଛି। ହିନ୍ଦୀ କମେଣ୍ଟ୍ରି ପ୍ୟାନେଲରେ ଇରଫାନ ପଠାନଙ୍କ ନାମ ମଧ୍ୟ ସାମିଲ ଅଛି।

୨୦୨୫ ଆଇପିଏଲରେ ଇରଫାନ ପଠାନଙ୍କୁ କମେଣ୍ଟ୍ରିରୁ ହଟାଇ ଦିଆଯିବା ନେଇ ଗଣମାଧ୍ୟମରେ ଅନେକ ରିପୋର୍ଟ ପ୍ରକାଶ ପାଇଥିଲା। ରିପୋର୍ଟ ଅନୁଯାୟୀ, ଇରଫାନ ଅନ-ଏୟାର କମେଣ୍ଟ୍ରି ସମୟରେ ଏବଂ ସୋସିଆଲ ମିଡିଆ ମାଧ୍ୟମରେ କେତେଜଣ ଖେଳାଳିଙ୍କ ବିରୋଧରେ ବ୍ୟକ୍ତିଗତ ଏଜେଣ୍ଡା ଚଳାଉଥିଲେ। ପ୍ରସାରକମାନେ ଏଥିରେ ଅସନ୍ତୁଷ୍ଟ ଥିଲେ।

ସେହି ସମୟରେ, କିଛି ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଥିଲା ଯେ ପଠାନ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର ଗାଭାସ୍କର ଟ୍ରଫି ସିରିଜରେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ କଡ଼ା ସମାଲୋଚନା କରିଥିଲେ। ଏହି କାରଣରୁ, ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସିଜନରେ ଷ୍ଟାର ସ୍ପୋର୍ଟସ ଏବଂ ଜିଓ ହଟଷ୍ଟାର ତାଙ୍କୁ କମେଣ୍ଟ୍ରି ପ୍ୟାନେଲରୁ ହଟାଇ ଦେଇଥିଲେ। ଏହା ପରେ ଇରଫାନ ପଠାନ ତାଙ୍କର ୟୁଟ୍ୟୁବ ଚ୍ୟାନେଲ ଆରମ୍ଭ କରିଥିଲେ।

# ମାତ୍ର ୨୯ ବର୍ଷ ବୟସରେ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କଲେ ପୂରନ

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ୱେଷ୍ଟଇଣ୍ଡିଜ କ୍ରିକେଟ ଦଳର ଧୂଆଁଧାର ବ୍ୟାଟ୍ସମ୍ୟାନ ନିକୋଲାସ ପୂରନ। ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଜରିଆରେ ସେ ଏହି ସୂଚନା ଦେଇଛନ୍ତି। ମାତ୍ର ୨୯ ବର୍ଷ ବୟସରେ ପୂରନ ଅବସର ଘୋଷଣା କରି କ୍ରିକେଟ ଜଗତକୁ ଚକ୍ତିତ କରିଛନ୍ତି। ଆଉ ୮ ମାସ ପରେ ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବାକୁ ଥିବାବେଳେ ପୂରନଙ୍କ ଏହି ନିଷ୍ପତ୍ତି ଦଳକୁ ଚିନ୍ତାରେ ପକାଇଛି। 'ଏହି ନିଷ୍ପତ୍ତି ଅତ୍ୟନ୍ତ କଠିନ ଥିଲା। ଅନେକ ଚିନ୍ତା କରିବା ପରେ ସେ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ' ବୋଲି ପୂରନ କହିଛନ୍ତି। ପୂରନ ୨୦୧୬ରେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ପୂରନ ୬୧ଟି ଦିନିକିଆ ଏବଂ ୧୦୬ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଦିନିକିଆରେ ସେ ୧୯୮୩ ରନ କରିଥିବାବେଳେ ଟି-୨୦ରେ ୨୨୭୫ ରନ କରିଛନ୍ତି। ଏବେ ସେ ଫ୍ରାଞ୍ଚାଇଜ କ୍ରିକେଟ୍‌ରେ ତାଙ୍କର ବିସ୍ଫୋରକ ବ୍ୟାଟିଂ ଜାରି ରଖିବେ।



## ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି

# ୨୦୨୫ ଫୁଟବଲ ପ୍ରତିଯୋଗିତାର ବିଜୟୀ ଦଳ ଜିଲ୍ଲା ପ୍ରଶାସନ ଦ୍ୱାରା ସମ୍ମାନିତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ରାଉରକେଲା ସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମ ଠାରେ ଆୟୋଜିତ ହୋଇଥିବା ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି-୨୦୨୫ ଫୁଟବଲ ପ୍ରତିଯୋଗିତାର ଉଦ୍‌ଯାପନୀ/ଫାଇନାଲ ମ୍ୟାଚ୍‌ରେ ଆମ ବରଗଡ଼ ଦଳ ଭୁବନେଶ୍ୱରକୁ ୩-୨ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜେତା ହୋଇ ଜିଲ୍ଲାକୁ ଗୌରାବାନ୍ୱିତ କରିଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୬,୦୦୦ରୁ ଅଧିକ ଯୁବ ଖେଳାଳି ଅଂଶଗ୍ରହଣ କରିଥିଲେ ଓ ୮୫୮ଟି ମ୍ୟାଚ୍ ଖେଳାଯାଇଥିଲା।



ଏହି ସଫଳତାକୁ ଅବଲୋକନ କରି ବରଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ମଜିଷ୍ଟ୍ରେଟ୍ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରରେ ଏକ ବିଶେଷ ସମ୍ମାନ ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଜିଲ୍ଲା ଆଥ୍‌ଲେଟିକ୍ ଅସୋସିଏସନର ଉପାଧ୍ୟକ୍ଷ ଯୁଗଳ ପ୍ରସାଦ ସିଂହ, ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଏଫଏଓର ଉପାଧ୍ୟକ୍ଷ ରବି ପଣ୍ଡା, ଆଥ୍‌ଲେଟିକ୍ ସେକ୍ରେଟାରୀ ହରଦୀପ୍ ସିଂହ, ଫୁଟବଲ୍ ସେକ୍ରେଟାରୀ ଏସ.କେ. ସବଦର, ଭଣ୍ଡାରପାଳ ଡଃ ସୁଭ୍ରାଂଶୁ ଶେଖର ମହାପାତ୍ର, କ୍ରିକେଟ୍ ସେକ୍ରେଟାରୀ ଅମିୟ ଭୂଷଣ ସାହୁ, ଆଉଟ୍‌ଡୋର ଗେମ୍ସ ସେକ୍ରେଟାରୀ ସୁରେଶ ଦାଶ, ପରିଷଦ ସଦସ୍ୟ ପ୍ରଦୀପ ସାହୁ, ମହେନ୍ଦ୍ର ଦାଶଙ୍କ ସମେତ ପୂର୍ବତନ ଖେଳାଳି ଅତିଶ ପଣ୍ଡା, ଜ୍ଞାନ ରଞ୍ଜନ ପୁଜାରୀ, ପ୍ରଦୀପ ପ୍ରଧାନ, ସଚିଦାନନ୍ଦ ପଣ୍ଡା, ପ୍ରଶାନ୍ତ ଜେନା ଓ ବିକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ବରଗଡ଼ ଦଳକୁ ସୌରଭ କୁମାର ଭୋଇ କ୍ୟାପ୍ଟେନ୍ ଭାବେ ନେତୃତ୍ୱ ଦେଇଥିଲେ। ଦଳଟି ମୁଖ୍ୟ କୋଚ୍ ରମକାନ୍ତ ଦାଶ ଓ ସହକାରୀ କୋଚ୍ ଟିକେଶ୍ୱର ଖର୍ସେଲ୍‌ଙ୍କ ନିର୍ଦ୍ଦେଶନା ଅନୁସାରେ ୨୫ ଜଣ ଖେଳାଳି ସହିତ ଏହି ମହତ୍ୱପୂର୍ଣ୍ଣ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି ବିଜୟ ବରଗଡ଼ ଜିଲ୍ଲା ପାଇଁ ଏକ ଗର୍ବର ବିଷୟ ହେବା ସହିତ ଓଡ଼ିଶା ରାଜ୍ୟ ସରକାରଙ୍କ 'ଖେଳ ବିକାଶ ଭିଜନ୍ ୨୦୨୯'ର ଲକ୍ଷ୍ୟ ପ୍ରତି ସାର୍ଥକ ପଦକ୍ଷେପ ଅତୁଟ ରହିଛି। ଏହା ଗ୍ରାମୀଣ ତଳସ୍ତରରେ ଯୁବ ପ୍ରତିଭାମାନେ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ପ୍ରତିନିଧିତ୍ୱ କରିବାକୁ ପ୍ରସ୍ତୁତ ହେବା ପାଇଁ ଅବସର ସୃଷ୍ଟି କରିବ ବୋଲି ଜିଲ୍ଲାପାଳ ଶ୍ରୀ ଗୋୟଲ ମତ ରଖିଥିଲେ।

# ଲଗାତାର ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ୍ ଟ୍ରଫି ହାସଲ କଲେ ଆଲକାରାଜ

**ପ୍ୟାରିସ**

ତୀବ୍ର ସଂଘର୍ଷପୂର୍ଣ୍ଣ ତଥା ଅପୂର୍ବ ଉତ୍କଣ୍ଠାପୂର୍ଣ୍ଣ ଫାଇନାଲ୍‌ରେ ପ୍ରଥମ ସିଡ୍ ଓ ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଇଟାଲିର ୟାନିକ ସିନ୍ନରଙ୍କୁ ନାଟକୀୟ ଭାବେ ୪-୬, ୬-୭ (୪-୭), ୬-୪, ୭-୬ (୭-୩), ୭-୬ (୧୦-୨) ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ୍ ଆଲ୍‌କାରାଜ ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତାର ପୁରୁଷ ଏକକ ଟ୍ରଫି ଜିତି ନେଇଛନ୍ତି। ଗତବର୍ଷ ଏଠାରେ ନିଜର ପ୍ରଥମ ଟ୍ରଫି ଜିତିଥିବା ଆଲକାରାଜଙ୍କ କ୍ୟାରିୟରର ଏହା ପଞ୍ଚମ ଗ୍ରାଣ୍ଡ୍‌ସ୍ଲାମ୍ ବିଜୟ। ୨୨ ବର୍ଷୀୟ ଆଲକାରାଜ ଫ୍ରେଞ୍ଚ ଓପନ୍ ଫାଇନାଲ୍‌ର ଅନ୍ୟତମ ସ୍ମରଣୀୟ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଥମ ଦୁଇ ସେଟ୍‌କୁ ହାରିବା ପରେ ପରବର୍ତ୍ତୀ ତିନି ସେଟ୍ ଜିତି ସିନ୍ନରଙ୍କ ପଞ୍ଝାରୁ ଟ୍ରଫି ଛଡ଼ାଇ ନେଇଥିଲେ।

## ଜିଲ୍ଲାସ୍ତରୀୟ ୪ର୍ଥ ଟାଏକୋଣ୍ଡୋ ପ୍ରତିଯୋଗିତା

# ଧର୍ମଶାଳା ଟାଏକୋଣ୍ଡୋ ଏକାଡେମୀ କ୍ୟୁରୋଗି ଓ ପୁମସି ଇଭେଣ୍ଟରେ ଚାମ୍ପିଅନ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମରେ ୪ର୍ଥ ଜିଲ୍ଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ଟାଏକୋଣ୍ଡୋ ସଂଘ ଓ ଧର୍ମଶାଳା ଟାଏକୋଣ୍ଡୋ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦୁଇଟି ଇଭେଣ୍ଟ ଯଥା କ୍ୟୁରୋଗି ଓ ପୁମସି ପ୍ରତିଯୋଗିତା କରାଯାଇଥିଲା। ଯାଜପୁର ଜିଲ୍ଲାର ୩ଟି ଏକାଡେମୀ ଯଥା ଯାଜପୁର ମାର୍ଶଲ ଏକାଡେମୀ, ଧର୍ମଶାଳା ଟାଏକୋଣ୍ଡୋ ଏକାଡେମୀ ଓ ମା' ବିରଜା ଟାଏକୋଣ୍ଡୋ ଏକାଡେମୀରୁ ୨୫୦ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ପ୍ରତିଯୋଗୀ କ୍ୟୁରୋଗୀ ଓ ପୁମସି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ସଂଘରୁ ୧୩ ଜଣ ଜାତୀୟ ରେଫରୀ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଯାଜପୁର ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡୁ, ଓଡ଼ିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ତଥା ଆନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର ମନମୋହନ ଭଞ୍ଜ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ଣରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କ ସହିତ ଫଟୋ ଉଠାଇବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଯାଜପୁର ଜିଲ୍ଲା ଟାଏକୋଣ୍ଡୋ ସଙ୍ଘ ସମ୍ପାଦକ ଯଯାତି କେଶରୀ ଧଳ, ଧର୍ମଶାଳା ଟାଏକୋଣ୍ଡୋ ଏକାଡେମୀ ସଭାପତି ସନ୍ତୋଷ କୁମାର ସାହୁ, ଉପସଭାପତି ସୁଶାନ୍ତ କୁମାର ବେହେରା, ମା' ବିରଜା ଟାଏକୋଣ୍ଡୋ ଏକାଡେମୀ ସଭାପତି ସୁରଜ୍ ଲାଲ ସାମଲ ପ୍ରତିଯୋଗିତାରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସର୍ବଶେଷରେ ଟିମ୍ ର୍‍ୟାଙ୍କିଙ୍ଗରେ ଧର୍ମଶାଳା ଟାଏକୋଣ୍ଡୋ ଏକାଡେମୀ କ୍ୟୁରୋଗି ଓ ପୁମସି ଇଭେଣ୍ଟରେ ଚାମ୍ପିଅନ ଟ୍ରଫି ହାସଲ କରିଥିଲା ତାହା ସହିତ ଯାଜପୁର ମାର୍ଶଲଆର୍ଟ ଏକାଡେମୀ କ୍ୟୁରୋଗି ଇଭେଣ୍ଟରେ ଉପବିଜେତା ହୋଇଥିବା ବେଳେ ମା' ବିରଜା ଟାଏକୋଣ୍ଡୋ ଏକାଡେମୀ ପୁମସି ଇଭେଣ୍ଟରେ ଉପବିଜେତା ଟ୍ରଫି ହାସିଲ କରିଥିଲେ। ଧର୍ମଶାଳା ଟାଏକଣ୍ଡୋ ଏକାଡେମୀ ସେକ୍ରେଟାରୀ ସମର ସିଂହ ଓ ଉପସଭାପତି ସୁଶାନ୍ତ କୁମାର ବେହେରା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

# ଓଡ୍ରାଫ ଟିମ୍ ପକ୍ଷରୁ ଯୁବକମାନଙ୍କୁ ସନ୍ତରଣର ପ୍ରଶିକ୍ଷଣ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମରେ ବିଭିନ୍ନ ହାଇସ୍କୁଲ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଓ ଯୁବକମାନଙ୍କୁ ସନ୍ତରଣ ଓ ପାଣିରେ ବୁଡ଼ିଯାଉଥିବା ବ୍ୟକ୍ତିମାନଙ୍କ ଉଦ୍ଧାର ପାଇଁ ଜୀବନ ରକ୍ଷା କୌଶଳ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରା ଯାଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନ କରିଥିଲେ। ସେ ଏହି ଅବସରରେ କହିଥିଲେ ଯେ ରାଉରକେଲା ଆଖ ପାଖରେ ନଦୀରେ କିଶୋର ଓ ଯୁବକ ମାନଙ୍କର ନଦୀରେ ଗାଧେଇବା ବା ବୁଲିବାକୁ ଯାଇଥିବା ସମୟରେ ଦୁର୍ଘଟଣା ବଶତ ନଦୀରେ ବୁଡି ମୃତ୍ୟୁବରଣ କରୁଛନ୍ତି। ଏହାକୁ ଏଡ଼ାଇବା ପାଇଁ ଯୁବକମାନଙ୍କୁ ସନ୍ତରଣ କରିବା ଓ କେହି ବୁଡ଼ିଯାଉ ଥିଲେ ତତ୍‌କ୍ଷଣ କିପରି ଉଦ୍ଧାର କରାଯାଇପାରିବ ଏହାର ପ୍ରଶିକ୍ଷଣ ନିତାନ୍ତ ଆବଶ୍ୟକ। ଏହି ପ୍ରଶିକ୍ଷଣ ଦ୍ୱାରା ନିଜର ତଥା ଅନ୍ୟର ଅମୂଲ୍ୟ ଜୀବନ ରକ୍ଷା କରିବାରେ ସହାୟକ ହୋଇପାରିବେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରତି ବ୍ୟାଚ୍ ରେ ୩୦ ଜଣ ଯୁବକ ଅଂଶ ଗ୍ରହଣ କରିବେ। ପ୍ରତି ବ୍ୟାଚ୍‌କୁ ଓଡ୍ରାଫ୍‌ର ୨୦ ସଦସ୍ୟ ବିଶିଷ୍ଟ ଟିମ୍ ୬ ଦିନ ପ୍ରଶିକ୍ଷଣ ପ୍ରଦାନ କରିବ। ପାଖାପାଖି ୧୦ଟି ବ୍ୟାଚ୍‌ର ୩୦୦ଜଣ ଯୁବକଙ୍କୁ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଡେପୁଟି ଡାଇରେକ୍ଟର କ୍ରୀଡ଼ା ସୁସ୍ମିତା ଦତ୍ତ, ଡେପୁଟି କଲେକ୍ଟର ପାନପୋଷ ଅର୍ପିତା ମହାନ୍ତି, ଡେପୁଟି କଲେକ୍ଟର (ଆପାତକାଳୀନ) ସାଲମା ମାଝି, ଜିଲ୍ଲା ପ୍ରୋଜେକ୍ଟ ଅଧିକାରୀ ସୁଜାତା ତିର୍କୀ ଓ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରାଉରକେଲା ସୀମା ଫାତିମା ଏକ୍କା ଉପସ୍ଥିତ ଥିଲେ।

# ବାଲ୍ୟବିବାହ ଉଚ୍ଛେଦ ସଚେତନତା କାର୍ଯ୍ୟକ୍ରମ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ବ୍ଲକ ବଡ଼ିମୁଣ୍ଡା ଗ୍ରାମରେ ଏକ ବାଲ୍ୟ ବିବାହ ଉଚ୍ଛେଦ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ହଦଗଡ଼ ମଣ୍ଡଳର ସଭାପତି ମାନସ ରଞ୍ଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ୟୁନିସେଫ ଭୁବନେଶ୍ୱରରୁ ଆସିଥବା ଘାସିରାମ ପଣ୍ଡା, ସମ୍ମାନିତ ଅତିଥି ଭାବେ ସୁରକ୍ଷା ଅଧିକାରିଣୀ ସରୋଜଲତା ଦେଇ, ଫୁଲବାଣୀ ମହିଳା ସହଯୋଗ କେନ୍ଦ୍ରରୁ ଆସିଥିବା କଳ୍ପନା ମହାନ୍ତି, ଜିଲ୍ଲା ସମ୍ପାଦକ ସୁବଳ ରଣା, ସାମ୍ବାଦିକ ବାଳକୃଷ୍ଣ କହଁର, କୋଷାଧ୍ୟକ୍ଷ ଗୋକୁଳ ଚନ୍ଦ୍ର ବେହେରା, ମଣ୍ଡଳ ସଭାପତି ମାନସ ରଞ୍ଜନ ପାତ୍ର, ମଣ୍ଡଳ ସମ୍ପାଦକ ବାବୁଲା ଦଳବେହେରା, ସମୀକ୍ଷକ ଜୟନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ରୋକିବା ଓ ବାଲ୍ୟ ବିବାହ କରିବା ଦ୍ୱାରା ସମାଜର କ'ଣ କ୍ଷତି ହୁଏ ଏବଂ କିଶୋରୀ ବାଳିକାମାନେ ବାଲ୍ୟ ବିବାହ ନ କରିବା ପାଇଁ ଶପଥ ପାଠ କରାଯିବା ସହ ଶିକ୍ଷାର ଉନ୍ନତି, ପାରିବାରିକ ହିଂସା, ମହିଳାମାନଙ୍କର ସମସ୍ୟା ସାମାଜିକ ସୁରକ୍ଷା ସୁଧାର ଗୃହ ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହଦଗଡ଼ ମଣ୍ଡଳର ସମସ୍ତ କର୍ମକର୍ତ୍ତା କୁଳ ଅଧିପତି ପୁରୁଷ ଓ ମହିଳା ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ ଏବଂ ଦଶମ ଓ ଦ୍ୱାଦଶ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ଦିଆଯାଇଥିଲା। ଏଥିସହ ଚଳିତ ବର୍ଷର ଆୟ ବ୍ୟୟ ହିସାବ କରାଯିବା ସହ କୋଷାଧ୍ୟକ୍ଷ ଗୋକୁଳ ଚନ୍ଦ୍ର ବେହେରା ସମସ୍ତଙ୍କୁ ଶୁଣାଇଥିଲେ। ଜିଲ୍ଲା ସମ୍ପାଦକ ସୁବଳ ରଣା ବୈଠକରେ ସମାଜର ବିକାଶ ଓ ଚାକିରି କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ସଂରକ୍ଷଣ ଦାବି ବିଷୟରେ ବୁଝାଇଥିଲେ।

# ଯୋଗର ଜୟଯାତ୍ରା

**ତରୁଣ କୁମାର ସାହୁ**

ଜୁନ ମାସର ୨୧ ତାରିଖ ଦିନ ସମଗ୍ର ବିଶ୍ୱରେ ପାଳିତ ହେବ ଆନ୍ତର୍ଜାତିକ ଯୋଗ ଦିବସ। ଏହା ଜାତିସଂଘ ଦ୍ୱାରା ସ୍ୱୀକୃତି ଲାଭ କରିଛି। ଯୋଗ ଏକ ଭାରତୀୟ ପଦ୍ଧତି ଯଦ୍ୱାରା ଶରୀରରେ ସନ୍ତୁଳନ, ମନରେ ଶାନ୍ତି ଓ ଆଧ୍ୟାତ୍ମିକ ଶକ୍ତିର ଜାଗରଣ ସମ୍ଭବପର ହୋଇଥାଏ। ଏହାର ଉଦ୍ଭବ ହୋଇଥିଲା ଭାରତୀୟ ମୁନି, ଋଷିଙ୍କ ଦ୍ୱାରା ବହୁ ଅତୀତରେ। ମୁନି, ଋଷିମାନେ ଆଧ୍ୟାତ୍ମିକ ଜୀବନ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ ସତ, ମାତ୍ର ସେମାନେ ଉପଲବ୍ଧି କରିଥିଲେ ଯେ ଶରୀର ଓ ମନ ସୁସ୍ଥ ନ ରହିଲେ ଆଧ୍ୟାତ୍ମିକ ଶକ୍ତି ଆହରଣ କରିବା ସମ୍ଭବ ପର ନୁହେଁ। ସେଥିପାଇଁ ସେମାନେ ବିଶ୍ୱାସ କରୁଥିଲ 'ଶରୀରଂ ଆଦ୍ୟଂଖଳୁ ଧର୍ମ ସାଧନମ' (ପ୍ରଥମେ ଶରୀର ପରେ ଧର୍ମ ସାଧନା)। ସେଥିପାଇଁ ଯୋଗ ସାଧନ ସହିତ ଆସନ ଓ ପ୍ରାଣାୟାମକୁ ଯୋଡି ସେମାନେ ଆଧ୍ୟାତ୍ମିକ ସାଧନା କରୁଥିଲେ ସିଦ୍ଧି ଲାଭ ପାଇଁ। ୨୦୧୪ ମସିହାରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜାତିସଂଘରେ ପ୍ରସ୍ତାବ ଦେଇଥିଲେ ୨୧ ଜୁନକୁ ଆନ୍ତର୍ଜାତିକ ଯୋଗ ଦିବସ ରୂପେ ପାଳନ କରିବାକୁ ଏବଂ ଏହା ସ୍ୱୀକୃତ ହୋଇଥିଲା। ସେହି ଦିନଠାରୁ ଏ ଯାବତ ପ୍ରତିବର୍ଷ ଜୁନ ୨୧ ତାରିଖ ଦିନ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ଏ ବର୍ଷ ଅର୍ଥାତ ୨୦୨୫ ମସିହାରେ ଆଗାମୀ ଜୁନ ୨୧ ତାରିଖ ଦିନ ବିଶ୍ୱ ଯୋଗ ଦିବସ ପାଳିତ ହେବ। ଏହି ଜୁନ ୨୧ ତାରିଖଟି ପ୍ରକୃତରେ ଉତ୍ତର ଗୋଲାର୍ଦ୍ଧର ସବୁଠାରୁ ବଡ଼ ଦିନ। ଯୋଗ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମଗ୍ର ମାନବ ସମାଜ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଓ ଶାନ୍ତିର ବାର୍ତ୍ତା ପ୍ରଦାନ କରିବା।

ଆନ୍ତର୍ଜାତିକ ଯୋଗ ଦିବସରେ ମୁଖ୍ୟତଃ ଯୋଗ ଓ ପ୍ରାଣାୟମ ଉପରେ ଗୁରୁତ୍ୱ ଦିଆଯାଉଥିଲେ ହେଁ, ଯୋଗ ଶବ୍ଦର ଉତ୍ପତ୍ତି 'ୟୁଜ' ଶବ୍ଦରୁ ସୃଷ୍ଟି ହୋଇଛି। ଯାହାର ଅର୍ଥ ମିଳନ ଦେହ ସହ ମନର ମିଳନ, ଆତ୍ମା ସହିତ ପରାମାତ୍ମାର ମିଳନ ଓ ବ୍ୟକ୍ତି ଚେନତା ସହ ବିଶ୍ୱ ଚେତନାର ମିଳନ। ବହୁ ଅତୀତରେ ଭାରତର ମୁନି, ଋଷିମାନେ ଆଧ୍ୟାତ୍ମିକ ଶକ୍ତି ଆହରଣ କରିବା ପାଇଁ ଯୋଗକୁ ଏକ ମାଧ୍ୟମ ରୂପେ ଗ୍ରହଣ କରିଥିଲେ। ଆତ୍ମା ସହିତ ପରମାତ୍ମାର ମିଳନ ପାଇଁ ଅନେକ ପ୍ରକାରର ଯୋଗ ପ୍ରଚଳିତ ଥିଲା। ଯଥା କର୍ମଯୋଗ, ଜ୍ଞାନ ଯୋଗ, ଭକ୍ତି ଯୋଗ, ରାଜଯୋଗ, କ୍ରିୟାଯୋଗ ଓ ହଠଯୋଗ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗର ବିଶେଷ ଉଲ୍ଲେଖ କରିଛନ୍ତି। କ୍ରିୟାଯୋଗର ଯୋଗର ମୁଖ୍ୟ ପ୍ରଚାରକ ହେଉଛନ୍ତି ସ୍ୱାମୀ ହରିହରାନନ୍ଦ ଓ ତାଙ୍କର ପଟ୍ଟଶିଷ୍ୟ ସ୍ୱାମୀ ପ୍ରଜ୍ଞାନାନନ୍ଦ। ସେହିପରି ସଦଗୁରୁ ଶ୍ରୀ ଜଗଦୀଶ ବାସୁଦେବ ତାଙ୍କର 'ଈଶା ଫାଉଣ୍ଡେସନ'ରେ ହଠଯୋଗର ଶିକ୍ଷା ପ୍ରଦାନ କରିଥାନ୍ତି। ମହାଯୋଗୀ ଶ୍ରୀ ଅରବିନ୍ଦ କର୍ମ, ଜ୍ଞାନ ଓ ଭକ୍ତି ଯୋଗ ସହିତ ଶରୀର ଓ ମନର ସୁସ୍ଥତା ଉପରେ ଗୁରୁତ୍ୱ ଆରୋପ କରି ସୃଷ୍ଟି କରିଛନ୍ତି 'ପୂର୍ଣ୍ଣଯୋଗ'।

ଆନ୍ତର୍ଜାତିକ ଯୋଗ ଦିବସରେ କେବଳ ଆସନ ପ୍ରାଣାୟାମ ଓ ଧ୍ୟାନ ଉପରେ ଗୁରୁତ୍ୱ ଦିଆଯାଏ। ବର୍ତ୍ତମାନ ଶାରୀରକ, ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ଦୈନନ୍ଦିନ ଜୀବନରେ ଅଭ୍ୟାସ କରା ଯାଉଥିବା କେତେକ ଆସନ ଓ ପ୍ରାଣାୟାମକୁ ଯୋଗାଭ୍ୟାସ କୁହାଯାଉଛି। ଯୋଗାଭ୍ୟାସ ଦ୍ୱାରା ଶରୀର ସୁସ୍ଥ ରହେ ଓ ଚେତନାର ଉତ୍ତରଣ ସଂଘଟିତ ହୁଏ, ଯଦ୍ୱାରା ମଣିଷ ଏକ ଆଧ୍ୟାତ୍ମିକ ଜୀବନଯାପନ କରିପାରେ।

କୁହାଯାଏ ମହର୍ଷି ପତଞ୍ଜଳି ହିଁ ଯୋଗାସନର ସୃଷ୍ଟି କର୍ତ୍ତା। ସେଥିପାଇଁ ତାଙ୍କୁ ଯୋଗାସନ ଓ ପ୍ରଣାୟାମର ଜନକ କୁହାଯାଏ। ଆନ୍ତର୍ଜାତିକ ଯୋଗ ଦିବସରେ ଏଇ ପତଞ୍ଜଳିକୃତ ଆସନ ଓ ପ୍ରାଣାୟାମର ପ୍ରଦର୍ଶନ ହୁଏ ସମଗ୍ର ବିଶ୍ୱରେ। ମହର୍ଷି ପତଞ୍ଜଳି ଏକ ସୁସ୍ଥ ଓ ଉତ୍ତମ ସାମାଜିକ ଜୀବନ ଯାପନ କରିବା ପାଇଁ ଏହି ଯୋଗାସନ ଓ ପ୍ରଣାୟାମ ସୃଷ୍ଟି କରିଥିଲେ। ଯୋଗାସନ ବିଭିନ୍ନ ପ୍ରକାରର ଶାରୀରିକ ବ୍ୟାୟାମ ଏବଂ ପ୍ରାଣାୟମ ଏକ ଶୃଙ୍ଖଳିତ ନିଃଶ୍ୱାସ, ପ୍ରଶ୍ୱାସ ନିୟନ୍ତ୍ରଣ ପ୍ରକ୍ରିୟା। ସାମଗ୍ରିକ ଭାବେ କହିବାକୁ ଗଲେ ୨୬ ପ୍ରକାରର ଯୋଗାସନ ପ୍ରକ୍ରିୟା ଉପଲବ୍ଧ ହୁଏ। ଏହି ଛବିଶ ପ୍ରକାରର ଯୋଗାସନକୁ ବିକ୍ରମ ଯୋଗାସନ କୁହାଯାଏ। ଏଗୁଡ଼ିକ ହେଲା- ପ୍ରାଣାୟାମ, ଅର୍ଦ୍ଧ ଚନ୍ଦ୍ରାସନ, ଦଣ୍ଡାୟାମାନ ବିଭକ୍ତପାଦ, ଜାନୁଶିରାସନ, ତାଡାସନ, ପାଦଅଙ୍ଗୁଷ୍ଠାସନ, ଶବାସନ, ପବନ ମୁକ୍ତାସନ, ପାଦ ହସ୍ତାସନ, ଭୁଜଙ୍ଗାସନ, ସଲଭାସନ, ପୂର୍ଣ୍ଣସଲଭାସନ, ଶଶାଙ୍କାସନ, ଜାନୁଶିରାସନ, ପଶ୍ଚିମୋତ୍ଥାନାସନ, ଅର୍ଦ୍ଧମତ୍ସ୍ୟେନ୍ଦ୍ରାସନ ଓ ବଜ୍ରାସନ। ଅନେକ ପଶୁ ଓ ପକ୍ଷୀଙ୍କୁ ଅନୁକରଣ କରି ଆସନଗୁଡିକର ପରିକଳ୍ପନା କରାଯାଇଛି। ପ୍ରକୃତରେ ମୁନି, ଋଷିମାନେ ଅଭ୍ୟାସ କରୁଥିବା ହଠଯୋଗରୁ ହିଁ ଏହି ବିକ୍ରମ ଯୋଗାସନଗୁଡିକ ଆହରଣ କରାଯାଇଛି। ଯୋଗାସନଗୁଡିକ ଶରୀରର ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀକୁ ହିଁ ସୂଚାଏ। ଯୋଗାସନ ଅଭ୍ୟାସ ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଅତି ସୁଚାରୁ ରୂପେ ହୋଇଥାଏ ଏବଂ ଶରୀର ଓ ମନ ସୁସ୍ଥ ରହେ। ଶରୀର ଓ ମନ ସୁସ୍ଥ ରହିଲେ ହିଁ ଏକ ସୁସ୍ଥ ଓ ଉଚ୍ଚ ଆଧ୍ୟାତ୍ମିକ ଜୀବନ ଯାପନ କରାଯାଇପାରିବ। ସେଇଥିପାଇଁ ଅତୀତରେ ଭାରତୀୟ ଋଷି, ମୁନିମାନେ ଶରୀରର ସୁସ୍ଥତା ଉପରେ ଅତ୍ୟନ୍ତ ଗୁରୁତ୍ୱ ଆରୋପ କରୁଥିଲେ।

ବର୍ତ୍ତମାନ ପୃଥିବୀର ବିଭିନ୍ନ ଦେଶରେ ପ୍ରଚଳିତ ଥିବା ଯୋଗାଭ୍ୟାସ ଗୁଡିକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ; ଯଥା – ହଠଯୋଗ, ବିନ୍ୟା ଯୋଗ, ଅଷ୍ଟାଙ୍ଗ ଯୋଗ, ଆୟେଙ୍ଗାର ଯୋଗ ଓ ବିକ୍ରମ ଯୋଗ। ଯୋଗରେ ୫ ଗୋଟି ନୀତି ଉପରେ ଗୁରୁତ୍ୱ ଦିଆଯାଏ, ଯଥା- ୧. ଉତ୍ତମ ଶାରୀରିକ ବ୍ୟାୟାମ ଓ ଆସନ, ୨. ଉତ୍ତମ ନିଃଶ୍ୱାସ ପ୍ରଶ୍ୱାସ ନିୟନ୍ତ୍ରଣ ପ୍ରକ୍ରିୟା, ୪. ଉତ୍ତମ ବିରତି, ୪. ଉତ୍ତମ ଓ ସୁକ୍ଷମ ଖାଦ୍ୟ, ୫. ଉତ୍ତମ ସକାରାତ୍ମକ ଚିନ୍ତା ଓ ଧ୍ୟାନ।

ହଠଯୋଗ ମୁଖ୍ୟତଃ ଆସନ, ପ୍ରଣାୟମ ଓ ଧ୍ୟାନ ଉପରେ ଗୁରୁତ୍ୱ ଆରୋପ କରେ। ସଂସ୍କୃତ ଶବ୍ଦ 'ହଠ'ର ଅର୍ଥ ଶକ୍ତି, ହଠ ଯୋଗ ମାଧ୍ୟମରେ ଶରୀର ଓ ମନରେ ଶକ୍ତି ସଚାରଣ କରାଯାଏ। ହଠଯୋଗ ପ୍ରକୃତରେ ପ୍ରଥମ ଶତାବ୍ଦୀରେ ସଂସ୍କୃତ ମହାକାବ୍ୟ ଓ ବୌଦ୍ଧ ପାଲି ଲିପିରେ ଉଲ୍ଲେଖ ଥିବାର ପ୍ରମାଣ ମିଳେ। ତେବେ ଏକାଦଶ ଶତାବ୍ଦୀରେ ବୌଦ୍ଧମାନଙ୍କର 'ଅମୃତ ସିଦ୍ଧି'ରେ ଏହାର ବ୍ୟାପକ ବ୍ୟାଖ୍ୟା କରାଯାଇଛି। ହଠଯୋଗର ଉଲ୍ଲେଖ ରହିଛି ନାଥ ସଂପ୍ରଦାୟର 'ସିଦ୍ଧ' ମାନଙ୍କ ପୋଥିରେ। ସିଦ୍ଧି ପୁରୁଷ ମତ୍ସ୍ୟେନ୍ଦ୍ରନାଥ ଓ ତାଙ୍କର ଶିଷ୍ୟ ଗୋରଖନାଥ ଏହି ହଠଯୋଗର ମୁଖ୍ୟ ପୁରୋଧା ଥିଲେ। ନାଥ ସଂପ୍ରଦାୟର ଯୋଗୀମାନେ ଆସନ, ପ୍ରାଣାୟମ ମାଧ୍ୟମରେ ମନୁଷ୍ୟର କୁଣ୍ଡଳିନୀ ଶକ୍ତି ଜାଗ୍ରତ କରାଇ ଷଡ଼ଚକ୍ର ମାଧ୍ୟମରେ ଆଧିତ୍ମିକ ଶିକ୍ଷା ପ୍ରଦାନ କରୁଥିଲେ। କୁଣ୍ଡଳିନୀ ଶକ୍ତିର ଷଡ଼ଚକ୍ର ମାଧ୍ୟମରେ ଉର୍ଦ୍ଧ୍ୱଗତି ଦ୍ୱାରା ହିଁ ସାଧନ ସିଦ୍ଧି ଲାଭ କରିଥାଏ।। ଅଧୁନା ଭାରତର ହଠଯୋଗ ଶିକ୍ଷା ପ୍ରଦାନ କରନ୍ତି ଶ୍ରୀ ଜଗଦୀଶ ବାସୁଦେବ (ସଦଗୁରୁ)। ତାଙ୍କର ଆଶ୍ରମ ଈଶା ଫାଉଣ୍ଡେସନ କଇମ୍ବାଟୁରରେ ଅବସ୍ଥିତ। ତାଙ୍କର ପୁସ୍ତକର 'Inner Enginerring : A yogi's guide to joy' ବହୁ ଚର୍ଚ୍ଚିତ।

ବିନ୍ୟାସ ଏକ ବହୁଜନାଦୃତ ଆଧୁନିକ ଯୋଗାସନ ପଦ୍ଧତି, ଏହି ପଦ୍ଧତି ଶ୍ୱାସନିୟନ୍ତ୍ରଣ ମାଧ୍ୟମରେ ଗୋଟିଏ ଆସନରୁ ଅନ୍ୟ ଏକ ଆସନକୁ ଗମନ କରିବା ଉପରେ ଗୁରୁତ୍ୱ ଦିଏ। ଏହାକୁ ଇଂରାଜୀରେ 'ଫ୍ଲୋ ଯୋଗ' ବା ବହିଯିବା ଯୋଗ ବୋଲି କୁହାଯାଏ। ଏହି ଆସନରେ ୩ଟି ଭାଗ ଅଛି, ୧. ଶରୀରକୁ ଗରମ କରିବା, ୨. ଏକ ମୁଖ୍ୟ ବହମାନତ ଏବଂ ୩. ଶରୀରକୁ ଥଣ୍ଡ କରିବା।

ଅଷ୍ଟାଙ୍ଗ ଯୋଗ ପଦ୍ଧତି ପତଞ୍ଜଳିଙ୍କ 'ଯୋଗ ସୂତ୍ର'ରେ ବର୍ଣ୍ଣିତ ଏକ ଯୋଗ। ଏହା ଅଷ୍ଟାଙ୍ଗ ଉପରେ ପର୍ଯ୍ୟବସିତ। ବିନ୍ୟାସ ଭଳି ଏଥିରେ ମଧ୍ୟ ଶ୍ୱାସନିୟନ୍ତ୍ରଣ ଓ ଗୋଟିଏ ଆସନରୁ ଅନ୍ୟ ଏକ ଆସନକୁ ଗମନ କରିବା ଉପରେ ଗୁରୁତ୍ୱ ଦିଆଯାଏ।

ଆୟେଙ୍ଗାର ଯୋଗର ସୃଷ୍ଟିକର୍ତ୍ତା ହେଉଛନ୍ତି ବି କେ ଏସ ଆୟେଙ୍ଗାର। ଏହା ଏକ ନୂତନ ପଦ୍ଧତିର ହଠ ଯୋଗ ଏବଂ ଏଥିରେ ବିଭିନ୍ନ ଉପକରଣକୁ ପ୍ରପ୍ ଭାବରେ ଗ୍ରହଣ କରି ଆସନ କରାଯାଏ। ଏହା ସବୁ ପ୍ରକାରର ଲୋକଙ୍କୁ ସୁହାଇଲା ଭଳି ଏକ ଯୋଗ।

ମହର୍ଷି ପତଞ୍ଜଳିଙ୍କୁ ଯୋଗର ସୃଷ୍ଟିକର୍ତ୍ତା ଭାବରେ ଗ୍ରହଣ କରାଯାଇଛି। ତାଙ୍କର ପୁସ୍ତକ ଯୋଗସୂତ୍ରରେ ସେ ଯୋଗାସନ ଓ ପ୍ରାଣାୟମର ନିୟମଗୁଡିକ ଲିପିବଦ୍ଧ କରିଛନ୍ତି। ପତଞ୍ଜଳିଙ୍କ ନାମ ଅନୁସାରେ ପତଞ୍ଜଳି ଯୋଗାଶ୍ରମ ଗଠନ କରି ଯୋଗଗୁରୁ ରାମଦେବ ସମଗ୍ର ପୃଥିବୀରେ ଯୋଗାସନ ଓ ପ୍ରଣାୟାମକୁ ବହୁଳ ଭାବରେ ପ୍ରଚାରିତ ଓ ପ୍ରସାରିତ କରିଛନ୍ତି। ଏବେ ମଧ୍ୟ ପ୍ରତ୍ୟହ ସକାଳେ ଇଣ୍ଡିଆ ଟିଭି ମାଧ୍ୟମରେ ହଜାର ହଜାର ଲୋକ (ଆବାଳ ବୃଦ୍ଧବନିତା) ରାମଦେବଙ୍କଠାରୁ ଯୋଗାସନ ଶିକ୍ଷା କରୁଛନ୍ତି। ବିଭିନ୍ନ ରୋଗକୁ ଆସନ ଓ ପ୍ରାଣାୟାମ ମାଧ୍ୟମରେ କିଭଳି ଭଲ କରାଯାଇପାରିବ, ତାର ଶିକ୍ଷା ପ୍ରଦାନ କରୁଛନ୍ତି ଓ ଆୟୁର୍ବେଦ ହରିଦ୍ୱାରରେ ଏକ ଆଶ୍ରମ କରି ଆସନ, ପ୍ରଣାୟାମ ଓ ଆୟୁର୍ବେଦ ମାଧ୍ୟମରେ ଚିକିତ୍ସା କରି ସେ ଅନେକ ରୋଗୀଙ୍କୁ ସୁସ୍ଥ କରି ସାରିଲେଣି।

ପୃଥିବୀର କେତେକ ଅଞ୍ଚଳରେ ଲୋକମାନେ ଯୋଗକୁ ଗ୍ରହଣ କରୁନାହାନ୍ତି। ତାର ମୁଖ୍ୟ କାରଣ ହେଲା ଏହା ହିନ୍ଦୁ ଧର୍ମ ସହିତ ଜଡିତ। ଯଦିଓ ହିନ୍ଦୁ ଋଷିମାନେ ଏହାକୁ ସୃଷ୍ଟି କରିଥିଲେ, ଏହି ଯୋଗାସନ ଅଭ୍ୟାସ ସହିତ ଧର୍ମର ସିଧାସଳଖ ସମ୍ପର୍କ ନାହିଁ। ଏହା କେବଳ ଶରୀର, ମନକୁ ସୁସ୍ଥ ରଖିବା ପାଇଁ ଏକ ପଦ୍ଧତି।

ପ୍ରାକ୍ତନ ସଭାପତି
ଉତ୍କଳ ସାହିତ୍ୟ ସମାଜ, କଟକ
୮୮୩୭୫୮୩୭୬୬





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗରିବ କଲ୍ୟାଣ ପାଇଁ ...

ଯୋଡିବା, ଦେଶର ମହିଳାଙ୍କ ରାଜନୈତିକ ସଶକ୍ତିକରଣ ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ, ତ୍ରିପଲ ତଲାକ ଉଚ୍ଛେଦ, ଦେଶରେ ଏକକ ଜିଏସଟିର ପ୍ରଚଳନ, କୋଭିଡ ବିରୁଦ୍ଧରେ ଲୋକଙ୍କୁ ସୁରକ୍ଷିତ ରଖିବା ମହତ୍ୱପୂର୍ଣ୍ଣ ପଦକ୍ଷେପର ଉପଲବ୍ଧି ବେଶ୍ ଉଲ୍ଲେଖନୀୟ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ବ୍ୟକ୍ତିଗତ ସ୍ତରରେ ସଫଳତା ଏଥିରୁ ଅନୁମାନ କରିହେବ ଯେ ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁସାରେ ୧୩ ବର୍ଷ ମଧ୍ୟରେ ଦେଶରେ ଅତ୍ୟଧିକ ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କ ସଂଖ୍ୟା ୨୭.୧ ପ୍ରତିଶତ ରୁ ୫.୩ ପ୍ରତିଶତକୁ ହ୍ରାସ ପାଇଛି ଅର୍ଥାତ ଏହି ସମୟ ଭିତରେ ପ୍ରାୟ ୨୭ କୋଟି ଲୋକ ଅତ୍ୟନ୍ତ ଦାରିଦ୍ର୍ୟ ତାଡନାରୁ ମୁକ୍ତ ହୋଇଛନ୍ତି। ଏହି ଗୋଟିଏ ମାପଦଣ୍ଡରୁ ମୋଦୀ ସରକାରଙ୍କ ସାଧାରଣ ଜନତାଙ୍କ ବିକାଶ ବିଷୟରେ ତଥ୍ୟ ଜଣାପଡିବ। ଆଜି ସାଧାରଣ ଜନତାଙ୍କ ଜୀବନ ଶୈଳୀରେ ବହୁତ ଉନ୍ନତି ପରିଲକ୍ଷିତ ହୋଇଛି। ବିଭିନ୍ନ ଯୋଜନା ଯେପରିକି ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା, ନୂତନ ଶିକ୍ଷା ନୀତି, ଜନଧନ ଯୋଜନା, ବେଟି ବଚାଓ ବେଟି ପଢାଓ ଇତ୍ୟାଦି ଦେଶର ସାଧାରଣ ଜନତାଙ୍କ ସାମାଜିକ ଓ ରାଜନୈତିକ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିଛି। ତୃତୀୟ ପାଳିର ପ୍ରଥମ ବର୍ଷର ଶେଷ ଆଡକୁ, ଦେଶର ଇତିହାସରେ ଏକ 'ନୂଆ ଅଧ୍ୟାୟ' ଯୋଡା ହେଲା। ଦେଶରେ ଆତଙ୍କବାଦର କଡା ଜବାବ ଦେବା ପାଇଁ ଗତ ପଚାଶ ବର୍ଷରେ ଇତିହାସ ସୃଷ୍ଟି କରି ପଡୋଶୀ ଦେଶ ଭିତରେ ପଶି ଆତଙ୍କବାଦକୁ ସଫା କରିବା ପାଇଁ 'ଅପରେସନ ସିନ୍ଦୂର' ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିର୍ଣ୍ଣୟ ନେଇଥିଲେ। ଆଜି ସାରା ବିଶ୍ୱରେ ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢେଇ ପାଇଁ ସବୁଠାରୁ ଆଗରେ। 'ଅପରେସନ ସିନ୍ଦୂର' କେବଳ ଏକ ନାଁ ନୁହେଁ, ଏହା ଦେଶର ସୁରକ୍ଷା ତଥା ଭାରତର କୋଟି କୋଟି ମାତା ଏବଂ ଭଉଣୀଙ୍କ ପାଇଁ ସମ୍ମାନର ଗ୍ୟାରେଣ୍ଟି। ତେଣୁ, ଆଜି ସାରା ଦେଶରେ ଗୁଞ୍ଜରିତ ହେଉଛି 'ମୋଦୀ ହୈ, ତୋ ମୁମକିନ ହୈ'। ଏଥିପାଇଁ ମୁଖ୍ୟମନ୍ତ୍ରୀ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତଥା ତାଙ୍କ ସରକାରକୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ପ୍ରଥମ ଥର ପାଇଁ ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପୂରଣ ହେବାକୁ ଯାଉଥିବା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହା ମଧ୍ୟରେ ଆମ ସରକାର ଗଠନ ହେବାର ଏକ ବର୍ଷ ପୂରଣ ହେବାକୁ ଯାଉଛି। ଆଉ ମାତ୍ର ୨ ଦିନ ପରେ ସମ୍ପୂର୍ଣ୍ଣ ଏକ ବର୍ଷ ପୂରଣ ହେବ। ସର୍ବ ପ୍ରଥମେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ, ବିଶେଷଭାବେ ଓଡିଶାର ଗଣ ମାଧ୍ୟମକୁ ଧନ୍ୟବାଦ ଅର୍ପଣ କରିବା ସହ ଗତ ଏକ ବର୍ଷ ମଧ୍ୟରେ ଆପଣମାନେ ସରକାରଙ୍କ କାର୍ଯ୍ୟକ୍ରମର ରୂପରେଖ, ସଫଳତା ଏବଂ ବିଭିନ୍ନ ସମସ୍ୟା ଇତ୍ୟାଦି ଲୋକଙ୍କୁ ଜଣାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି ବୋଲି କହିଥିଲେ। ସେ କହିଥିଲେ ଗଠନମୂଳକ ସମାଲୋଚନା ମାଧ୍ୟମରେ ବି ହେଉ, ସକାରାତ୍ମକ ମତାମତ ଦ୍ୱାରା ଆମ ସରକାରଙ୍କୁ ଚଳ ଚଞ୍ଚଳ କରି ରଖିବାରେ ଆପଣମାନଙ୍କର ଭୂମିକା ଉଲ୍ଲେଖଯୋଗ୍ୟ। ଏହି ସ୍ୱଳ୍ପ ସମୟ ଭିତରେ ଆମେ ରାଜ୍ୟର ସାଢେ ଚାରିକୋଟି ଜନତାଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ଓ ସଫଳ ହୋଇଛୁ। ଏହାର ସବୁଠାରୁ ବଡ ପ୍ରମାଣ ହେଉଛି ମାତ୍ର କିଛି ଦିନ ଭିତରେ ସାଧାରଣ ଜନତା ନୂତନ ସରକାରକୁ 'ଲୋକଙ୍କ ସରକାର' ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଭାବେ ଅଭିହିତ କରିଛନ୍ତି। ଏକ ବର୍ଷର ଏହି ସଫଳ ଯାତ୍ରାରେ ସବୁ ସ୍ତରରୁ ଆମକୁ ସହଯୋଗ ମିଳିଛି। ଶୁଭକାମନା ମିଳିଛି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମର ସବୁ ପ୍ରମୁଖ ପ୍ରତିଶ୍ରୁତିକୁ ଆମେ ପୂରଣ କରି ପାରିଛୁ। ଆମର ପ୍ରତ୍ୟେକ କାର୍ଯ୍ୟକ୍ରମ ପଛରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ରହିଛି। ଆମର ସବୁ ଉଦ୍ୟମରେ ସେ ଆମ ପାଖକୁ ଆସିଛନ୍ତି ଏବଂ ତାଙ୍କ ପ୍ରେରଣାରେ ଆମର ସବୁ କାର୍ଯ୍ୟକ୍ରମ ସଫଳତାର ଶୀର୍ଷରେ ପହଞ୍ଚିଛି। ଆଗାମୀ ୨୦ ତାରିଖରେ ମଧ୍ୟ ପ୍ରଧାନମନ୍ତ୍ରୀ ଷଷ୍ଠ ଥର ପାଇଁ ଓଡିଶା ଆସିବେ ଏବଂ ଓଡିଶାବାସୀଙ୍କ ସେବା କରିବା ପାଇଁ ଆମକୁ ପ୍ରେରଣା ଦେବେ। ତାଙ୍କର ଏହି ଅକୁଣ୍ଠ ସମର୍ଥନ ଏବଂ ନିରନ୍ତର ସହଯୋଗ ଓ ମାର୍ଗଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ୨୦୨୪ ଜୁନ ୧୨ ତାରିଖ ସନ୍ଧ୍ୟାରେ ପ୍ରଥମ କ୍ୟାବିନେଟରେ ନିଆ ଯାଇଥିବା ଚାରିଗୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଯେପରିକି ସୁଭଦ୍ରା ଯୋଜନା, ଧାନକିଣା ବାବଦକୁ ଅଧିକ ୮୦୦ ଟଙ୍କା ଇନପୁଟ୍ ସବ୍‌ସିଡି ପ୍ରଦାନ, ଶ୍ରୀ ମନ୍ଦିରର ଚାରି ଦ୍ୱାର ଖୋଲିବା ଏବଂ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିବାରୁ ପଦକ୍ଷେପ ନିଆଯାଇଥିଲା। ଏହି ଉଦ୍ୟମ ଗତ ୧୨ ମାସରେ ନିରନ୍ତର ଭାବେ ଜାରି ରହିଛି ଏବଂ ଆମେ ପ୍ରାୟ ସବୁ ମୁଖ୍ୟ ପ୍ରତିଶ୍ରୁତି ପୂରଣ କରିବାରେ ସମର୍ଥ ହୋଇଛୁ। ମହିଳା ସଶକ୍ତିକରଣ ଦିଗରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିକରି ଭାରତ ବର୍ଷରେ ପ୍ରଥମ ହେବା ଗୌରବର ବିଷୟ। ସେହିପରି କୃଷି କ୍ଷେତ୍ରରେ ସମୃଦ୍ଧ କୃଷି ଯୋଜନା ପାଇଁ ରେକର୍ଡ ପରିମାଣର ୩୭ ହଜାର ୮୩୮ କୋଟି ଟଙ୍କାର ପ୍ରାବଧାନ, ଶିକ୍ଷା କ୍ଷେତ୍ରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ତଥା ନୂତନ ଶିକ୍ଷା ନୀତିକୁ ଲାଗୁ କରିବା ଏବଂ ଏଥିରେ ଶିଶୁ ବାଟିକାକୁ ଲାଗୁ କରିବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରିବା, ଭିତ୍ତିଭୂମି ପାଇଁ ରେକର୍ଡ ୬୫,୧୦୨ କୋଟି ଟଙ୍କାର ପ୍ରାବଧାନ, ଜନଜାତି ଏବଂ ଅନୁସୂଚିତ ଜାତି କଲ୍ୟାଣ ପାଇଁ ୬୮ ହଜାର ୮୮୧ କୋଟି ଟଙ୍କା ପ୍ରାବଧାନ ଆମ ସରକାରଙ୍କ ନୀତି ଓ ନିୟତକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତିକୁ ସରକାର ଆପଣେଇଛନ୍ତି। ସବୁଠାରୁ ଉଲ୍ଲେଖନୀୟ ହେଉଛି, ଲୋକଙ୍କୁ ସୁଶାସନ ଦେବା ଏବଂ ଦୁର୍ନୀତି ବିରୁଦ୍ଧରେ ଲଢେଇ କରିବା। ଆଜି ପିଅନ ଠାରୁ ଆରମ୍ଭ କରି ଆଇଏଏସ ପର୍ଯ୍ୟନ୍ତ କୌଣସି ଦୁର୍ନୀତିଗ୍ରସ୍ତ ଅଫିସର ସୁରକ୍ଷିତ ନୁହନ୍ତି। ଯଦି ଦୁର୍ନୀତି କରିବ, ଜେଲ ଯିବାକୁ ପଡିବ, ଦ୍ୱିତୀୟ ବିକଳ୍ପ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସାଧାରଣ ଜନତା ଏବଂ ଲୋକଙ୍କ ମଧ୍ୟରେ ଥିବା କୃତ୍ରିମ ପ୍ରାଚୀରକୁ ଆମ ସରକାର ଭାଙ୍ଗି ଧୂଳିସାତ କରି ଦେଇଛନ୍ତି। ଆଜି ଯେ କୌଣସି ଲୋକ ସେମାନଙ୍କ ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀମାନଙ୍କୁ ଅବାଧରେ ଭେଟି ପାରୁଛନ୍ତି। ଗତ ଏକ ବର୍ଷ ମଧ୍ୟରେ ସେ ଓଡିଶାର ପ୍ରତି ଜିଲ୍ଲାକୁ ଗସ୍ତ କରି ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରତ୍ୟେକ୍ଷ ଭାବେ ଭେଟି ସେମାନଙ୍କ ସମସ୍ୟା ଶୁଣିଛନ୍ତି, ସୁଖଦୁଃଖରେ ସାମିଲ ହୋଇଛନ୍ତି। ଆଜି 'ତୃତୀୟ ମହଲା' (ସିଏମ୍‌ଓ) ଲୋକଙ୍କ ଦୁଆର ମୁହଁକୁ ଯାଉଛି, ଏହା ହେଉଛି ଆମ ସୁଶାସନର ଏକ ନୂତନ ଦିଗ। ଆମେ ପ୍ରଥମ କ୍ୟାବିନେଟରେ ପ୍ରମାଣିତ କରିଛୁ ଯେ ଜନସେବା ପାଇଁ ୨୪ ବର୍ଷ ଶାସନର ଆବଶ୍ୟକ ନାହିଁ, ୨୪ ମିନିଟରେ ବି ଅନେକ କିଛି କରିହେବ। ଦୃଢ ଇଚ୍ଛା ଶକ୍ତି ଥିବା ଦରକାର। ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ର, "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ'କୁ ପାଥେୟ କରି ଚାରିଗୋଟି ଜାତି ଯେପରିକି, 'ଗରିବ, ଅନ୍ନଦାତା, ଯୁବା ଏବଂ ମହିଳା' ପାଇଁ ଆମେ ନିରନ୍ତର କାର୍ଯ୍ୟ କରିବୁ। ୨୦୨୬ ସୁଦ୍ଧା ଆମେ ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ଉଦ୍ୟମ ଆରମ୍ଭ କରିଛୁ। ଏଥି ସହିତ ୫ ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଗାଇଦେବୁ। ଏକ ବର୍ଷ ମଧ୍ୟରେ ସରକାରୀ ସ୍ତରରେ ପ୍ରାୟ ୨୮ ହଜାର ନିଯୁକ୍ତି ଦେଇଛୁ। ଚଳିତ ବର୍ଷ ଆହୁରି ୪୦ ହଜାର ନିଯୁକ୍ତି ଦେବାପାଇଁ ପ୍ରକ୍ରିୟା ଆରମ୍ଭ କରିଛୁ। ଭିତ୍ତିଭୂମି କ୍ଷେତ୍ରରେ ରେଳ, ଜାତୀୟ ରାଜପଥ ଏବଂ ବିମାନ ସେବା ସବୁଥିରେ ଉନ୍ନତି ଆସିଛି ଏବଂ ଏଥିପାଇଁ କେନ୍ଦ୍ର ସରକାର ସହଯୋଗର ହାତ ବଢାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ୨୦୩୬ ସୁଦ୍ଧା ନିଶ୍ଚିତ ଭାବେ ଓଡିଶା ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ଅଗ୍ରଣୀ ରାଜ୍ୟରେ ସ୍ଥାନ ପାଇବ ଏବଂ ଆମେ ଓଡିଶାକୁ ଏକ ୫୦୦ ନିୟତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବୁ। ୨୦୩୬ ସୁଦ୍ଧା ଓଡିଶା ହେବ ସମୃଦ୍ଧ ଓଡିଶା ଏବଂ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତ ଗଢିବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ଓଡିଶା ଯେପରି ସବୁ ରାଜ୍ୟ ମାନଙ୍କ ପାଇଁ ଆଦର୍ଶ ହେବ ସେଥିପାଇଁ ଆମେ ପରିଶ୍ରମ କରିଚାଲିଛୁ। ସେ ପରିଶ୍ରମର ସୁଫଳ ମିଳିବା ଆରମ୍ଭ କରିଛି। ଓଡିଶା ଧିରେ ଧିରେ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରି ଚାଲିଛି। ଗୋଟିଏ ବର୍ଷରେ ଆମ ସରକାର ଅନେକ ସଫଳତା ପାଇଛନ୍ତି। ସେଥିପାଇଁ ଆମେ କହୁଛୁ 'ବର୍ଷ ଏକ, ସଫଳତା ଅନେକ'। ଆଗକୁ ଓଡ଼ିଶାବାସୀଙ୍କୁ ନିରନ୍ତର ସମର୍ପିତ ସେବା ଯୋଗାଇବାରେ ଆମ ସରକାର ଉଦ୍ୟମ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ବିଷଦ ସୂଚନା ଦେବା ପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କୁ ପେନ୍‌ସନ୍ ପ୍ରଦାନ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ବର୍ତ୍ତମାନ ଏହି ପ୍ରସ୍ତାବ ରାଜ୍ୟ ସରକାରଙ୍କ ସକ୍ରିୟ ବିଚାରାଧୀନ ରହିଛି। ଖୁବ୍‌ଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଦୀଘାରେ ଜଗନ୍ନାଥ ଧାମ ପ୍ରତିଷ୍ଠା ନେଇ ଲେଖିଥିବା ଚିଠିର ଉତ୍ତର ଏପର୍ଯ୍ୟନ୍ତ ମିଳିନାହିଁ। କିନ୍ତୁ ତାଙ୍କର ଯେଉଁ ଆଭିମୁଖ୍ୟ ରହିଛି ତାହା ଅହଙ୍କାରପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିବା ସହିତ ଆହୁରି ମଧ୍ୟ କହିଥିଲେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଆଧାତ୍ମିକତା ଆଧାରରେ କେବଳ ଶ୍ରୀକ୍ଷେତ୍ର ପୁରୀ ଧାମ ହିଁ ଦେଶର ଚାରିଧାମ ମଧ୍ୟରେ ରହିଛି ଏବଂ ଏହା ଉପରେ ସାରା ଦେଶର କୋଟି କୋଟି ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁଙ୍କର ଗଭୀର ଆସ୍ଥା ଓ ବିଶ୍ୱାସ ରହିଛି। ଏହାକୁ କେହି ଉପେକ୍ଷା କରିପାରିବେ ନାହିଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଅହଂକାରପୂର୍ଣ୍ଣ ଆଭିମୁଖ୍ୟର ଜବାବ ଆଗାମୀ ଦିନରେ ଲୋକେ ଜଣାଇବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଅନୁରୂପ ଭାବେ ଓବିସି କୋଟା ଇଞ୍ଜିନିୟରିଂ ଓ ଡାକ୍ତରୀ ଶିକ୍ଷାରେ ଲାଗୁ କରିବା ସମ୍ପର୍କରେ ଚଳିତ ବର୍ଷ ସରକାର ନିଷ୍ପତ୍ତି ନେବେ ବୋଲି ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ। ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଏବଂ ସଫଳତାର ମୂଲ୍ୟାୟନ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ଓଡ଼ିଶାବାସୀ ବିଶେଷକରି ଗଣମାଧ୍ୟମ ଏହାର ଯଥାର୍ଥ ମୂଲ୍ୟାୟନ କରିପାରିବେ। ଆମେ ବର୍ଷ ଭିତରେ କଣ କରିଛୁ ଓ କେତେ ସଫଳତା ପାଇଛୁ ସେ କଥା ଓଡ଼ିଶାବାସୀ ବିଚାର କରିବେ। ହେଲେ ଆମେ କ୍ଷମତାକୁ ଆସିବା ପୂର୍ବରୁ ରାଜ୍ୟବାସୀଙ୍କୁ ଯେଉଁ ୨୧ଟି ବଡ ପ୍ରତିଶ୍ରୁତି ଦେଇଥିଲୁ ସେଥିରୁ ୧୧ଟିକୁ ସଫଳତାର ସହ ପୂରଣ କରିପାରିଛୁ ଏବଂ ଅବଶିଷ୍ଟ ଆଗାମୀ ଦିନରେ କରିବା ଦିଗରେ ପଦକ୍ଷେପ ନିଆଯିବ। ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

## ପ୍ରକାଶ ପାଇଲା...

ପରୀକ୍ଷା ମାଧ୍ୟମରେ ପ୍ରବେଶିକା ପରୀକ୍ଷା କରାଯାଇଥିଲା। ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ସହିତ ରାଜ୍ୟ ବାହାରେ ୩ଟି ସହରରେ ମୋଟ ୭୦ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଚଳିତ ବର୍ଷ ଏହି ପ୍ରବେଶିକା ପରୀକ୍ଷା ପାଇଁ ୯୨ ହଜାର ୪୮୮ ଜଣ ପରୀକ୍ଷାର୍ଥୀ ପଞ୍ଜିକରଣ କରିଥିବା ବେଳେ ୮୦ ହଜାର ୩୨୪ ଜଣ ପରୀକ୍ଷା ଦେଇଥିଲେ। ମଙ୍ଗଳବାର ନର୍ସିଂ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ପାଠ୍ୟକ୍ରମରେ ୫୫ ହଜାର ୩୬୨ ଜଣ ପରୀକ୍ଷାର୍ଥୀଙ୍କୁ ନିଜ ନିଜର ପ୍ରଦର୍ଶନ ଅନୁଯାୟୀ ର୍‍ୟାଙ୍କ ଦିଆଯାଇଛି। ନର୍ସିଂ ପାଠ୍ୟକ୍ରମର ଫଳାଫଳ ଡ଼ିଏମଇଟି ତରଫରୁ ପ୍ରକାଶ କରାଯିବ। ପରୀକ୍ଷା ଫଳ ଅନୁଯାୟୀ, ଅନୁରାଗ ମିଶ୍ର ଏମ୍‌ବିଏ ଟପ୍ପର ହୋଇଥିବା ବେଳେ ଯତୀନ ମେହେର ବି.ଫାର୍ମା, ଏସ୍. ସିସେନ୍ଦ୍ରି ଏମସିଏ, ହିତେଶ କୁମାର ଧଳ ଏମ୍.ଫାର୍ମା, ଅସ୍ମିତା ସୁବୁଦ୍ଧି ଏମ୍.ଆର୍କ ଓ ଉର୍ମିକାନ୍ତ ମଣିନନ୍ଦନ ସାହୁ ଏମ୍. ପ୍ଲାନ ପାଠ୍ୟକ୍ରମରେ ଟପ୍ପର ହୋଇଛନ୍ତି।

## କମିଶନରେଟ ପୋଲିସ...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂଆ ଭବନ ଲୋକମାନଙ୍କୁ ଉତ୍କୃଷ୍ଟ ସେବା ଦେବାରେ ସାହାଯ୍ୟ କରିବ । ଏଥିରେ ଭିନ୍ନକ୍ଷମ ଲୋକଙ୍କ ପାଇଁ ରାମ୍ପ, ସାଇବର ସେଲ, ସିସିଟିଏନ୍‌ଏସ୍ ରୁମ୍, ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍, ଲିଗାଲ ସେଲ, ପାସପୋର୍ଟ ବିଭାଗ ଆଦି ସୁବିଧା ଉପଲବ୍ଧ କରାଯାଇଛି । ଏଥିସହିତ କନଫରେନ୍ସ ହଲ୍ ଏବଂ ଟ୍ରେନିଂ ହଲର ସୁବିଧା ମଧ୍ୟ ରହିଛି । ଏହି ନୂଆ ଭବନଟି ପୋଲିସ ପ୍ରଶାସନକୁ ଦକ୍ଷତାର ସହ ଲୋକଙ୍କୁ ଠିକ ସମୟରେ ସେବା ଯୋଗାଇ ଦେବାପାଇଁ ଉପଯୋଗୀ ହେବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଗତ ମାର୍ଚ୍ଚ ମାସରେ ୪୨ କୋଟି ଟଙ୍କା ବ୍ୟୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ନିର୍ମିତ ୧୪ଟି ନୂତନ ଥାନା ଉଦ୍‌ଘାଟିତ ହୋଇଥିଲା। ସେ କହିଥିଲେ ଆମ ପୋଲିସ ନିରପେକ୍ଷ ଭାବେ ବିନା ପକ୍ଷପାତିତା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଗତ ଏକ ବର୍ଷରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସନ୍ତୋଷ ଜନକ ରହିଛି ଏବଂ ଏଥିନେଇ କେନ୍ଦ୍ର ସରକାର ମଧ୍ୟ ସନ୍ତୋଷ ବ୍ୟକ୍ତ କରିଛନ୍ତି । ରାଜ୍ୟରେ ପ୍ରତ୍ୟେକ ଥାନାରେ କାର୍ଯ୍ୟରତ ତଦନ୍ତକାରୀ ଅଫିସରମାନଙ୍କୁ ଅଧିକ କ୍ରିୟାଶୀଳ କରିବା ପାଇଁ ଅଧିକ ଦୁଇ ଚକିଆ ଯାନର ବ୍ୟବସ୍ଥା କରାଯାଇଛି । ଏହି କ୍ରମରେ ମୁଖ୍ୟମନ୍ତ୍ରୀ କମିଶନରେଟ ପୋଲିସ ଅନ୍ତର୍ଗତ ବିଭିନ୍ନ ଥାନାର ତଦନ୍ତକାରୀ ଅଫିସରମାନଙ୍କୁ ୪୨୫ଟି ଦୁଇ ଚକିଆ ଯାନ ପ୍ରଦାନ କରିଥିଲେ । ସେ କହିଥିଲେ ଯେ, ଥାନାମାନଙ୍କୁ ଅଧିକ ଚାରି ଚକିଆ ଯାନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ଅପରାଧିକ ଆଇନ ଗୁଡ଼ିକର ତଦନ୍ତ ପ୍ରକ୍ରିୟାରେ ଟେକ୍ନୋଲୋଜିର ପ୍ରୟୋଗ ପାଇଁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ଭୁବନେଶ୍ୱର ଜଗମୋହନ ମୀନା ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଣସେବାୟତ...

ରଥ ଉପରକୁ ମୋବାଇଲ ନେବାକୁ ବାରଣ କରାଯାଇଛି । ଏଣିକି କେବଳ ମୋବାଇଲ ସିଜ ନୁହେଁ, ଫୌଜଦାରୀ ମାମଲା ରୁଜୁ ହେବ। ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ଗତବର୍ଷ ଜୁଲାଇ ମାସରେ ଡ. ପାଢୀ ଦାୟିତ୍ୱ ନେଇଥିଲେ। ସେ ଦାୟିତ୍ୱ ନେବା ପରେ ରଥଯାତ୍ରା-୨୦୨୪ରେ ହୋଇଥିବା ବିଶୃଙ୍ଖଳା ଓ ବାହୁଡା ଯାତ୍ରା-୨୦୨୪କୁ ନେଇ ଆକ୍ସନମୋଡକୁ ଆସିଥିଲେ। ଦାୟିତ୍ୱ ନେବା ପରେ ସେ କହିଥିଲେ, ଯଦି କୌଣସି ସେବାୟତ ରଥ ଉପରକୁ ମୋବାଇଲ ନେଇ ଯାଆନ୍ତି, ତେବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥ ଉପରେ ରହି କୌଣସି ସେବାୟତ ଫଟୋ କିମ୍ବା ଭିଡିଓ କରିପାରିବେ ନାହିଁ।

## ଦେଶରେ କରୋନା...

ତଥ୍ୟାନୁସାରେ, ଜୁନ୍ ୧୦ ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଦେଶରେ କରୋନାର ସକ୍ରିୟ ମାମଲାର ସଂଖ୍ୟା ବଢି ୬୮୧୫ରେ ପହଞ୍ଚିଛି । ସେହିପରି, ଏହି ସଂକ୍ରମଣରୁ ୭୬୪୪ ଜଣ ରୋଗୀ ସୁସ୍ଥ ହୋଇଯାଇଛନ୍ତି। ଗତ ୨୪ ଘଣ୍ଟାରେ କରୋନା ସଂକ୍ରମଣରୁ ତିନି ମୃତ୍ୟୁ ଘଟିଛି, ଯାହା ସହିତ ମୃତକଙ୍କ ସଂଖ୍ୟା ବଢି ୬୮ ହୋଇଯାଇଛି।

## ରାଜ୍ୟରେ ଆକ୍ରାନ୍ତଙ୍କ...

ଚିହ୍ନଟ ହୋଇଥିବା ମୋଟ ୫୬ କରୋନା ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୩ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କଟକରୁ ୧୮ ଜଣ ପଜିଟିଭ ହୋଇଥିବା ବେଳେ ପୁରୀ ଜିଲ୍ଲାରୁ ୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର, ଜଗତସିଂହପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ୨ ଜଣ ଲେଖାଏଁ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର, ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ଲେଖାଏଁ କୋଭିଡରେ ଆକ୍ରାନ୍ତ ହୋଇଛନ୍ତି।

## ପାକିସ୍ତାନ ହେଉଛି ...

କରିଛୁ । ମୋଦୀ ସରକାରଙ୍କ ପ୍ରୟାସ ଯୋଗୁଁ ଜମ୍ମୁ-କଶ୍ମୀର ଚମକିବା ଆରମ୍ଭ କରିଥିଲା । ଏହାକୁ କିନ୍ତୁ ଆମର ପଡ଼ୋଶୀ ପସନ୍ଦ କରି ନଥିଲେ। ଏବେ କେବଳ ସରକାର ସ୍ତରରେ ନୁହେଁ ବରଂ ଜନସାଧାରଣ ସ୍ତରରେ ମଧ୍ୟ ସତର୍କ ରହିବାର ସମୟ ଆସିଛି। ମୋ ମତରେ ଆତଙ୍କବାଦ ଗଣତନ୍ତ୍ର ପାଇଁ ବିପଦ, ଆତଙ୍କବାଦ ଏକ ବିକୃତ ମାନସିକତା ଓ ଆତଙ୍କବାଦ ପ୍ରଗତି ପଥରେ ପ୍ରତିବନ୍ଧକ। ଆତଙ୍କବାଦକୁ ନିଜ ମୃତ୍ୟୁ ପାଇଁ ଛାଡି ଦିଆଯାଇପାରିବ ନାହିଁ । ଆତଙ୍କବାଦର ସ୍ଥାୟୀ ସମାଧାନ ନିଶ୍ଚୟ ଆବଶ୍ୟକ । ଆତଙ୍କବାଦର ଗର୍ଭରୁ କୌଣସି ବିପ୍ଲବ ନୁହେଁ ବରଂ କେବଳ ବିନାଶ ଜନ୍ମ ହୁଏ' ଭାରତ ଏବଂ ପାକିସ୍ତାନ ଗୋଟିଏ ସମୟରେ ସ୍ୱାଧୀନ ହୋଇଥିଲେ, କିନ୍ତୁ ଆଜି ଭାରତକୁ ଗଣତନ୍ତ୍ରର ଜନନୀ କୁହାଯାଉଥିବା ବେଳେ ପାକିସ୍ତାନକୁ ଆତଙ୍କବାଦର ଜନକ କୁହାଯାଉଛି । ସେ କହିଛନ୍ତି ଯେ ପାକିସ୍ତାନ ଯାହା ବି ପାଣ୍ଠି ପାଏ, ତାହାର ଏକ ଅଂଶ ଆତଙ୍କବାଦକୁ ଯାଏ। ପାକିସ୍ତାନ ହେଉଛି ଆତଙ୍କବାଦର ନର୍ସରୀ।

## ନିଷ୍ଠାର ସହିତ...

ବ୍ୟାଚର ଆଇପିଏସ ଶ୍ରୀ ସାହୁ ନିଜର ଯୋଜନା ସଂପର୍କରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି । ଶ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଆଦେଶାନୁସାରେ ତାଙ୍କୁ ଦାୟିତ୍ୱ ମିଳିଛି । ଏହାକୁ ନିଷ୍ଠାର ସହିତ ପାଳନ କରିବି। ମୁଁ ଗତ ୩୫ ବର୍ଷ ହେଲା ସରକାରୀ ସେବାରେ ରହିଛି ଏବଂ ସବୁବେଳେ ଆଦେଶର ପାଳନ କରିଛି । ବର୍ତ୍ତମାନ ନୂଆ ଦାୟିତ୍ୱ ମିଳିଥିବାରୁ, ମୁଁ ସଂପୂର୍ଣ୍ଣ ଭାବେ ଉଦ୍ୟମ କରିବି ଯେ, ଏହି ପଦ ଅନୁସାରେ କାମ କରାଯିବ ଯଥା ସମ୍ଭବ ଭଲ କରିବାକୁ ଉଦ୍ୟମ କରିବି ।

## ବଙ୍ଗୋପସାଗରରେ...

ହେବ। ଏହାପରେ ୧୪ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ, ଯାହା ମୌସୁମୀକୁ ଆହୁରି ସକ୍ରିୟ କରିବ। ତେବେ ଲଘୁଚାପ ସୃଷ୍ଟି ହେଲେ ମୌସୁମୀ କେଉଁ ଦିଗରେ ଗତି କରିବ ଓ କେଉଁ ଜିଲ୍ଲାରେ ଏହାର ପ୍ରଭାବ କିଭଳି ରହିବ ତାହା ସ୍ପଷ୍ଟ ହୋଇନାହିଁ । ଗତ କିଛିଦିନ ଧରି ରାଜ୍ୟରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଦିନରେ ଉଚ୍ଚ ତାପମାତ୍ରା ସାଙ୍ଗକୁ ଗୁଳୁଗୁଳି ଅଣାୟତ୍ତ ପରିସ୍ଥିତି ସୃଷ୍ଟି କରୁଛି । ହେଲେ ଅପରାହ୍ନରେ କିଛି ଜିଲ୍ଲାର କେତେକ ସ୍ଥାନରେ ବର୍ଷା ସାମୟିକ ଆଶ୍ୱସ୍ତି ପ୍ରଦାନ କରୁଛି । ତେବେ ମଙ୍ଗଳବାର ୧୪ ଜିଲ୍ଲାରେ ଘଡ଼ଘଡ଼ି ଓ ବିଜୁଳି ସାଙ୍ଗକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ୨୦୨୫ ସୁଦ୍ଧା...

ଯେତେବେଳେ ଏକ ସ୍ଥିର ଜନସଂଖ୍ୟା ପାଇଁ ଏହା ଅତି କମରେ ୨.୧ ହେବା ଉଚିତ। ଏହା ସ୍ପଷ୍ଟ ଯେ ଭାରତରେ ବର୍ତ୍ତମାନ ମହିଳାମାନେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଜନସଂଖ୍ୟା ସ୍ଥିର ରଖିବା ପାଇଁ ଆବଶ୍ୟକତାଠାରୁ କମ ସନ୍ତାନ ଜନ୍ମ ଦେଉଛନ୍ତି। ଏପରି ସ୍ଥିତି ଜାରି ରହିଲେ ଆଗକୁ ଦେଶ ପାଇଁ ଏକ ଚିନ୍ତାଜନକ ସମୟ ଆସୁଛି ବୋଲି କୁହାଯାଇପାରେ। କାରଣ ଦେଶରେ ଯୁବଜନସଂଖ୍ୟା ତୁଳନାରେ ବୟସ୍କ ଜନସଂଖ୍ୟା ବଢିବ। ଏହା ଦ୍ୱାରା ସାମଗ୍ରୀକଭାବେ ଦେଶର ଉତ୍ପାଦକତା ହ୍ରାସ ପାଇବ। ରିପୋର୍ଟରେ କୁହାଯାଇଛି ଯେ ଏବେ ଦେଶର ୧୫ରୁ ୬୪ ବର୍ଷ ବୟସ୍କ ଜନସଂଖ୍ୟା ( କାମ କରୁଥିବା ଜନସଂଖ୍ୟା) ମୋଟ ଜନସଂଖ୍ୟାର ୬୮ ବର୍ଷ ରହିଛି । କିନ୍ତୁ ଆଗାମୀ ୨-୩ ଦଶକରେ ଅର୍ଥାତ ୨୦୫୦ ସୁଦ୍ଧା ଦେଶରେ ପ୍ରୌଢ଼ ଜନସଂଖ୍ୟା ଅଧିକ ହେବ। ଏହା ଦେଶରେ ଆର୍ଥିକ ଉତ୍ପାଦନକତା ଉପରେ ପଡ଼ିବ।

# ଉଚ୍ଚଶିକ୍ଷା ବିଭାଗ ସହ ଇଗ୍ନୋର ବୁଝାମଣା ପତ୍ର ସ୍ୱାକ୍ଷର

# ଇଗ୍ନୋରେ ହେବ ଓଡ଼ିଆରେ ପାଠପଢ଼ା




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଇନ୍ଦିରା ଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ରେ ପଢ଼ାଯାଉଥିବା ପାଠ୍ୟପୁସ୍ତକର ଓଡ଼ିଆ ଅନୁବାଦ ହେବ । ୫୦ରୁ ଅଧିକ ଡିପ୍ଲୋମା ଓ ସାର୍ଟିଫିକେଟ୍ ପାଠ୍ୟକ୍ରମର ପୁସ୍ତକ, ୪୦୦ରୁ ଅଧିକ ସ୍ନାତକସ୍ତରର ବହି ଓ ୨୦୦ରୁ ଅଧିକ ସ୍ନାତକୋତ୍ତର ପୁସ୍ତକକୁ ଓଡ଼ିଆରେ ଅନୁବାଦ କରାଯିବ । ଏହିପରି ୬୫୦ରୁ ଅଧିକ ପୁସ୍ତକର ଅନୁବାଦ ହେବ । ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ୨ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବ । ୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟ କରାଯିବ । ଏନେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଇଗ୍ନୋ ମଧ୍ୟରେ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି । ଲୋକସେବା ଭବନରେ ଆୟୋଜିତ ଏହି ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ପାଠ୍ୟପୁସ୍ତକ, ପାଠପଢ଼ା ଓଡ଼ିଆରେ ହେଲେ ହିଁ ଜିଇଆର ବୃଦ୍ଧି ହୋଇପାରିବ । ଏହି ଏମ୍‌ଓୟୁ ଓଡ଼ିଶାର ଉଚ୍ଚଶିକ୍ଷାକୁ ଅଧିକ ସମ୍ବେଦନଶୀଳ ଓ ସୁଦୃଢ଼ କରିବ । କେହି ଯେମିତି ଶିକ୍ଷାଲାଭରୁ ବଞ୍ଚିତ ନହେବେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଜାତୀୟ ଶିକ୍ଷା ନୀତି ୨୦୨୦ର ବୈଜ୍ଞାନିକ ବିଶ୍ଳେଷଣକୁ ଆଖି ଆଗରେ ରଖି ମାତୃଭାଷାରେ ଶିକ୍ଷାଦାନକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ୨୦୦୭ ମସିହାରେ ଇଗ୍ନୋ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା । ମାତ୍ର ତାହା ଫଳପ୍ରଦ ହୋଇପାରି ନଥିଲା । କେବଳ ଯେ ଅନୁବାଦ ହେବ ତାହା ନୁହେଁ, ଏହାକୁ ଡିଜିଟାଲ ପୁସ୍ତକ କରାଯିବ । ଇ-ପୁସ୍ତକକୁ ଗୁରୁତ୍ୱ ଦିଆଯିବ । ଇଗ୍ନୋର କଣ୍ଟେଣ୍ଟକୁ ଓଡ଼ିଆରେ ଅନୁବାଦ କରାଯିବ । କେବଳ ଏତିକି ନୁହେଁ, ଜାତୀୟସ୍ତରର ଜିଇଆର ହାର ଅଧିକ ଥିବା ବେଳେ ରାଜ୍ୟର ହାର କମ୍ ରହିଛି । ଓଡ଼ିଶାର ଜିଇଆର ୨୨.୧ ରହିଛି । ଅର୍ଥାତ୍ ୧୦୦ ଜଣ ପିଲା ଯଦି ମାଧ୍ୟମିକ ଶିକ୍ଷାଲାଭ କରନ୍ତି, ସେମାନଙ୍କ ମଧ୍ୟରୁ ୨୨ ଜଣ ଉଚ୍ଚଶିକ୍ଷା ପାଇଁ ଆସୁଛନ୍ତି। ବାକି ପିଲା ଡ୍ରପ୍‌ଆଉଟ୍ ହେଉଛନ୍ତି । ୨୦୩୬ ମସିହା ବେଳକୁ ଏହି ଜିଇଆରକୁ ବୃଦ୍ଧି କରି ୫୦ ପ୍ରତିଶତରେ ପହଞ୍ଚାଯିବ । ଏହି ଏମ୍‌ଓୟୁ ଜିଇଆର ବଢ଼ାଇବ, ଡ୍ରପ୍‌ଆଉଟ କମାଇବାରେ ବଡ଼ ଭୂମିକା ଗ୍ରହଣ କରିବ ।

ଅନୁବାଦ ମେସିନାରୀ ହେବା ପରେ ଏହାକୁ ଉଚ୍ଚଶିକ୍ଷା ବିଭାଗ ଭାଷା ଏକ୍ସପର୍ଟଙ୍କ ଦ୍ୱାରା ସମୀକ୍ଷା କରାଯିବ । ପରେ ପୁସ୍ତକ ପ୍ରକାଶ ପାଇବ। ଇଗ୍ନୋ ଅନୁବାଦ ପାଇଁ କୋର୍ସ ମ୍ୟାଟେରିଆଲ ଯୋଗାଇବ । ଟେକ୍ନିକାଲ ଓ ଏକାଡେମିକ୍ ଗାଇଡ୍ କରିବ । ଏହାକୁ ସମୀକ୍ଷା କରିବା ସହ ଗୁଣାତ୍ମକ ଅନୁବାଦ ଉପକରଣ ଯୋଗାଇ ଦେବ। ଏଥିପାଇଁ ଏକ ଯୁଗ୍ମ ସଂଯୋଜନା କମିଟି (ଜେସିସି) ଗଠନ ହେବ । ଏହି କମିଟିରେ ଇଗ୍ନୋର କୁଳପତି, ଉଚ୍ଚଶିକ୍ଷା ବିଭାଗ ସଚିବ, ଇଗ୍ନୋର ମନୋନୀତ ୨ଜଣ ନୋମିନି ଓ ଉଚ୍ଚଶିକ୍ଷା ବିଭାଗର ମନୋନୀତ ୨ଜଣ ନୋମିନି ରହିବେ ।

ଆଜିର କାର୍ଯ୍ୟକ୍ରମରେ ଇଗ୍ନୋର କୁଳପତି ପ୍ରଫେସର ଉମା କାଞ୍ଜିଲାଲ୍, କୁଳସଚିବ ଆଲୋକ ଚୌବେ, ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁର ଗସ୍ତରେ ଯୋଗାଣ ମନ୍ତ୍ରୀ : ବିଭିନ୍ନ ସମସ୍ୟା ନେଇ କୃଷକ ସଂଗଠନ ସହ ଆଲୋଚନା

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଦିନିକିଆ ସମ୍ବଲପୁର ଗସ୍ତରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସମ୍ବଲପୁର କୃଷକ ସଂଗଠନ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି ମନ୍ତ୍ରୀ । ମୁଖ୍ୟତଃ ସମ୍ବଲପୁରରେ ଚାଷୀଙ୍କ ସହ ଧାନକିଣା ଟାର୍ଗେଟ ଓ ଟୋକନ ସମସ୍ୟା ନେଇ ଆଲୋଚନା କରିଛନ୍ତି । ଯଦି ଟୋକନ ଅବଧି ସରିବା ସତ୍ତ୍ୱେ ଚାଷୀ ଧାନ ବିକ୍ରି କରି ନପାରିଲେ, ଜିଲ୍ଲାପାଳ ତାଙ୍କର ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରି ଆହୁରି ୧୫ ଦିନ ଏହାର ଅବଧି ବଢ଼ାଇ ପାରିବେ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଯୋଜନା କମିଟିର ବୈଠକରେ ଯୋଗଦେଇଥିଲେ । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।



ଏହାସହ ରାଜ୍ୟରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ସଫଳତାକୁ ନେଇ ଆଲୋଚନା ହୋଇଥିଲା । ଏଥିପାଇଁ ଆସନ୍ତା ୧୭ ତାରିଖରେ ସମ୍ବଲପୁର ଜିଲ୍ଲାରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ପାଇଁ ସଫଳତା ଯାତ୍ରାର ଆୟୋଜନ କରାଯିବ। ଏହି ଯାତ୍ରାରେ ଅନେକ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟର ମନ୍ତ୍ରୀ ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ରାସନ କାର୍ଡକୁ ନେଇ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ମନ୍ତ୍ରୀ । ଥାଲସେମିଆ ରୋଗୀ ସହିତ ଯେଉଁମାନେ ଯୋଗ୍ୟ ସମସ୍ତଙ୍କୁ ରାସନ କାର୍ଡ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ସେହିପରି ବୁଢ଼ି ଅଞ୍ଚଳରେ ଧାନକିଣା ପାଇଁ ଆଗକୁ ମଧ୍ୟ ଅନୁମତି ରହିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନ ପ୍ରକଳ୍ପର ସୋନପୁର-ପୁରୁଣାକଟକ ରେଳ ସେକ୍ସନ ଯାଞ୍ଚ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ଓଡିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ଲାଇନର ନିର୍ମାଣାଧୀନ ସୋନପୁର-ପୁରୁଣାକଟକ ରେଳ ସେକ୍ସନ ନିରୀକ୍ଷଣ କରିଛନ୍ତି । ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ନିର୍ମାଣ ଅଧିକାରୀ ଏବଂ ସମ୍ବଲପୁର ରେଳ ମଣ୍ଡଳର ଅଧିକାରୀମାନେ ଏହି ନିରୀକ୍ଷଣ ସମୟରେ ମହାପ୍ରବନ୍ଧକଙ୍କୁ ସହଯୋଗ କରିଥିଲେ। ଶ୍ରୀ ଫୁଙ୍କୱାଲଙ୍କ ଏହି ଗସ୍ତ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ଏବଂ ଲକ୍ଷ୍ୟ ଧାର୍ଯ୍ୟ ସମୟସୀମା ପାଳନ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇଥିଲା। ଶ୍ରୀ ଫୁଙ୍କୱାଲ ସମୟାନୁସାରେ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଅଧିକାରୀମାନଙ୍କୁ ବିଚାରାଧୀନ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା, ଗୁଣବତ୍ତା ଏବଂ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ପାଇଁ ଉପଦେଶ କରିଥିଲେ। ସେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପାଦାନଗୁଡ଼ିକର ସମୀକ୍ଷା ମଧ୍ୟ କରିଥିଲେ ଏବଂ ସମୟସୀମାରେ ସମାପ୍ତି ପାଇଁ ଆବଶ୍ୟକୀୟ ପଦକ୍ଷେପ ପାଇଁ ପରାମର୍ଶ ଦେଇଥିଲେ। ସୋନପୁର-ପୁରୁଣାକଟକ ସେକ୍ସନ ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇଛି ଏବଂ ଆଶା କରାଯାଉଛି ଏହା ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ସଂଯୋଗୀକରଣ ଏବଂ ଆର୍ଥିକ ଅଭିବୃଦ୍ଧି ସମ୍ଭାବନାକୁ ଆହୁରି ଉନ୍ନତ କରିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା କଡ଼ା ତଦାରଖ କରାଯାଇଥିବା ଏହି ପ୍ରମୁଖ ପ୍ରକଳ୍ପ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ଏକ ଜୀବନରେଖା। ମୋଟ ୩୦୧ କିଲୋମିଟର ଦୈର୍ଘ୍ୟ ରେଳପଥ ମଧ୍ୟରୁ ୨୨୬ କିଲୋମିଟର କାର୍ଯ୍ୟକ୍ଷମ ହୋଇସାରିଛି। ଏଥିରେ ଖୋର୍ଦ୍ଧା ରୋଡ୍ ରୁ ଦଶପଲ୍ଲା - ୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ପୁରୁଣାକଟକ - ୧୨୦ କିଲୋମିଟର ଅନ୍ତର୍ଭୁକ୍ତ। ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଅବଶିଷ୍ଟ ୭୫ କିଲୋମିଟର ଦୈର୍ଘ୍ୟ ରେଳ ମାର୍ଗ ସକ୍ରିୟ ନିର୍ମାଣାଧୀନ ଅଛି ଏବଂ ଡିସେମ୍ବର ୨୦୨୬ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି। ଏହି ରେଳ ମାର୍ଗ ବିଶେଷ ଭାବରେ ଚ୍ୟାଲେଞ୍ଜିଂଅଟେ ଯାହା ସଂରକ୍ଷିତ ଜଙ୍ଗଲ, ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ପାହାଡିଆ ଅଞ୍ଚଳ ଦେଇ ଗତି କରୁଛି। ଏହି ଅଞ୍ଚଳର ପରିବେଶଗତ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ପୂର୍ବତଟ ରେଳପଥ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିଛି : ୭ ଟି ସୁଡ଼ଙ୍ଗ (ମୋଟ ୧୨.୭ କିଲୋମିଟର) ଯେଉଁଥିରେ ସବୁଠାରୁ ଲମ୍ବା ୪.୧୮ କିଲୋମିଟର ଅନ୍ତର୍ଭୁକ୍ତ। ଉଭୟ ବନ୍ୟପ୍ରାଣୀଙ୍କ ସୁରକ୍ଷିତ ବିଚରଣ ସହ ଟ୍ରେନ ଚଳାଚଳ ପାଇଁ ଭାୟାଡକ୍ଟ ନିର୍ମାଣ । ଜଙ୍ଗଲ କ୍ଷୟକୁ ହ୍ରାସ କରିବା ଏବଂ ପ୍ରାୟ ୨ ଲକ୍ଷ ଗଛକୁ ବଞ୍ଚାଇବା ପାଇଁ ଏକ ପରିବେଶ-ସମ୍ବେଦନଶୀଳ ଡିଜାଇନ୍। ପ୍ରକଳ୍ପର ଏକ ପ୍ରମୁଖ ଇଞ୍ଜିନିୟରିଂ ବିଶେଷତ୍ୱ ହେଉଛି ୪.୭୭ କିଲୋମିଟର ଲମ୍ବା ଭାୟାଡକ୍ଟ ଯାହା ପ୍ରସ୍ତାବିତ ବୃତଙ୍ଗ ଜଳସେଚନ ପ୍ରକଳ୍ପ ଜଳଭଣ୍ଡାର ନିକଟରେ ନିର୍ମାଣ କରାଯାଉଛି। ଏହି ରେଳ ମାର୍ଗ ସମାପ୍ତ ହେବା ପରେ ଏହା ଆସାମର ବୋଗିବିଲ ସେତୁ ପରେ ଭାରତର ଦ୍ୱିତୀୟ ଦୀର୍ଘତମ ରେଳ ସେତୁ ହେବ। ସ୍ଥାୟୀ ବିକାଶ ଏବଂ ଯାତ୍ରୀ-କୈନ୍ଦ୍ରିକ ଭିତ୍ତିଭୂମି ଉପରେ ଧ୍ୟାନ ଦେଇ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ପ୍ରକଳ୍ପ ପରିବେଶ-ଅନୁକୂଳ ରେଳ ନିର୍ମାଣରେ ନୂତନ ମାନଦଣ୍ଡ ସ୍ଥାପନ କରିବା ସହିତ ଓଡ଼ିଶାରେ ସଂଯୋଗକୁ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ।

CAD-723

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶ ଶୋଭା ବିଲ୍ଡିଂ**
**ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**

ପତ୍ର ସଂଖ୍ୟା ୧୦୫୫୭ / ଭୁ.ଉ.କ., ଭୁବନେଶ୍ୱର BSRP-67/85 ତା ୦୪.୦୬.୨୦୨୫ରିଖ

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-SR-24 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୦୨୯ ତା-୦୩.୦୩.୨୦୨୩ ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ଶ୍ରୀ ବିରଜା ପ୍ରସାଦ ରଥ, ପିତା-ସ୍ୱର୍ଗତ ବିଶ୍ୱନାଥ ରଥ, ଗ୍ରାମ-ବାଲି ସାହି ଶ୍ୟାମାକାଳୀ ଲେନ୍, ପୋଷ୍ଟ-ପୁରୀ, ଥାନା-ଟଉନ୍ ପୋଲିସ୍ ଷ୍ଟେସନ୍, ଜିଲ୍ଲା-ପୁରୀଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା

**ଆବଣ୍ଟନଗ୍ରାହୀ ବିରଜା ପ୍ରସାଦ ରଥଙ୍କର** ଗତ ତା-୦୮.୦୫.୨୦୨୪ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । **(Death certificate Registration No.5637/2024 & Issue No.6000/2024 date 18.05.2024).**

**Legal heir certificate No. E-LHC/2024/123314** dated 23.07.2024 ଅନୁଯାୟୀ **ବିରଜା ପ୍ରସାଦ ରଥଙ୍କର** ଉତ୍ତରାଧିକାରୀ (୧) **ସୁସମା ତ୍ରିପାଠୀ (ସ୍ତ୍ରୀ)** ଓ (୨) **ବୈଭବ କୁମାର ରଥ (ପୁତ୍ର)** ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ **ସୁସମା ତ୍ରିପାଠୀ ଓ ବୈଭବ କୁମାର ରଥଙ୍କ** ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0314/2526

ଭୁବନେଶ୍ୱର
୧୧ ଜୁନ୍,
ବୁଧବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ସ୍ନାନ ପୂର୍ଣ୍ଣିମା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ନିୟମ

**ପୁରୀ, ୧୦/୬ ନ୍ୟୁଜ ବ୍ୟୁରୋ**

ସ୍ନାନ ପୂର୍ଣ୍ଣିମା ପାଇଁ ହୋଇଛି ସ୍ୱତନ୍ତ୍ର ଟ୍ରାଫିକ ନିୟମ । ପୁରୀକୁ ଗାଡ଼ି ପ୍ରବେଶ ନେଇ ରହିଛି ଅନେକ କଟକଣା। ଦୁଇ ଚକିଆ ଓ ୪ ଚକିଆ ଯାନ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି । ବାଇକ ପାଇଁ ମ୍ୟୁନିସିପାଲଟି ମାର୍କେଟ କମ୍ପ୍ଲେକ୍ସ, ଜଗନ୍ନାଥ ବଲ୍ଲଭରେ ପାର୍କିଂ ବ୍ୟବସ୍ଥା ହୋଇଛି। ସମୁଦ୍ର କୂଳ ଯାଉଥିଲେ ଭିଆଇପି ରୋଡ ଦେଇ ଦିଗବାରେଣୀ ପାଖରେ ପାର୍କିଂ ଅନୁମତି ରହିଛି। ସେହିପରି କାର୍ ପାଇଁ ମଧ ପାର୍କିଂ ନିୟମ ହୋଇଛି । ଭୁବନେଶ୍ୱର ପଟୁ ଆସୁଥିଲେ ଜେଲ୍ ରୋଡରେ ଗାଡ଼ି ପାର୍କିଂର ସୁବିଧା ରହିଛି । ଏହି ପାର୍କିଂ ସ୍ଥଳ ପୂର୍ଣ୍ଣ ହେବା ପରେ ଗାଡ଼ି ଗୁଡ଼ିକ ମେଡିକାଲ ଛକରୁ ବଡ଼ ଶଙ୍ଖ ଦେଇ ସରଧାବାଲି ପାର୍କିଂରେ ରଖିହେବ । ସରଧାବାଲି ପାର୍କିଂରେ ପୂର୍ଣ୍ଣ ହେବା ପରେ ଗାଡ଼ି ଗୁଡ଼ିକ ମଙ୍ଗଳାଘାଟ ଦେଇ ଦିଗବାରେଣୀ ପାର୍କିଂରେ ରଖିବାକୁ ବ୍ୟବସ୍ଥା ହୋଇଛି ।

# ସ୍ନାନଯାତ୍ରା ପରେ ଅଣସରରେ ରହିବେ ତିନି ଠାକୁର : ପୂଜା ପାଇବେ ପଟିଦିଅଁ

**ପୁରୀ, ୧୦/୬ ନ୍ୟୁଜ ବ୍ୟୁରୋ**

ଶ୍ରୀଜୀଉଙ୍କର ସ୍ନାନ ଯାତ୍ରାପରେ ତିନି ଠାକୁର ଅଣସରରେ ରହିବେ। ସେହି ସମୟରେ ରତ୍ନ ସିହାଂସନରେ ତିନି ଠାକୁରଙ୍କ ବଦଳରେ ପୂଜା ପାଇବେ ପଟି ଦିଅଁ। ଏହି ପଟି ଦିଅଁ କାର୍ଯ୍ୟ ଶେଷ ହୋଇଛି। ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ, ସୁଭଦ୍ରାଙ୍କ ପାଇଁ ଭୁବନେଶ୍ୱରୀ ଓ ମହାପ୍ରଭୁଙ୍କ ପାଇଁ ଅନନ୍ତ ନାରାୟଣ ପୂଜା ପାଇବେ । ବହୁ ପୁରାତନ ପରମ୍ପରା ରହିଛି ଏହି ପଟି ଦିଅଁଙ୍କର ପୂଜା । ଶ୍ରୀଜୀଉଙ୍କର ଅଣସର ସମୟରେ ରତ୍ନ ସିଂହାସନରେ ପଟି ଦିଅଁଙ୍କୁ ପୂଜା କରାଯାଏ । ପୁରୀର ଚିତ୍ରକାର ସାହିରେ ଅନନ୍ତ ବାସୁଦେବ ଓ ମା'ଭୁବନେଶ୍ୱରୀଙ୍କ ପଟି ଦିଅଁ ତିଆରି ହେଉଥିବାବେଳେ ବାଲିସାହିର ପଣାପିଡିଆ ସାହିରେ ଅନନ୍ତ ନାରାୟଣଙ୍କର ପଟି ତିଆରି ହୋଇଥାଏ । ଏହି ପଟି ଦିଅଁଙ୍କର ଆକାର ୪ ଫୁଟ ଚଉଡ଼ା ଓ ସାଢ଼େ ୫ ଫୁଟ ଉଚ୍ଚତା ରହିଥାଏ । ପଟି ଦିଅଁରେ ଠାକୁରଙ୍କ ମୂର୍ତ୍ତି, ସିଂହାସନ ଓ ସଖୀ ଅଙ୍କା ଯାଇଥାଏ। ନିୟମ ନିଷ୍ଠାରେ ରହି ୭ରୁ ୮ ଜଣ ଏହି କାର୍ଯ୍ୟରେ ଲାଗି ପଡ଼ିଥାଆନ୍ତି। ରତ୍ନବେଦୀ ଛାଡ଼ି ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବେ ମହାପ୍ରଭୁ। ୧୦୮ ଗରା ସୁବାସିତ ଜଳରେ ଦିବ୍ୟସ୍ନାନ କରିବେ ଚତୁର୍ଦ୍ଧାବିଗ୍ରହ । ଏନେଇ ପାରମ୍ପରିକ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଶ୍ରୀମନ୍ଦିରରେ ଦଇତା ପ୍ରବେଶ ନୀତି ସମ୍ପନ୍ନ ହୋଇଛି । ସ୍ନାନବେଦୀକୁ ପହଣ୍ଡି ପୂର୍ବରୁ ଶ୍ରୀବିଗ୍ରହଙ୍କ



ବାହୁକଣ୍ଟ ଓ ଚାରମାଳ ବନ୍ଧା ନୀତି ସମ୍ପନ୍ନ ହୋଇଛି । ସ୍ନାନପୂର୍ଣ୍ଣିମାରେ ପହଣ୍ଡି ପୂର୍ବରୁ ଦଇତାପତି ସେବାୟତମାନେ ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ସେନାପଟା ଲାଗି ଓ ବାହୁଟକଣ୍ଟ ନୀତି ସମ୍ପାଦିତ କରିବା ପରେ ପହଣ୍ଡି ହୋଇ ସ୍ନାନମଣ୍ଡପକୁ ଆସିବେ ଚତୁର୍ଦ୍ଧାବିଗ୍ରହ । ସୁନା କୂଅରୁ ଜଳ ଆସି ୧୦୮ ଗରା ଜଳ ଲାଗି ହେବେ ଠାକୁରେ । ଏଣୁ ମଙ୍ଗଳବାର ସୁନା କୂଅ ଉନ୍ମୁଳାଯାଇଛି। ଏପଟେ ଶ୍ରୀଜୀଉଙ୍କ ହାତୀ ବେଶର ଶେଷ ସ୍ପର୍ଶ ସମ୍ପନ୍ନ ହୋଇଛି। ଦୟଣାମାଳୀ ସେବକ ବସନ୍ତ(ଇଲା) ରଣାଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ହୋଇଛି ଠାକୁରଙ୍କ ହାତୀ ବେଶ। ଶ୍ରୀବଳଭଦ୍ରଙ୍କ ପାଇଁ ଧଳାରଙ୍ଗର ବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କଳାରଙ୍ଗର ବେଶ ପ୍ରସ୍ତୁତ ହୋଇଛି । ଠାକୁରଙ୍କ ଶ୍ରୀମସ୍ତକ ପାଇଁ ତରାସ ଓ ତା'ର ନିମ୍ନଅଂଶ ପାଇଁ ଡ଼ାଳି ନିର୍ମାଣ ହୋଇଛି । ମୁଖାରବିନ୍ଦରେ ଲାଗି ହେବେ କିଆଫଳି । ଚନ୍ଦ୍ରସୂର୍ଯ୍ୟ, ଛତି, କାନ, ଚିତା, ଥୋଡ଼ହସ୍ତ, ଅଧର, ତୋରଣା ଓ ଗଜଖୁମ୍ବ ତିଆରି ହୋଇଛି । ଦେବୀ ସୁଭଦ୍ରାଙ୍କ ପାଇଁ ୨ଟି ତଡ଼କୀ, ନାକୁଆସୀ, ତରାସ, ଛତି ଓ ଚୂଳ, ଚିତା ଆଦି ବେଶ ଉପକରଣ ପ୍ରସ୍ତୁତ ହୋଇଛି । ସୁଦର୍ଶନ ମହାପ୍ରଭୁଙ୍କ ପାଇଁ ସବୁଜ ରଙ୍ଗର ଚକ୍ର, ଚୂଳ ଏବଂ ଓଲାର ତିଆରି କରାଯାଇଛି। ସ୍ନାନଯାତ୍ରା ଦିନ ପଟୁଆରରେ ଶ୍ରୀଜୀଉ ବିଜେ ହୋଇ ସ୍ନାନମଣ୍ଡପରେ ଠାକୁରଙ୍କ ବେଶ ଅନୁଷ୍ଠିତ ହେବ। ମଙ୍ଗଳବାର ଦୟଣାମାଳୀ ସେବକମାନେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇ ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟ ଶୀତଳା ଠାକୁରାଣୀଙ୍କ ସମୀପସ୍ଥ ସୁନା କୂଅକୁ ଶୋଧ କରିଛନ୍ତି।

## ଶ୍ରୀମନ୍ଦିରକୁ ପ୍ରବେଶ କଲେ ରାମକୃଷ୍ଣ ଦାସ ମହାପାତ୍ର

**ପୁରୀ ୧୦/୦୬ ନ୍ୟୁଜ ବ୍ୟୁରୋ**

ବରିଷ୍ଠ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ସରିଲା ନିଲମ୍ବନ ଅବଧି। ମାସେ ପରେ ଶ୍ରୀମନ୍ଦିରକୁ ଫେରିଲେ ରାମକୃଷ୍ଣ ଦାସ ମହାପାତ୍ର। ବୁଧବାର ଦେବସ୍ନାନ ପୂର୍ଣ୍ଣିମା ଥିବାରୁ ମଙ୍ଗଳବାର ଦଇତାପତି ସେବା କାର୍ଯ୍ୟରେ ସେ ଯୋଗଦେଇଛନ୍ତି। ଶ୍ରୀଜୀଉଙ୍କ ସେନାପଟା ଲାଗି ନୀତିରେ ସାମିଲ ହୋଇଛନ୍ତି। ସୂଚନା ଅନୁଯାୟୀ, ଗତ ମେ' ମାସ ୧୧ ତାରିଖରେ ଶ୍ରୀମନ୍ଦିର ପରମ୍ପରା ବିରୋଧୀ କାର୍ଯ୍ୟ ଯୋଗୁ ୩୦ ଦିନ ପାଇଁ ରାମକୃଷ୍ଣ ଦାସ ମହାପାତ୍ର ନିଲମ୍ବନ ହୋଇଥିଲେ । ଶ୍ରୀମନ୍ଦିର ପ୍ରବେଶ ଉପରେ ମଧ ଲାଗିଥିଲା କଟକଣା। ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସେ ଯୋଗ ଦେଇ ବିବାଦକୁ ଆସିଥିଲେ। ବଳକା ଦାରୁରେ ବିଗ୍ରହ ନିର୍ମାଣ ଏବଂ ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣକୁ ପ୍ରତିବାଦ କରିନଥିବାରୁ ତାଙ୍କ ବିରୋଧରେ ନିଆଯାଇଥିଲା ଆକ୍ସନ। ତେବେ ମଙ୍ଗଳବାର ନିଲମ୍ବନ ଅବଧି ସରିବା ପରେ ଦଇତାପତି ସେବା କାର୍ଯ୍ୟରେ ରାମକୃଷ୍ଣ ଦାସ ମହାପାତ୍ର ସାମିଲ ହୋଇଛନ୍ତି।



ଭୁବନେଶ୍ୱର : ଡିସିପି ଅଫିସ୍‌ର ନୂତନ କୋଠା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି ମେୟର ସୁଲୋଚନା ଦାସ ଓ ବରିଷ୍ଠ ପୋଲିସ ଅଧିକାରୀମାନେ।। (ଫଟୋ : ସମ୍ବାଦ କଳିକା)

# ଅଦିନିଆ ବର୍ଷାରେ କ୍ଷୟକ୍ଷତି ରିପୋର୍ଟ ସହ ୩ ଜିଲ୍ଲାକୁ ୧୪ କୋଟି ଦେଲା ରାଜସ୍ୱ ବିଭାଗ

**ଭୁବନେଶ୍ୱର, ୧୦/୬**
**ନ୍ୟୁଜ ବ୍ୟୁରୋ**

ମେ' ୨୩ ତାରିଖରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଅଦିନିଆ ବର୍ଷା, ମୌସୁମୀ ବର୍ଷା ଓ ଲଘୁଚାପ ଜନିତ ବର୍ଷା ଯୋଗୁଁ ଧାନ, ପନିପରିବା ଓ ଅନ୍ୟ ଫସଲ ନଷ୍ଟ ହୋଇଛି । ତୁରନ୍ତ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାକୁ ଗତ ୨୪ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ବରଗଡ, ନୂଆପଡା ଓ ସମ୍ବଲପୁର ଜିଲ୍ଲାର କ୍ଷୟକ୍ଷତି ରିପୋର୍ଟ ମିଳିଛି। ରାଜସ୍ୱ ବିଭାଗ ଏହି ୩ ଜିଲ୍ଲା ପାଇଁ ୧୩ କୋଟି ୭୬ ଲକ୍ଷ ୬ ହଜାର ୨୦୫ ଟଙ୍କା ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତ ରାଶି ବଣ୍ଟନ ପାଇଁ ଜିଲ୍ଲାପାଳଙ୍କୁ



ନିର୍ଦ୍ଦେଶ ଦିଆଯାଇଛି । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, 'ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମେ' ୨୩ ତାରିଖରେ ଅଦିନିଆ ବର୍ଷା, ମୌସୁମୀ ବର୍ଷା ଓ ଲଘୁଚାପ ଜନିତ ବର୍ଷା ହୋଇଥିଲା । ବର୍ଷା ଯୋଗୁଁ ଧାନ, ପନିପରିବା ଓ ଅନ୍ୟ ଫସଲ ନଷ୍ଟ ହୋଇଥିଲା । ଗତ ୨୪ ତାରିଖରେ ଏନେଇ ରିପୋର୍ଟ ମଗାଯାଇଥିଲା । ସେହିପରି ମେ' ମାସ ୨୭ରୁ ୩୦ ମଧ୍ୟରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଲଘୁଚାପ ଜନିତ ଅଦିନିଆ ବର୍ଷା ହୋଇଥିଲା। ଫଳରେ ବିଭିନ୍ନ ସ୍ଥାନରେ ଫସଲ ଓ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି । ଖୁବ୍‌ଶୀଘ୍ର ଆକଳନ କରି କ୍ଷତିପୂରଣ ପ୍ରଦାନ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ସମ୍ବଲପୁରରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲି। ରାଜସ୍ୱ ସହିତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ରାଜସ୍ୱ ବିଭାଗରେ ଖୁବ୍‌ଶୀଘ୍ର କ୍ଷୟକ୍ଷତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।' 'ଅଦିନିଆ ବର୍ଷାକୁ ଓଡ଼ିଶା ସରକାର ପ୍ରାକୃତିକ ବିପର୍ଯ୍ୟୟ ଭାବେ ଗଣନା କରୁଛନ୍ତି । ଏହି କ୍ରମରେ ବିଭିନ୍ନ ଜିଲ୍ଲାରୁ କ୍ଷୟକ୍ଷତି ରିପୋର୍ଟ ଆସିଲାଣି । ବରଗଡ, ନୂଆପଡା ଓ ସମ୍ବଲପୁର ଜିଲ୍ଲାର କ୍ଷୟକ୍ଷତି ରିପୋର୍ଟ ଆସିଛି । ରିପୋର୍ଟ ମିଳିବା ପରେ ରାଜସ୍ୱ ବିଭାଗ ୩ ଜିଲ୍ଲାକୁ କ୍ଷୟକ୍ଷତି ବାବଦରେ ୧୩ କୋଟି ୭୬ ଲକ୍ଷ ୬ ହଜାର ୨୦୫ କୋଟି ଟଙ୍କା ଇନପୁଟ ସବସିଡି ପ୍ରଦାନ କରିଛି। ବରଗଡ ପାଇଁ ୭ କୋଟି ୫୫ ଲକ୍ଷ ୪୪ ହଜାର ୮୫୫ ଟଙ୍କା, ନୂଆପଡା ପାଇଁ ୩ କୋଟି ୧୧ ଲକ୍ଷ ୫୭ ହଜାର ୭୩୦ ଟଙ୍କା, ସମ୍ବଲପୁର ପାଇଁ ୩ କୋଟି ୯ ଲକ୍ଷ ୭୭ ହଜାର ୪୦୦ ଟଙ୍କାର ଅର୍ଥ ରାଶି ପ୍ରଦାନ ହୋଇଛି। ଖୁବ୍‌ଶୀଘ୍ର କ୍ଷତି ପୂରଣ ରାଶି ବଣ୍ଟନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟ ଜିଲ୍ଲାର କ୍ଷୟକ୍ଷତି ରିପୋର୍ଟ ଆସିବ। କୌଣସି ଜଣେ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହିବେ ନାହିଁ ବୋଲି ଶ୍ରୀ ପୂଜାରୀ କହିଛନ୍ତି।'

## ଭିଜିଲାନ୍ସ ଜାଲରେ ଗାଇସିଲେଟ କନିଷ୍ଠ ଯନ୍ତ୍ରୀ

**ବରଗଡ଼ ୧୦/୦୬**
**ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଗାଇସିଲେଟ କନିଷ୍ଠ ଯନ୍ତ୍ରୀ। ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଡାଙ୍ଗବାହାଲ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସୁସ୍ମିତା ଓରାମଙ୍କୁ ଧରିଲା ଭିଜିଲାନ୍ସ ଟିମ୍। ତାଙ୍କ ନିକଟରୁ ନଗଦ ୮ ହଜାର ଟଙ୍କା ଜବତ ହୋଇଛି। କନିଷ୍ଠ ଯନ୍ତ୍ରୀଙ୍କୁ ପଚରାଉଚରା କରାଯାଉଛି।
ବରଗଡ ଜିଲ୍ଲା ଗାଇସିଲେଟ ବ୍ଲକ ଡ଼ାଙ୍ଗବାହାଲ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ସୁସ୍ମିତା ଓରାମ। ମନରେଗା ବିଲ୍ କରିବା ପାଇଁ ପୂର୍ବତନ ସରପଞ୍ଚଙ୍କଠୁ ୮ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ପୂର୍ବତନ ସରପଞ୍ଚ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ୍ ପୂର୍ବ ଯୋଜନା ମୁତାବକ ଡାଙ୍ଗବାହାର ପଞ୍ଚାୟତରେ ଚଢ଼ଉ କରିଥିଲେ। ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଟିମ୍ ମାଡ଼ି ବସିଥିଲା। ତାଙ୍କ ନିକଟରୁ ସମସ୍ତ ଟଙ୍କା ଜବତ ହୋଇଥିବା ବେଳେ ତାଙ୍କୁ ଅଧିକ ପଚରାଉଚରା କରାଯାଉଥିବା ଜଣାପଡିଛି।



# ବିଜେଡ଼ି ଲୋକଙ୍କ ସହ ସବୁବେଳେ ରହିଛି ଓ ରହିବ : ନବୀନ



**ଭୁବନେଶ୍ୱର, ୧୦/୬**
**ନ୍ୟୁଜ ବ୍ୟୁରୋ**

ବିଜେପି ସରକାର ରାଜ୍ୟରେ ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ବିରୋଧୀ ଦଳ ନେତା ତଥଶ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଙ୍ଗଳବାର ରାଜ୍ୟ ସରକାରଙ୍କ ବିଫଳତାର ଲମ୍ବା ତାଲିକା ଦେଇଛନ୍ତି। ବିଜେପି ସରକାର କହୁଛନ୍ତି ସେମାନେ ଲୋକଙ୍କ ସରକାର। କିନ୍ତୁ ସେମାନଙ୍କ ସହ ଲୋକ ନାହାଁନ୍ତି । କେବଳ ଲମ୍ବା ଭାଷଣ କି ବଡ଼ ବଡ଼ ବିଜ୍ଞାପନରେ ବିକାଶ ହୁଏନି ବୋଲି କହିଛନ୍ତି ଶ୍ରୀ ପଟ୍ଟନାୟକ। ବିଜେଡିର ରାଜ୍ୟ କର୍ମକର୍ତ୍ତା ବୈଠକ ପରେ ଜନଜାଗରଣ ଅଭିଯାନକୁ ଶଙ୍ଖଭବନରେ ସମ୍ବୋଧିତ କରି ଏହା କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ସରକାର ଅମଳରେ ୯୦ ପ୍ରତିଶତ ଲୋକ ବିଏସକେୱାଇ ଯୋଜନାରୁ ମାଗଣା ଚିକିତ୍ସା ସୁବିଧା ପାଉଥିଲେ । ଏବେ ଆୟୁଷ୍ମାନ ଭାରତ ଲାଗୁ ହେବା ପରେ ଲୋକଙ୍କୁ ମେଡିସିନ ମିଳୁନି କି ମାଗଣା ଚିକିତ୍ସା ସୁବିଧା ବି ମିଳିପାରୁନି । ହଜାର ହଜାର ଲୋକ, ବୟସ୍କ ବ୍ୟକ୍ତି, କ୍ୟାନସର ରୋଗୀ ଓ ପିଲାମାନେ ହଇରାଣ ହେଉଛନ୍ତି । ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଛି। ରାଜ୍ୟର ୧୯ ଜିଲ୍ଲାରେ ଏବେ ସିଡିଏମଓ ନାହାଁନ୍ତି। ଏହା ହେଉଛି ବିଜେପି ସରକାରର ସଫଳତା ବୋଲି ତାଚ୍ଛଲ୍ୟ କରିଛନ୍ତି ଶ୍ରୀ ପଟ୍ଟନାୟକ। ମିଶନ ଶକ୍ତିରେ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରି ଓଡ଼ିଶା ସାରା ଦେଶରେ ରେକର୍ଡ କରିଥିଲା । ବିଜେଡି ସରକାରରେ ମିଶନ ଶକ୍ତି ଏକ ଜନଆନ୍ଦୋଳନରେ ପରିଣତ ହୋଇଥିବା ବେଳେ ଗତ ବର୍ଷକ ମଧ୍ୟରେ ମିଶନଶକ୍ତି ଅଭିଯାନକୁ ଦୁର୍ବଳ କରିଦେଇଛନ୍ତି ରାଜ୍ୟ ସରକାର। ମାଆମାନଙ୍କୁ ବ୍ୟବସାୟିକ ସହଯୋଗ ମିଳିପାରୁନି । ସରକାରୀ କାର୍ଯ୍ୟାଳୟରେ ମାଆମାନଙ୍କ କୌଣସି କାମ ହେଉନାହିଁ। ଦୁବାଇ ଓ ସିଙ୍ଗାପୁର ଯାଇଥିବା ମାଆମାନେ ଏବେ ହତାଶ ହୋଇଯାଇଛନ୍ତି।
ସେମାନଙ୍କ ଆତ୍ମବିଶ୍ୱାସ ଭାଙ୍ଗିଯାଇଛି। ମାଆମାନେ ବିଜେପିକୁ ଆଉ କ୍ଷମା ଦେବେନି ବୋଲି ଚେତାଇ ଦେଇଛନ୍ତି ବିଜେଡି ସୁପ୍ରିମୋ। ନିର୍ବାଚନ ସମୟରେ ବିଜେପି କହୁଥିଲା ସରକାରକୁ ଆସିଲେ କଟନୀ ଛଟନୀ ହେବନି। ସରକାରକୁ ଆସିବା ପରେ କିନ୍ତୁ କଟନୀ ଛଟନୀ ବନ୍ଦ ହୋଇନି। ମିଲରଙ୍କ ଦୟାରେ ଏବେ ଚାଷୀଙ୍କ ଭାଗ୍ୟ । ମିଲରଙ୍କର ଆଉ ସରକାରଙ୍କୁ ଭୟ ନାହିଁ । ବିଜେପି ସରକାର ସବୁ ଚାଲିଥିବା କାମକୁ ବନ୍ଦ କରିଦେଇଛନ୍ତି। ଲୋକଙ୍କ ସରକାର ବୋଲି ଦାବି କରୁଥିଲେ ବି ବିଜେପି ସରକାରରେ ଲୋକ ନାରଖାର ହେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ସମାଲୋଚନା କରିଛନ୍ତି । ୨୦୦୦ରେ ବିଜେଡି ଦାୟିତ୍ୱ ନେବା ବେଳେ ରାଜ୍ୟ ୧୮ହଜାର କୋଟି ଟଙ୍କାର ଋଣ ବୋଝରେ ବୁଡି ରହିଥିଲା। ଓଭରଡ୍ରାଫ୍ଟରେ ଚାଲିଥିଲା ସରକାର। ୨୦୨୪ରେ ବିଜେଡି ଶାସନ ଦାୟିତ୍ୱ ଛାଡିବା ବେଳକୁ ରାଜକୋଷରେ ୪୫ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଥିଲା । ଏବେ ରେକର୍ଡ ପରିମାଣର ଋଣରେ ବୁଡି ରହିଛି ସରକାର । ୨୦୦୫-୦୬ରେ ରାଜ୍ୟରେ ଗରିବୀ ୬୩.୮୩ ପ୍ରତିଶତ ଥିଲା । ୨୦୨୦-୨୩ରେ ଏହା ୧୧.୦୭ ପ୍ରତିଶତକୁ ହ୍ରାସ ପାଇଥିଲା । ୧୦୨ କୋଟି ୭୮ ଲକ୍ଷ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଥିଲେ । ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁହାରକୁ ସଫଳତାର ସହ କମାଇଥିଲା ବିଜେଡି ସରକାର । ବିଜେଡି ଲୋକଙ୍କ ସହ ସବୁବେଳେ ରହିଛି । ଦଳର ନେତା ଓ ତୃଣମୂଳ ସ୍ତରରେ କର୍ମୀମାନେ ଲୋକଙ୍କ ସେବା ଜାରି ରଖିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।

# ଆଧ୍ୟାତ୍ମିକ କର୍ମୀ ଶ୍ରୀଧର ସାହୁଙ୍କ ପରଲୋକ



**ଭୁବନେଶ୍ୱର, ୧୦/୬**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ସତ୍‌ସଙ୍ଗ ଆନ୍ଦୋଳନ ସହ ଜଡ଼ିତ ବର୍ଷୀୟାନ୍ ବ୍ୟକ୍ତିତ୍ୱ ତଥା ଜଳସଂପଦ ବିଭାଗର ପ୍ରାକ୍ତନ ଆଇନ ଅଧିକାରୀ ଶ୍ରୀଧର ସାହୁଙ୍କର ସୋମବାର ସକାଳେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର, ପୁତ୍ରବଧୂ ଏବଂ ତିନିକନ୍ୟା ଓ ଜାମାତା ଉପସ୍ଥିତ ଥିଲେ। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ହେତୁ ସେ କିଛିଦିନ ହେଲା ରାଜଧାନୀର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ ଜନ୍ମମାଟି ବନମାଳୀପୁର ନିଆଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଛି। ସ୍ୱର୍ଗତ ସାହୁଙ୍କ ଜ୍ୟେଷ୍ଠପୁତ୍ର ସାମ୍ବାଦିକ ଶ୍ରୀକାନ୍ତ ସାହୁ ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠପୁତ୍ର ସୀତାକାନ୍ତ ସାହୁ ଉପସ୍ଥିତ ଥିଲେ । ସ୍ୱର୍ଗତ ସାହୁ ଖୋର୍ଦ୍ଧା ଜିଲ୍ଲା ବନମାଳୀପୁରର ବାଲିକୁଦା ପାଟଣାରେ ୧୯୩୫ ମସିହାରେ ଜନ୍ମଗ୍ରହଣ କରିଥିଲେ। ୧୯୬୧ ମସିହାରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଦୀକ୍ଷା ଗ୍ରହଣ କରି ସତ୍‌ସଂଗର କାର୍ଯ୍ୟଧାରାରେ ସାମିଲ୍ ହୋଇଥିଲେ। ଭୁବନେଶ୍ୱର ସତ୍‌ସଙ୍ଗବିହାରର ନିର୍ମାଣରେ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା। ପରେ ସେ ରସୁଲଗଡ଼ସ୍ଥିତ ସତ୍‌ସଙ୍ଗ ମନ୍ଦିର ନିର୍ମାଣରେ ମଧ ସକ୍ରିୟ ଥିଲେ। ତାଙ୍କ ବିୟୋଗରେ ଭୁବନେଶ୍ୱର ସତ୍‌ସଙ୍ଗ ବିହାରର ପରିଚାଳକ ସହ-ପ୍ରତି-ଋତ୍ୱିକ ଅଭୟ କୁମାର ପରିଡ଼ା, ଧୃତିକାମ ମହାନ୍ତି, କୃପାନିଧି ବିଶ୍ୱାଳ ଓ ବନମାଳୀପୁର ସତ୍‌ସଙ୍ଗବିହାରର ପରିଚାଳକ ବୈରାଗୀ ସାହୁ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ଶ୍ରୀଧର ସାହୁଙ୍କ ବିୟୋଗରେ 'ସମ୍ବାଦ କଳିକା' ସଂପାଦକଙ୍କ ଶୋକ

ଶ୍ରୀଧର ସାହୁଙ୍କ ବିୟୋଗରେ 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କର ଶୋକ ବାର୍ତ୍ତାରେ କହିଛନ୍ତି ଯେ, ଶ୍ରୀ ସାହୁଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ। ସେ ଆମ ପରିବାର ସହ ଅତ୍ୟନ୍ତ ଘନିଷ୍ଠ ଥିଲେ। ପରିବାରର ବିଭିନ୍ନ କାର୍ଯ୍ୟକଳାପରେ ସାମିଲ ହେଉଥିଲେ। ସେ ଜଣେ ପ୍ରାଜ୍ଞ ଏବଂ ବୁଦ୍ଧିଦୀପ୍ତ ବ୍ୟକ୍ତି ଥିଲେ। ଧର୍ମସମ୍ବନ୍ଧୀୟ ବିଭିନ୍ନ ଆଲୋଚନାରେ ତାଙ୍କର ଗଭୀର ଜ୍ଞାନ ପ୍ରସ୍ଫୁଟିତ ହେଉଥିଲା। ସେ ଅନୁକୂଳ ଚନ୍ଦ୍ରଙ୍କ ଦୀକ୍ଷା ଗ୍ରହଣ କରିଥିଲେ ଏବଂ ସେହି କାର୍ଯ୍ୟରେ ଅଧିକ ସମୟ ବିନିଯୋଗ କରୁଥିଲେ। ଯେ କୌଣସି ସମସ୍ୟା ଆଲୋଚନା କଲେ ସେ ଅତି ଧୈର୍ଯ୍ୟର ସହ ତାହା ଶୁଣି ତା'ର ସମାଧାନ ବାହାର କରୁଥିଲେ। ତାଙ୍କ ବିୟୋଗ କେବଳ ତାଙ୍କ ପରିବାର ନୁହେଁ ସମାଜର ମଧ ଅପୂରଣୀୟ କ୍ଷତି ଘଟିଛି। ସମାଜ ଜଣେ ଧର୍ମପରାୟଣ ବ୍ୟକ୍ତିଙ୍କୁ ହରାଇଲା। ତାଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରୁଛି।

# ଗୟଳଙ୍କ ନିର୍ଭୟ ଚରାଭୂଇଁ 'ଦେବ୍ରିଗଡ଼' : ୬ ମାସରେ ଜନ୍ମ ନେଲେଣି ୧୨୯

**ସମ୍ବଲପୁର, ୧୦/୦୬ ନ୍ୟୁଜ ବ୍ୟୁରୋ**

ଦେବ୍ରିଗଡ଼ ଅଭୟାରଣ୍ୟ । ସମ୍ବଲପୁର ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୫୦ କିଲୋମିଟରେ ଦୂରତାରେ ଥିବା ଏହି ଅଭୟାରଣ୍ୟଟି ବରଗଡ଼ ଜିଲ୍ଲା ଭିତରେ ରହିଛି । ଗୋଟିଏ ପାର୍ଶ୍ୱରେ ହୀରାକୁଦ ଜଳଭଣ୍ଡାରର ବିସ୍ତୀର୍ଣ୍ଣ ଜଳରାଶିକୁ ଅନ୍ୟପଟେ ରହିଛି ଦେବ୍ରିଗଡ଼ ଅଭୟାରଣ୍ୟ । ସୁନ୍ଦର ପ୍ରାକୃତିକ ମନୋରମ ପରିବେଶ ପାଇଁ ଲୋକପ୍ରିୟ ଥିବା ଏହି ଅଭୟାରଣ୍ୟ ଏବେ ଆଉ ଏକ ଉପଲବ୍ଧି ପାଇଁ ଲୋକପ୍ରିୟ ହୋଇପାରିଛି । ତାହା ହେଉଛି ଭାରତୀୟ ଗୟଳ। ଗୟଳଙ୍କ ନିର୍ଭୟ ଚରାଭୂଇଁ ଏବେ ଦେବ୍ରିଗଡ ଅଭୟାରଣ୍ୟ। ନା ଏଠାରେ ଶିକାରର ଭୟ ନା ଖାଦ୍ୟାଭାବ। ଗୟଳଙ୍କ ଅନୁଯାୟୀ ଅନୁକୂଳ ପରିବେଶ ଥିବାରୁ ଦିନକୁ ଦିନ ଏଠାରେ ଗୟଳଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏବେ ଏହି ସଂଖ୍ୟା ପହଞ୍ଚିଛି ୭୮୮ । ବନ୍ୟପ୍ରାଣୀ ଫଟୋଗ୍ରାଫର ଆଶିଷ ପ୍ରଧାନ କୁହନ୍ତି ଯେ "ପୂର୍ବରୁ କେବେଳ ଦେବ୍ରିଗଡ଼ ଅଭୟାରଣ୍ୟ ନୁହେଁ ବରଂ ଆଖପାଖ ବାରପାହାଡ଼ ଜଙ୍ଗଲ ଅଞ୍ଚଳରେ ବହୁ ସଂଖ୍ୟକ ଗୟଳ ରହି ଆସୁଛନ୍ତି । ବର୍ତ୍ତମାନ ଦେବ୍ରିଗଡ଼ ଅଭୟାରଣ୍ୟରେ ଗୟଳମାନଙ୍କ ପାଇଁ ପ୍ରଚୁର ଖାଦ୍ୟ ଓ ପାନୀୟ ଜଳର ଉପଲବ୍ଧ ଥିବାରୁ ଏବେ ଦେବ୍ରିଗଡ଼ରେ ବହୁ ସଂଖ୍ୟକ ଗୟଳ ସୁରକ୍ଷିତ ଭାବରେ ରହୁଛନ୍ତି । ସେମାନଙ୍କ ବଂଶ ମଧ ବୃଦ୍ଧି ହେଉଛି । ବର୍ତ୍ତମାନ ଏଠାରେ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବହୁ ପରିମାଣର କୃତ୍ରିମ ତୃଣଭୂମି ସୃଷ୍ଟି କରାଯାଇଛି । ଏହା ପାଖରେ ହୀରାକୁଦ ଜଳ ଭଣ୍ଡାରର ବିସ୍ତୀର୍ଣ୍ଣ ଜଳରାଶି ସଂଲଗ୍ନ ହୋଇ ରହିଛି । ଯେଉଁଥିପାଇଁ



ଏଠାରେ ଗୟଳମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି "। ସମ୍ବଲପୁର ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଦେବ୍ରିଗଡ଼ ଅଭୟାରଣ୍ୟ ପାଲଟିଛି ଗୟଳମାନଙ୍କ ନିର୍ଭୟ ଆଶ୍ରୟସ୍ଥଳୀ । ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ସୂଚନା ଅନୁସାରେ ଏଠାରେ ମୋଟ ୭୮୮ ଗୟଳ ରହିଛନ୍ତି । ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବିଗତ ୬ ମାସ ମଧ୍ୟରେ ଏଠାରେ ୧୨୯ ଟି ଗୟଳଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଗତ ବର୍ଷ ନଭେମ୍ବର ୧୨ ଓ ୧୩ ତାରିଖରେ ବନ ବିଭାଗ ପକ୍ଷରୁ ହୋଇଥିବା ଗୟଳ ଗଣନାରେ ଏଠାରେ ୬୫୯ଟି ଗୟଳ ରହିଥିଲେ । ତେବେ ଚଳିତ ବର୍ଷ ମଇ ୧୧ରୁ ୧୨ ତାରିଖ ପର୍ଯ୍ୟନ୍ତ ହୋଇଥିବା ଗଣନାରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୭୮୮ରେ ପହଞ୍ଚିଛି। ଏଥିରେ ୩୧୫ଟି ୨ ବର୍ଷରୁ କମ ବୟସ୍କ ଗୟଳ ଛୁଆ ରହିଥିବା ବେଳେ ୧୨୮ଟି ୩ ମାସରୁ କମ ବୟସ୍କ ଗୟଳ ଛୁଆ ଅଛନ୍ତି । ବର୍ତ୍ତମାନ ଏହି ଅଭୟାରଣ୍ୟରେ ଥିବା ଗୟଳମାନଙ୍କ ୪୦ ପ୍ରତିଶତ କେବଳ ଛୁଆ ଅଛନ୍ତି । ସର୍ବମୋଟ ୭୮୮ ଗୟଳରୁ ୩୧୫ଟି ଛୁଆ ରହିଛନ୍ତି । ଦେବ୍ରିଗଡ଼ ଅଭୟାରଣ୍ୟର ଉନ୍ନତିକରଣ ଓ ସୁରକ୍ଷାରେ ପ୍ରମୁଖ ଭୂମିକା ନିଭେଇ ଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡ଼ିଏଫଓ ଅଂଶୁପ୍ରଜ୍ଞା ଦାଶ କହିଛନ୍ତି ଯେ "ଆମେ ଗତ ମଇ ମାସରେ ଗୟଳମାନଙ୍କ ଗଣନା କରିଥିଲୁ। ଶିଶୁ ଗୟଳମାନଙ୍କ ବୟସ ୨ ବର୍ଷ ରୁ କମ ରହିଛି ଓ ଏମାନଙ୍କ ସଂଖ୍ୟା ସମୂହ ଗୟଳମାନଙ୍କ ସଂଖ୍ୟାର ୪୦% ଅଟେ। ଏହା ଏକ ଶୁଭ ସଂକେତ ଅଟେ। ଆଗକୁ ଆମେ ପ୍ରତ୍ୟେକ ମାସ ଗୟଳମାନଙ୍କ ଗଣନା କରିବୁ ଓ କେତେ ସଂଖ୍ୟକ ନୂତନ ଗୟଳ ଶିଶୁ ଜନ୍ମ ହେଉଛନ୍ତି ତା'ର ତଥ୍ୟ ସଂଗ୍ରହ କରିବୁ । ଏହାଦ୍ୱାରା ଗୟଳମାନଙ୍କର ଜନ୍ମ ଦେବାର ସମୟ ବିଷୟରେ ଅଧିକ ତଥ୍ୟ ପାଇପାରିବୁ। ଏହା ଆମକୁ ସେମାନଙ୍କର ସଂଖ୍ୟା ବୃଦ୍ଧିଜନକ ବିବିଧତା ଓ ସୁରକ୍ଷା ଦେବାରେ ସହାୟତା କରିବ "। ଦେବ୍ରିଗଡ଼ ଅଭୟାରଣ୍ୟରେ ଗୟଳଙ୍କ ସଂଖ୍ୟା ବୃଦ୍ଧି ନେଇ ଡିଏଫଓ କହିଛନ୍ତି ଯେ "ଦେବ୍ରିଗଡ଼ ଅଭୟାରଣ୍ୟର ଭୌଗଳିକ ଅବସ୍ଥିତି, ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ନିକଟରେ ରହିଥିବାରୁ ୧୦୦ କିଲୋମିଟର ଦୀର୍ଘ ତୃଣଭୂମି ତଥା ଏସବୁକୁ ବନ୍ୟ ବିଭାଗର କର୍ମଚାରୀମାନେ ବହୁ ଭଲ ଭାବରେ ପରିଚାଳନା କରୁଥିବାରୁ ଗୟଳ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଖରା, ବର୍ଷା ଓ ଶୀତ ଦିନରେ ଭିନ୍ନ ଭିନ୍ନ ପଦ୍ଧତିରେ ତୃଣଭୂମି ପରିଚାଳନା କରାଯାଉଛି। ଫଳରେ ବର୍ଷ ତମାମ ଏଠାରେ ଗୟଳମାନଙ୍କ ଖାଦ୍ୟ ଓ ପାନୀୟର ଅସୁବିଧା ହେଉନାହିଁ । ଅପରପକ୍ଷରେ ଦେବ୍ରିଗଡ଼ ଅଭୟାରଣ୍ୟରେ ବନ ବିଭାଗର ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଲାଗିରହିଛି । କ୍ୟାମେରା ଟ୍ରାପ ବ୍ୟବସ୍ଥା ଜରିଆରେ ସୁରକ୍ଷା ବ୍ୟବସ୍ଥାକୁ ୨୪ ଘଣ୍ଟା ନିରୀକ୍ଷଣ କରାଯାଉଛି। ଉପଯୁକ୍ତ ରହଣି ପରିବେଶ, ତା'ର ସଠିକ ପରିଚାଳନା, ସଠିକ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଏଠାରେ ଗୟଳମାନଙ୍କ ସଂଖ୍ୟା ବଢ଼ି ଚାଲିଛି। କେବଳ ଏତିକି ନୁହେଁ ଗୟଳମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି"। ଭାରତର ୧୨ଟି ଅଞ୍ଚଳରେ ପ୍ରାୟ ୨୨ ହଜାର ଗୟଳ ଥିବା ସୂଚନା ରହିଛି । ଗୟଳ ମୁଖ୍ୟତଃ ମଧ ଭାରତ, ଉତ୍ତର ପୂର୍ବ ଭାରତ, କେରଳ, ପଶ୍ଚିମବଙ୍ଗ, ଓଡ଼ିଶା ଆଦି ସ୍ଥାନରେ ଦେଖା ଯାଆନ୍ତି । ପାହାଡିଆ ଜଙ୍ଗଲ ଅଞ୍ଚଳରେ ଏମାନେ ରହିବାକୁ ପସନ୍ଦ କରନ୍ତି । ଏହି ଜନ୍ତୁ ଦେଖିବାକୁ ବହୁତ ବଡ଼। ପୁରୁଷ ଗୟଳ ୧୦୦୦ କିଲୋଗ୍ରାମର ମଧ ଥାଏ। ତେବେ ସେମାନେ ପାହାଡ଼ ଚଢି ଓ ଓହ୍ଲେଇ ପାରନ୍ତି । ଏହା ସହ ବାଉଁଶ ଓ ତୃଣଭୂମି ଥିବା ଅଞ୍ଚଳରେ ରହିବାକୁ ପସନ୍ଦ କରନ୍ତି ଯାହା ଏଠାରେ ଉପଲବ୍ଧ ଅଛି । ଏହା ସହ ସାଧାରଣତଃ ଗୟଳ ସ୍ଥାନୀୟ ଆଖ ପାଖ ଅଞ୍ଚଳରେ ବୁଲା ବୁଲି କରିବାକୁ ପସନ୍ଦ କରନ୍ତି । ମୁଖ୍ୟତଃ ଗୟଳର ସିଙ୍ଗ ଓ ଚମଡା ପାଇଁ ଶିକାର କରାଯାଇଥାଏ । ତେବେ ଦେବ୍ରିଗଡ଼ରେ ଗୋଟିଏ ମଧ ଶିକାର ହେବାର ବିଗତ ବର୍ଷ ଗୁଡିକରେ ନଜିର ନାହିଁ ।

## ୪୫ କୋଟି ଟଙ୍କାର ଡ୍ରଗ୍ସ ଜବତ : ୪ ଗିରଫ

**ଗୌହାଟୀ,୧୦/୦୬**

ଆସାମର କଚାର ଜିଲ୍ଲାରେ ବଡ଼ ଧରଣର ଅପରେସନ୍‌ରେ ପୁଲିସକୁ ସଫଳତା ମିଳିଛି। ବଡ଼ ଡ୍ରଗ୍ସ ନେଟ୍‌ୱାର୍କର ପର୍ଦ୍ଦାଫାସ୍ ହୋଇଛି । ୪୫ କୋଟି ଟଙ୍କାର ବିପୁଳ ଡ୍ରଗ୍ସ ଜବତ ହୋଇଛି । ଏଥିରେ ୪ଜଣ ଡ୍ରଗ୍ସ ମାଫିଆଙ୍କୁ ଗିରଫ କରିଛି ଆସାମ ପୁଲିସ। ଏ ଗ୍ୟାଙ୍ଗରେ ଆଉ କିଏ କିଏ ସାମିଲ ଅଛନ୍ତି ତା'ର ଖୋଳତାଡ ଜାରି ରହିଛି । ଡ୍ରଗ୍ସ କାରବାର ବିରୋଧରେ ବଡ଼ ଧରଣର ଅପରେସନ୍ ହୋଇଥିଲା। ଦୀର୍ଘ ଘଣ୍ଟାର ସର୍ଚ୍ଚ ପରେ ପୁଲିସକୁ ସଫଳତା ମିଳିଥିଲା। ଲଗାତାର ଦୁଇ ଚଢଉରେ ୧.୫ ଲକ୍ଷ ଟାବଲେଟ ଜବତ ହୋଇଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୪୫ କୋଟି ଟଙ୍କା ହେବ । ଘଟଣାରେ ୪ ଡ୍ରଗ୍ସ ମାଫିଆଙ୍କୁ ଗିରଫ କରିଛି କଚାର ପୁଲିସ । ଏତେ ବଡ଼ ଧଳାଜହର କାରବାର ପଛରେ ଆଉ କିଏ କିଏ ରହିଛନ୍ତି ତା'ର ଖୋଳତାଡ଼ ଜାରି ରହିଛି । ଏହାପୂର୍ବରୁ ମଣିପୁର ଏବଂ ମିଜୋରାମର ସୁରକ୍ଷାବାହିନୀଙ୍କ ଦ୍ୱାରା ୫.୭ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଡ୍ରଗ୍ସ ଜବତ ହୋଇଥିଲା। ଜଣେ ପ୍ରତିରକ୍ଷା ମୁଖ୍ୟପାତ୍ର କହିଥିଲେ ଯେ, ଆସାମ ରାଇଫଲ୍ସ ମଣିପୁରର ନୋନୀ ଜିଲ୍ଲାରୁ ଜଣେ ଡ୍ରଗ୍ସ ଚାଲାଣକାରୀଙ୍କୁ ଗିରଫ କରିବା ସହିତ ବିପୁଳ ବେଆଇନ ଡ୍ରଗ୍ସ ଜବତ କରିଥିଲେ। ସନ୍ଦିଗ୍ଧ ଡ୍ରଗ୍ସ ମାଫିଆ ଜାତୀୟ ରାଜପଥ-୩୭ ଦେଇ ଇମ୍ଫାଲରୁ ଜିରିବାମକୁ ଏକ ଟ୍ରକ୍‌ରେ ଯାଉଥିବାବେଳେ ଧରା ପଡ଼ିଥିଲେ। ସର୍ଚ୍ଚ ଅପରେସନ୍ ସମୟରେ ଡ୍ରଗ୍ସ ବ୍ୟବସାୟୀଙ୍କଠୁ ୫୬୯.୨୪ ଗ୍ରାମ୍‌ର ହେରୋଇନ୍ ଏବଂ ବିପୁଳ ପରିମାଣର ଆମ୍ଫେଟାଣାଇନ୍ ଟାବଲେଟ୍ ଜବତ ହୋଇଥିଲା, ଯାହାର ଆନୁମାନିକ ମୂଲ୍ୟ ୫କୋଟି ଟଙ୍କା ହେବ । ଡ୍ରଗ୍ସ ପଡୋଶୀ ମିଆଁମ୍ୟାରରୁ ଚୋରା ଚାଲାଣ କରାଯାଉଥିବା ଅନୁମାନ କରାଯାଇଥିଲା। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏକ୍ସରେ ଖବର ବାବଦରେ କହିଛନ୍ତି, "୪୫ କୋଟି ଟଙ୍କାର ଡ୍ରଗ୍ସ ଜବତ ହୋଇଛି । ଦୁଇ ସଫଳ ଡ୍ରଗ୍ସ କାରବାର ବିରୋଧୀ ଅଭିଯାନରେ କଚାର ପୁଲିସକୁ ସଫଳତା ମିଳିଛି । ଘଟଣାରେ ୪ ଜଣ ଗିରଫ ହୋଇଛନ୍ତି ।"